
‘କଲ୍‌କି ୨୮୯୮
ଏଡି ୨’ରେ ପ୍ରଭାସ
▶ପୃଷ୍ଠା ୧୧ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-190 ◆MONDAY ◆5 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୯୦ ◆ସୋମବାର ◆୫ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଗଙ୍ଗୋତ୍ରୀରେ ତାପମାତ୍ରା ବିଯୁକ୍ତ ୨୨ ଡିଗ୍ରୀ | ବରଫ ପାଲଟିଲା ନଦୀ, ଝରଣା



■ ନୂଆଦିଲ୍ଲୀ,୪।୧(ଏଜେନ୍ସି): ସାରା ଉତ୍ତର ଭାରତରେ ଶୀତର ଲହରି ଜାରି ରହିଛି ଓ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜମ୍ମୁ-କଶ୍ମୀର ଓ ହିମାଚଳ ପ୍ରଦେଶରେ ଉଚ୍ଚ ସ୍ଥାନମାନଙ୍କରେ ତାପମାତ୍ର ଶୂନ ଡିଗ୍ରୀଠାରୁ ତଳକୁ ଖସିଛି। ଉତ୍ତରାଖଣ୍ଡର ଉତ୍ତରକାଶୀର ଗଙ୍ଗୋତ୍ରୀ କ୍ଷେତ୍ରରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୨୨ ଡିଗ୍ରୀରେ ପହଞ୍ଚିଛି। ଫଳରେ ଭାଗୀରଥୀ ନଦୀରେ ଜଳ ବରଫରେ ପରିଣତ ହୋଇଛି। ଝରଣାଗୁଡ଼ିକ ମଧ୍ୟ ବରଫ ପାଲଟିଯାଇଛି। ୬ଟି ଜିଲ୍ଲାରେ କୋଲ୍ଡ ଡେ ଘୋଷଣା କରାଯାଇଛି।

ସେହିଭଳି ହିମାଚଳ ପ୍ରଦେଶରେ ୩ ଦିନ ଘନ କୁହୁଡି ଜାରି ରହିବ ବୋଲି ସତର୍କତା ଜାରି କରାଯାଇଛି। କୁକୁମସେରୀରେ ତାପମାତ୍ର ବିଯୁକ୍ତ ୬ ଡିଗ୍ରୀରେ ପହଞ୍ଚିଛି। ରାଜସ୍ଥାନର ୧୪ଟି ଜିଲ୍ଲାରେ ଘନ କୁହୁଡି ଆଚ୍ଛାଦିତ ହୋଇ ରହିଛି। ଏହି ରାଜ୍ୟର ୫ ଜିଲ୍ଲାରେ ଶୀତ ଲହରି ଓ ୯ ଜିଲ୍ଲାରେ ଘନ କୁହୁଡି ନେଇ ସତର୍କତା ଜାରି

### ଜାଡ଼ରେ ଜଡ଼ ଉତ୍ତରାଖଣ୍ଡ
### ରାଜସ୍ଥାନର ୧୪ ଜିଲ୍ଲାରେ କୁହୁଡ଼ି

କରାଯାଇଛି। ରାଜସ୍ଥାନର ପ୍ରସିଦ୍ଧ ଶୈଳନିବାସ ମାଉଣ୍ଟ ଆବୁରେ କ୍ରମାଗତ ଦ୍ୱିତୀୟ ଦିନରେ ପାରା ୦ ଡିଗ୍ରୀରେ ପହଞ୍ଚିଥିଲା। ମଧ୍ୟପ୍ରଦେଶର ଭୋପାଳରେ ଚଳିତ ଶୀତ ଋତୁରେ ପ୍ରଥମଥର ପାଇଁ ଦିନସାରା କୁହୁଡି ଛାଇ ହୋଇ ରହିଥିଲା। ୧୧ଟି ସହରର ତାପମାତ୍ରା ୨୦ ଡିଗ୍ରୀ ତଳେ ଥିଲା। ଆଗାମୀ ୧୫ ଦିନ ଶୀତ ଲହରି ଜାରି ରହିବା ନେଇ ସତର୍କତା ଜାରି କରାଯାଇଛି। ଉତ୍ତର ପ୍ରଦେଶରେ ୩ ଦିନ ଭିଷଣ ଥଣ୍ଡା ପଡିବ।

ଦିଲ୍ଲୀରେ ଆଜି ସକାଳେ ଘନ କୁହୁଡି ଛାଇ ହୋଇ ରହିଥିଲା। ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବିମାନ ଉଡାଣ ବିଳମ୍ବିତ ହୋଇଥିଲା। ଉତ୍ତର ଭାରତରେ ଘନ କୁହୁଡି କାରଣରୁ କେତୋଟି ବିମାନବନ୍ଦରରେ ବିମାନ ଚଳାଚଳ ପ୍ରଭାବିତ ହୋଇପାରେ ବୋଲି ଏୟାର ପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ସୂଚନା ଦେଇଛି। ବିମାନ ବନ୍ଦର ଯିବା ପୂର୍ବରୁ ନିଜ ବିମାନର ସ୍ଥିତି ଯାଞ୍ଚ୍ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।


# ନ୍ୟୁୟର୍କ ଜେଲ୍‌ରେ ନିକୋଲାସ୍

### ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣକୁ ବିଶ୍ୱବ୍ୟାପୀ ବିରୋଧ
### ଉଦ୍‌ବେଗ ପ୍ରକାଶ କଲା ଭାରତ
### କଲମ୍ବିଆ, ମେକ୍ସିକୋ ଓ କ୍ୟୁବାକୁ ଟ୍ରମ୍ପଙ୍କ ଧମକ



■ ୱାସିଂଟନ, ୪।୧ (ଏଜେନ୍ସି): ଭେନେଜୁଏଲାରେ ଆମେରିକାର ଆକ୍ରମଣ ଏବଂ ସେଠାର ରାଷ୍ଟ୍ରପତି ନିକୋଲାସ ମାଡୁରୋଙ୍କୁ ଉଠାଇ ଆଣି ଜେଲରେ ରଖିବା ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମେରିକାର ମିତ୍ର ୟୁରୋପୀୟ ରାଷ୍ଟ୍ର ନିରବତା ଅବଲମ୍ବନ କରିଥିବା ବେଳେ ଚୀନ, ରୁଷ, କୋରିଆ ସମେତ ଅନେକ ରାଷ୍ଟ୍ର ଏହାର ନିନ୍ଦା କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ସେମାନେ ଗୁଣ୍ଡାଗର୍ଦ୍ଦି ବୋଲି କହିଛନ୍ତି। ଭାରତ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ ଏହା ଏକ ଚିନ୍ତାର ବିଷୟ। ଆଲୋଚନା ଦ୍ୱାରା ସମାଧାନ ପାଇଁ ଭାରତ ପରାମର୍ଶ ଦେଇଛି। ଅନ୍ୟପକ୍ଷରେ ଟ୍ରମ୍ପ ବିଶ୍ୱ ନେତାଙ୍କ ପ୍ରତିକ୍ରିୟାକୁ ଖାତିର ନକରି ତାଙ୍କର କାର୍ଯ୍ୟାନୁଷ୍ଠାନକୁ ଯୁକ୍ତିଯୁକ୍ତ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ଡ୍ରଗ୍ସ ସନ୍ତ୍ରାସବାଦରେ ମାତିଥିଲେ। ଏହା ଆମେରିକାବାସୀଙ୍କ ଜୀବନ ପ୍ରତି ଘୋର ବିପଦ ସୃଷ୍ଟି କରିଥିଲା। ଭେନେଜୁଏଲା ଭଳି ସେ କ୍ୟୁବା, ମେକ୍ସିକୋ ଏବଂ କଲମ୍ବିଆ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି।

### ଡେଲ୍‌ସି ରୋଡ୍ରିଗ୍ସ ଭେନେଜୁଏଲାର ରାଷ୍ଟ୍ରପତି



ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଆମେରିକାର ଚେତାବନୀ ସତ୍ତ୍ୱେ ନିକୋଲାସ ଡ୍ରଗ୍ସ ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ଲିପ୍ତ ରହିଥିଲେ। ସେ ଭେନେଜୁଏଲାରେ ଡ୍ରଗ୍ସ ଉତ୍ପାଦନ କରିବା ସହିତ ଏହାକୁ ଆମେରିକା ପଠାଉଥିଲେ। ଏହା ଆମରିକା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିଲା। ନିକୋଲାସ ସରକାର ପତନ ପରେ ଆମେରିକା ମର୍ଜିରେ ସେଠାରେ ଶାସନ ଚାଲିବ। ଭେନେଜୁଏଲାରେ ଗଚ୍ଛିତ ତେଲ ଭଣ୍ଡାରର ସଦୁପଯୋଗ କରାଯାଇ ସେହି ଦେଶର ବିକାଶ କରାଯିବ ବୋଲି ଟ୍ରମ୍ପ କହିଛନ୍ତି। ଏହାସହିତ ସେ କ୍ୟୁବା, କଲମ୍ବିଆ ଏବଂ ମେକ୍ସିକୋକୁ ▶ପୃଷ୍ଠା-୭

### ଆନ୍ଧ୍ରର ବନ୍‌କାଚେର୍‌ଲା ପ୍ରକଳ୍ପ ବିରୋଧରେ ଲଢୁଛି ତେଲଙ୍ଗାନାର ‘ସିଙ୍ଗଲ ଇଞ୍ଜିନ’

# ପୋଲାଭରମ୍ ପାଇଁ ନିରବ ‘ଟ୍ରିପଲ୍ ଇଞ୍ଜିନ’

### ମାଲକାନଗିରିର ଜନଜାତିଙ୍କ ଜୀବନଜୀବିକା ପାଇଁ ପୋଲାଭରମ୍ ବିପଦ
### ଓଡ଼ିଶାର ବାରମ୍ବାର ଦାବି ସତ୍ତ୍ୱେ ହେଉନି ପଛୁଆ ଜଳ ପ୍ରଭାବର ସର୍ଭେ



■ ଭୁବନେଶ୍ୱର,୪।୧(ସମିସ): ଆନ୍ଧ୍ର ପ୍ରଦେଶ ସରକାରଙ୍କ ପୋଲାଭରମ-ବନକାଚେରଲା ପ୍ରକଳ୍ପ ନେଇ ତେଲଙ୍ଗାନା ସରକାର ଲଗାତାର ଭାବେ ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖିଛନ୍ତି। ଏହି ପ୍ରକଳ୍ପ ଯୋଗୁଁ ତେଲଙ୍ଗାନାର ଜଳ ଅଧିକାର ଉପରେ ଏହା ଅତ୍ୟନ୍ତ କୁପ୍ରଭାବ ପକାଇବା ନେଇ ଆଶଙ୍କା କରି ତେଲଙ୍ଗାନା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ଏହି ମାମଲାର ଗୁରୁତ୍ୱକୁ ଅନୁଭବ କରି ଆସନ୍ତାକାଲି ଅର୍ଥାତ୍ ସୋମବାର ଏହାର ଶୁଣାଣି କରିବେ। ପୂର୍ବରୁ ତେଲଙ୍ଗାନାର ଦୃଢ଼ ବିରୋଧ କାରଣରୁ ଆନ୍ଧ୍ର ସରକାର ଏହି ପ୍ରକଳ୍ପର ଡିପିଆର୍‌କୁ ବାତିଲ୍ କରିଥିଲେ। ଏବେ ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ହେବା ତେଲଙ୍ଗାନାର ନୈତିକ ବିଜୟ ବୋଲି କୁହାଯାଉଛି। ଅପରପକ୍ଷେ ପୋଲାଭରମ ପ୍ରକଳ୍ପ କାରଣରୁ ଓଡ଼ିଶା ସର୍ବାଧିକ ପ୍ରଭାବିତ ହେବାକୁ ଥିବା ବେଳେ ରାଜ୍ୟ ସରକାର ଏନେଇ ଅସମ୍ଭବ ନିରବତା ଅବଲମ୍ବନ କରିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି।

ଓଡ଼ିଆ ଅସ୍ମିତା ଓ ବିକାଶର ନାରା ଦେଇ ବିଜେପି ରାଜ୍ୟରେ ସରକାର ଗଢ଼ିବା ପରେ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଥିବା କାରଣରୁ ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରୁଥିବା ମହାନଦୀ ଏବଂ ପୋଲାଭରମ୍ ସମସ୍ୟା ତୁଟିବା ନେଇ ଆଶା କରିଥିଲେ ରାଜ୍ୟବାସୀ। ମାତ୍ର ପୋଲାଭରମ ପ୍ରକଳ୍ପ ମାମଲାରେ ରାଜ୍ୟ ସରକାର କାହିଁକି ତୁନି ରହିଛନ୍ତି, ତାହାକୁ ନେଇ କାହା ପାଖରେ ଉତ୍ତର ନାହିଁ। ଗୋଟିଏ ପଟେ ତେଲଙ୍ଗାନାରେ କଂଗ୍ରେସ ସରକାର ରହିଛି। ରାଜ୍ୟସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ପୋଲାଭରମ-ବନକାଚେରଲା ଲିଙ୍କ୍ ପ୍ରକଳ୍ପକୁ ଦୃଢ଼ ବିରୋଧ କରି ଆସୁଛନ୍ତି। ଏହି ପ୍ରକଳ୍ପ ଭବିଷ୍ୟତରେ ରାଜ୍ୟର ଜଳସେଚନ ଏବଂ ପାନୀୟ ଜଳ ପ୍ରକଳ୍ପ ଉପରେ ପ୍ରଭାବ ପକାଇବ ବୋଲି ସ୍ଥାନୀୟ ସରକାର ଆଶଙ୍କା କରୁଛନ୍ତି। ସେଥିପାଇଁ ସବୁ ମହଲରେ ତେଲଙ୍ଗାନା ଏହି ୮୧ ହଜାର କୋଟି ଟଙ୍କାର ବୃହତ୍ ପ୍ରକଳ୍ପକୁ ବିରୋଧ କରି ଆସୁଛି। ତେଲଙ୍ଗାନାର ଦୃଢ଼ ବିରୋଧ କାରଣରୁ ନିକଟରେ ଆନ୍ଧ୍ର ପ୍ରଦେଶ ସରକାର ପ୍ରକଳ୍ପ ପାଇଁ ପ୍ରସ୍ତୁତ ଡିପିଆରକୁ ବାତିଲ କରିଛି। ଆସନ୍ତାକାଲି ସୁପ୍ରିମକୋର୍ଟରେ ମାମଲାର ଶୁଣାଣିରେ ତେଲଙ୍ଗାନା ନ୍ୟାୟ ପାଇବ ବୋଲି ▶ପୃଷ୍ଠା-୭

## ଓମ୍‌ସାର ୨ ଘଣ୍ଟିଆ ଓପିଡି ସେବା ବନ୍ଦ ଆଜିଠୁ

■ ଭୁବନେଶ୍ୱର,୪।୧(ସମିସ): ଆସନ୍ତାକାଲିଠାରୁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଘଣ୍ଟିକିଆ ପରିବର୍ତ୍ତେ ପ୍ରତିଦିନ ୨ ଘଣ୍ଟିଆ ଓପିଡି ସେବା ବନ୍ଦ କରିବ। ପୂର୍ବରୁ ଏନେଇ ଓମସା ଘୋଷଣା କରିଥିବା ବେଳେ ସୋମବାରଠାରୁ ଦିନ ୯ଟାରୁ ୧୧ଟା ଯାଏଁ ଓପିଡି ସେବା ବର୍ଜନ କରିବ ବୋଲି ସଂଘ ସୂତ୍ରରୁ ଜଣାପଡ଼ିଛି।


ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି ଯେ ନ୍ୟାଯ୍ୟ ଦାବି ପୂରଣ ପାଇଁ ସଂଘ ପ୍ରଥମେ କଳା ପୋଷାକ ପରିଧାନ କରିଥିଲା। ମାତ୍ର ସରକାର ଦାବି ନଶୁଣିବାରୁ ଆମେ ବାଧ୍ୟ ହୋଇ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କାର୍ଯ୍ୟକ୍ରମ କରିଥିଲୁ। ମାତ୍ର ବୋଧହୁଏ, ଏହା ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ନାହିଁ। ତେଣୁ ▶ପୃଷ୍ଠା-୭

### ୭ ମୁଣ୍ଡ ଗଡ଼ିବା ପରେ ଚେତିଲେ ସରକାର

# କଡ଼ାକଡ଼ି ହେଲା ‘ଆମ ବସ୍’ ଯାଞ୍ଚ

■ ଭୁବନେଶ୍ୱର, ୪।୧ (ସମିସ): ରାଜଧାନୀ ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳରେ ଗତ ୧୧ ମାସ ମଧ୍ୟରେ ‘ଆମ ବସ୍’ ଶତାଧିକ ଦୁର୍ଘଟଣା ଘଟାଇବା ସହ ୭ ଜଣଙ୍କ ଜୀବନ ନେଇଛି। ଆମ ବସ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଓ ଦ୍ରୁତଗତିକୁ ବିରୋଧ କରି ବିଭିନ୍ନ ସମୟରେ ଜନଅସନ୍ତୋଷ ଉଗ୍ର ରୁପ ନେଇଛି। ଇତିମଧ୍ୟରେ ରାଜଧାନୀରେ

### ଗଠନ ହେଲା ଉଚ୍ଚସ୍ତରୀୟ କମିଟି



‘ଆମ ବସ୍’ ଦୁର୍ଘଟଣାରେ ଦୁଇ ଜଣଙ୍କ ଜୀବନ ଯିବା ପରେ ରାଜ୍ୟ ସରକାର ଚେତିଛନ୍ତି। ‘ଆମ ବସ୍’ର ପରିବହନ ସେବା, ଯାତ୍ରୀଙ୍କ ସୁରକ୍ଷା ଏବଂ ପରିଚାଳନା ଉପରେ ରବିବାର ସରକାରୀସ୍ତରରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଆମ ବସ୍ ସେବାର ନିୟମିତ ତଦାରଖ, ପରିଚାଳନା ଶୃଙ୍ଖଳାରେ ଉନ୍ନତି ଏବଂ ଯାତ୍ରୀ ସୁରକ୍ଷା ବୃଦ୍ଧି ପ୍ରତି ଦୃଷ୍ଟି ଦେଇ ଗୃହ ଏବଂ ନଗର ଉନ୍ନୟନ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ପରିବହନ ▶ପୃଷ୍ଠା-୭



ଆଜିର ‘ସକାଳ’ ସହ ସଂଗ୍ରହ କରନ୍ତୁ ‘ବାର୍ଷିକ କ୍ୟାଲେଣ୍ଡର’

## ୬ରୁ ପୁଣି ବଢ଼ିବ ଶୀତ

### ଆଉ ୩ଦିନ ଘନ କୁହୁଡ଼ି

■ ଭୁବନେଶ୍ୱର, ୪।୧ (ସମିସ): ରାଜ୍ୟକୁ ପୁଣି ଫେରିବ ଶୀତ। ୬ ତାରିଖରୁ ତାପମାତ୍ରା କ୍ରମାଗତ ଭାବେ ହ୍ରାସ ପାଇବ। ଫଳରେ ଶୀତ ବଢ଼ିବ। ବର୍ତ୍ତମାନ ଓଡ଼ିଶା ଉପରେ ଏକ ପଶ୍ଚିମାଝଡ଼ର ପ୍ରଭାବ ରହିଥିବାରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇଛି। ୩ ଦିନ ହେଲା ଶୀତର ପ୍ରକୋପ ସାମାନ୍ୟ ହ୍ରାସ ପାଇଛି। କିନ୍ତୁ ୬ ତାରିଖରୁ ଏହି ସ୍ଥିତିରେ ପରିବର୍ତ୍ତନ ଆସିବ। ତାପମାତ୍ରା ୪-୫ ଡିଗ୍ରୀ ହ୍ରାସ ପାଇବ ଓ ପୁଣି ▶ପୃଷ୍ଠା-୭


SIKSHA ‘O’ ANUSANDHAN
SAAT-2026
Empowering students for a brighter future
CORE B.TECH PROGRAMMES IN COMPUTING
■ Computer Science and Engineering
■ Computer Science and Information Technology
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in


**ଅଶୁଭ ରବିବାର**

# ଦୁର୍ଘଟଣାରେ ଚାଲିଗଲା ୧୦ ଜୀବନ

## ଆନ୍ଧ୍ରରେ ବାଲେଶ୍ୱରର ୩ ମୃତ

■ ପାରଳାଖେମୁଣ୍ଡି,୪।୧(ସମିସ): ଗଜପତି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ଜିଲ୍ଲା ସୋମପେଣ୍ଟ ମଣ୍ଡଳ ଅନ୍ତର୍ଗତ ବାରୁଆ ଛକ ନିକଟ ଜାତୀୟ ରାଜପଥରେ ଏକ ଭୟଙ୍କର ଦୁର୍ଘଟଣାରେ ୩ ଓଡ଼ିଆଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତକଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳି ନ ଥିବା ବେଳେ ସେମାନଙ୍କ ଘର ବାଲେଶ୍ୱର ଅଞ୍ଚଳର ବୋଲି କୁହାଯାଉଛି। ମୃତ ମହିଳାଙ୍କ ନାମ କନକଲତା(୩୨) ଏବଂ ଦୁଇ ପୁଅର ନାମ ଅଭି(୮) ଓ ଆଦିତ୍ୟ (୧) ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି। ଦୁର୍ଘଟଣାରେ ମହିଳାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି।



ଦୁଇ ପୁଅଙ୍କ ସହ ମହିଳା ମୃତ, ସ୍ୱାମୀ ଗୁରୁତର

ସୂଚନାନୁଯାୟୀ, ମୃତ ମହିଳାଜଣଙ୍କ ସ୍ଥଳସେନାରେ ଜଣେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ବିଶାଖାପାଟଣାରେ କାର୍ଯ୍ୟରତ ଥିଲେ। ସ୍ୱାମୀ ଓ ଦୁଇ ପୁଅଙ୍କ ସହ ▶ପୃଷ୍ଠା-୭

## ଗାଡ଼ି ଧକ୍କାରେ ଚାଲିଗଲେ ଦୁଇ ସାଙ୍ଗ

■ ବଅଁରପାଳ,୪।୧(ସମିସ): ବଅଁରପାଳ ଥାନା ବଉଳିଗଡ଼ ଆମନା ନିକଟରେ ରବିବାର ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଦୁଇ ସାଙ୍ଗଙ୍କ ଜୀବନ ଯାଇଛି। ସେମାନେ ହେଲେ କଲଣ୍ଡା ଗାଁର ଶାନ୍ତନୁ ବେହେରା (୩୮) ଓ ଆମନା ଗାଁର ଅନିଲ ପ୍ରଧାନ (୩୨)। ଶାନ୍ତନୁ ଓ ଅନିଲ ତାଳଚେର ଅଞ୍ଚଳରେ ଗାଡ଼ି ଚାଳକ ଭାବରେ କାମ କରୁଥିଲେ। ରବିବାର ସନ୍ଧ୍ୟାରେ କାମ ସାରି ବାଇକରେ ଘରକୁ ଫେରୁଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ▶ପୃଷ୍ଠା-୭

### ଅଧାରେ ରହିଗଲା ବାହାଘର କାର୍ଡ ବଣ୍ଟା

## କକା-ପୁତୁରାଙ୍କ ସମେତ ୫ ମୃତ

■ ଡୁଙ୍ଗୁରିପାଲି/ସମ୍ବଲପୁର, ୪।୧(ସମିସ): ଅଧା ରହିଗଲା ବାହାଘର କାର୍ଡ ବଣ୍ଟା। ଦୁର୍ଘଟଣାରେ ଚାଲିଗଲା ପାଞ୍ଚ ଜଣଙ୍କ ଜୀବନ। ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲ୍ଲାରେ ପୃଥକ୍ ପୃଥକ୍ ସ୍ଥାନରେ ଆଜି ଏହି ଅଘଟଣ ଘଟିଛି। ସୁବର୍ଣ୍ଣପୁରରେ ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ କକା-ପୁତୁରାଙ୍କ ମୃତ୍ୟୁ ଘଟିଥିବା ବେଳେ ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ସୁନାପାଲି ଅଞ୍ଚଳର ୩ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ବିନିକା ଥାନା ଅନ୍ତର୍ଗତ ଚରଦା ଗ୍ରାମର ଭଜନ ବାଗ (୩୨) ଓ ତାଙ୍କ ପୁତୁରା ପାର୍ଥ ବାଗ(୧୪) ଏବଂ ଧନୁପାଲି ଥାନା ସୁନାପାଲି ଅଞ୍ଚଳର ଏମଡି ୱାସିଫ, ମହମ୍ମଦ ଜିଆଉଲ୍ ଓ ଏମଡି ସିଫାନ।



▶ପୃଷ୍ଠା-୭

# ଇରାନର ୩୦ ସହରରେ ଆନ୍ଦୋଳନ; ଗୁଳିରେ ୪ ମୃତ

**ତେହେରାନ,୪ ।୧(ଏଜେନ୍ସି):** ଦରଦାମ ବୃଦ୍ଧି ବିରୋଧରେ ଇରାନର ୩୦ ରାଜ୍ୟରେ ଚାଲିଥିବା ଆନ୍ଦୋଳନ କ୍ରମାଗତ ୭ମ ଦିନରେ ପହଞ୍ଚିଛି। ପଶ୍ଚିମ ଇରାନରେ ଶନିବାର ଆନ୍ଦୋଳନକାରୀ ଓ ପୁଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଠାରେ ପୁଲିସ ଗୁଳିରେ ୪ଜଣ ମୃତ୍ୟୁବରଣ କରିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଇଲାମ ରାଜ୍ୟର ମାଲେକଶାହି ଅଞ୍ଚଳରେ ଆନ୍ଦୋଳନକାରୀଙ୍କ ଥାନାରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ଅଟକାଇବା ପାଇଁ ଇରାନ ରିଭୋଲ୍ୟୁସନାରୀ ଗାର୍ଡ ଗୁଳି ଚଳାଇଥିଲା। ଏଥିରେ ଇରାନର କୁର୍ଦ୍ଦିଶ ସମ୍ପ୍ରଦାୟର ୪ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏହି ସଂଘର୍ଷରେ ଜଣେ ପୁଲିସ କର୍ମଚାରୀ ମଧ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି ଇରାନ ସରକାରୀ ଗଣମାଧ୍ୟମ ତରଫରୁ କୁହାଯାଇଛି।

# ନାବାଳିକାଙ୍କୁ ଗଣଦୁଷ୍କର୍ମ

**ବେଙ୍ଗାଲୁରୁ,୪ ।୧(ଏଜେନ୍ସି):** କର୍ଣ୍ଣାଟକ ହୁବଲିରେ ଜଣେ ୧୩ ବର୍ଷୀୟ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ୩ ଅଭିଯୁକ୍ତ ମଧ୍ୟ ନାବାଳକ। ସେମାନେ ପୀଡିତାଙ୍କ ଘର ପାଖରେ ରୁହନ୍ତି। ଝିଅର ବାପା ଓ ମା ବାହାରେ ଥିବା ସମୟରେ ସେମାନେ ଏହି କାଣ୍ଡ ଘଟାଇଥିଲେ। ସେମାନ ପୀଡିତାଙ୍କୁ ଏକ ନିର୍ଜନ ଅଞ୍ଚଳକୁ ନେଇଯାଇ ଦୁଷ୍କର୍ମ କରି ଭିଡିଓ ରେକର୍ଡ କରିଥିଲେ। ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ବରୋଧରେ ପୋକ୍ସୋ ଆଇନ୍ ଅନୁଯାୟୀ ମାମଲା ରୁଜୁ କରିଛି। ପୁଲିସର ସୂଚନା ଅନୁଯାୟୀ ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇଜଣ ହାଇସ୍କୁଲ ଛାତ୍ର। ଅନ୍ୟ ଜଣେ ପାଠପଢ଼ା ଛାଡ଼ି ସାରିଛନ୍ତି।

# ୬ ବର୍ଷର ଶିଶୁକୁ ଗଣଦୁଷ୍କର୍ମ ପରେ ହତ୍ୟା

**ଲକ୍ଷ୍ନୌ,୪।୧ (ଏଜେନ୍ସି):** ଉତ୍ତରପ୍ରଦେଶ ବୁଲନ୍ଦସହରରେ ୬ ବର୍ଷର ଶିଶୁକନ୍ୟାକୁ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଛି। ଅଭିଯୁକ୍ତମାନେ ନିଜର ପରିଚୟକୁ ଲୁଚାଇବା ପାଇଁ ଏହି ଝିଅକୁ ଛାତ ଉପରୁ ତଳକୁ ପକାଇ ମାରିଛନ୍ତି। ଗତ ଶୁକ୍ରବାର ଏହି ଘଟଣା ଘଟିଥିଲା। ନାବାଳିକା ଗୁରୁତର ଆହତ ହୋଇଥିବା ପୁଲିସକୁ ସୂଚନା ମିଳିଥିଲା। ତାଙ୍କୁ ତୁରନ୍ତ ସିକନ୍ଦରାବାଦ୍‌ର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ଶିଶୁକନ୍ୟାକୁ ମୃତ ଘୋଷଣା କରିଥିଲେ।

# ବାଂଲାଦେଶରେ ହିନ୍ଦୁ ନେତାଙ୍କ ପ୍ରାର୍ଥୀପତ୍ର ନାକଚ

**ଢାକା,୪ ।୧(ଏଜେନ୍ସି):** ବାଂଲାଦେଶରେ ଜଣେ ହିନ୍ଦୁ ନେତାଙ୍କୁ ନିର୍ବାଚନ ଲଢ଼ିବାରୁ ବାରଣ କରାଯାଇଛି। ଗୋବିନ୍ଦ ଚନ୍ଦ୍ର ପ୍ରମାଣିକ ଗୋପାଳଗଞ୍ଜ-୩ ଆସନ ପାଇଁ ନାମାଙ୍କନ ଦାଖଲ କରିଥିଲେ। କିନ୍ତୁ ରିଟର୍ଣ୍ଣି ଅଧିକାରୀ ଏହାକୁ ରଦ୍ଦ କରି ଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ହସିନା ୱାଜେଦ ଗୋପାଳଗଞ୍ଜ-୩ରେ ସାଂସଦ ଥିଲେ। ଏଠାରେ ୫୦ ପ୍ରତିଶତରୁ ଅଧିକ ହିନ୍ଦୁ ଭୋଟର ରହିଛନ୍ତି। ଏହି ଆସନରୁ ଓକିଲ ଗୋବିନ୍ଦ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ଚାହୁଁଥିଲେ। ସେ ବାଂଲାଦେଶ ଜାତୀୟ ହିନ୍ଦୁ ମହାଜୋତ (ବିଜେଏଚ୍ଏମ୍) ସଂଗଠନର ମହାସଚିବ ଅଛନ୍ତି। ଏହା ଆରଏସ୍ଏସ୍ ସହ ଜଡିତ। ନାମାଙ୍କନ ପତ୍ର ଫେରାଯିବା ନେଇ ଗୋବିନ୍ଦ ଖାଲେଦା ଜିଆଙ୍କ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)କୁ ଦାୟୀ କରିଛନ୍ତି। ବିଏନ୍‌ପି ଚାପରେ ପ୍ରାର୍ଥୀ କରିବାକୁ ସମ୍ମତି ଦେଇଥିବା ଭୋଟର ମାନେ ଯାଇ ଅଭିଯୋଗ କରିବାରୁ ପ୍ରାର୍ଥୀପତ୍ର ନାକଚ କରିଦିଆଗଲା ବୋଲି ଗୋବିନ୍ଦ କହିଛନ୍ତି।

# ନାଇଜେରିଆରେ ବନ୍ଧୁକଧାରୀଙ୍କ ଆକ୍ରମଣରେ ୩୦ ମୃତ

**ଅବୁଜା,୪ ।୧(ଏଜେନ୍ସି):** ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆର ଉତ୍ତର ଭାଗରେ ଥିବା ନାଇଜର ରାଜ୍ୟର ଏକ ଗାଁ ଉପରେ ବନ୍ଧୁକଧାରୀମାନେ ଏକ ଗାଁ ଉପରେ ଆକ୍ରମଣ କରିଛନ୍ତି। ଏଥିରେ ଅତିକମ୍‌ରେ ୩୦ଜଣ ଲୋକ ପ୍ରାଣ ହରାଇଛନ୍ତି। କେତେକ ଗ୍ରାମବାସୀଙ୍କୁ ଆକ୍ରମଣକାରୀମାନେ ଅପହରଣ କରି ନେଇଯାଇଛନ୍ତି ବୋଲି ସ୍ଥାନୀୟ ପୁଲିସ ସୂଚନା ଦେଇଛି। ଏହି ରାଜ୍ୟ ଦୀର୍ଘବର୍ଷ ଧରି ହତ୍ୟା, ଅପହରଣ ଓ ଅସୁରକ୍ଷା ସମସ୍ୟା ଦେଇ ଗତି କରିଆସୁଛି। କସୁବାନ-ଦାଜୀ ଗାଁରେ ଶନିବାର ସନ୍ଧ୍ୟାରେ ହିଁ ଏହି ଆକ୍ରମଣ ହୋଇଥିଲା। ଆକ୍ରମଣକାରୀମାନେ ଅଚାନକ ଗାଁରେ ପଶି ଆଖିବୁଜା ଗୁଳି ଚଳାଇଥିଲେ ଓ ଗାଁର ବଜାର ଓ କେତୋଟି ଘରେ ନିଆଁ ଲଗାଇ ଦେଇଥିଲେ।

# ରାସନ କାର୍ଡଧାରୀଙ୍କୁ ୩ ହଜାର ଟଙ୍କା ଦେବେ ତାମିଲନାଡୁ ସରକାର

**ଚେନ୍ନାଇ,୪ ।୧(ଏଜେନ୍ସି):** ତାମିଲନାଡୁ ସରକାର ଗଣପର୍ବ ପୋଙ୍ଗାଲ ପୂର୍ବରୁ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ବଡ଼ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ରବିବାର ରାଜ୍ୟର ସବୁ ରାସନ କାର୍ଡଧାରୀଙ୍କୁ ଏକ ପୋଙ୍ଗାଲ ସେଟ୍ ସହ ନଗଦ ୩ ହଜାର ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ଶରଣାର୍ଥୀ ଶିବିରରେ ରହୁଥିବା ସିଂହଳୀ ତାମିଲମାନେ ମଧ୍ୟ ଏହା ଦ୍ୱାରା ଲାଭବାନ ହେବେ। ରାଜ୍ୟବାସୀ ପୋଙ୍ଗାଲକୁ ଆନନ୍ଦ ଉଲ୍ଲାସର ପାଳନ କରିବା ପାଇଁ ସରକାର ସମସ୍ତ ଯୋଗ୍ୟ ପରିବାରକୁ ପୋଙ୍ଗାଲ ସେଟ୍ ଉପହାର ସ୍ୱରୂପ ପ୍ରଦାନ କରିବେ। ପୋଙ୍ଗାଲ ସେଟ୍‌ରେ ୧ କେଜି ଚାଉଳ, ୧ କେଜି ଚିନି, ଆଖୁବାଡ଼ି ରହିବ। ଏହି ଯୋଜନାରେ ୨୨,୨୯,୧୭୧୦ ପରିବାର ଉପକୃତ ହେବେ। ପୋଙ୍ଗାଲ ଉପହାର ସେଟ୍ ସହ ୩ ହଜାର ଟଙ୍କା ନଗଦ ସହାୟତା ପାଇଁ ରାଜ୍ୟ ସରକାର ମୋଟ୍ ୬,୯୩୬ କୋଟି ଟଙ୍କା ଖର୍ଚ୍ଚ କରିବେ।

# ବିଶ୍ୱରେ ରକ୍ତପାତ ପାଇଁ ଆମେ ଦାୟୀ: ବିହାର ରାଜ୍ୟପାଳ

**ଜବଲପୁର, ୪।୧ (ଏଜେନ୍ସି):** ବିଶ୍ୱରେ ଜାରି ରକ୍ତପାତ ପାଇଁ ମୁଖ୍ୟତଃ ଆମେ ଦାୟୀ। କାରଣ ଶାନ୍ତି ଏବଂ ଏକତାର ବାର୍ତ୍ତା ଥିବା ସତ୍ତ୍ୱେ ଭାରତ ଏହାକୁ ପ୍ରଭାବୀ ଭାବେ ବିଶ୍ୱ ନିକଟରେ ପହଞ୍ଚାଇ ପାରିନାହିଁ।ଜବଲପୁରରେ ଆୟୋଜିତ ଚତୁର୍ଥ ବିଶ୍ୱ ରାମାୟଣ ସମ୍ମିଳନୀରେ ସାମିଲ ହୋଇ ବିହାର ରାଜ୍ୟପାଳ ଆରିଫ ମହମ୍ମଦ ଖାନ ଏହି ମନ୍ତବ୍ୟ ଦେଇଛନ୍ତି। ବାଂଲାଦେଶୀ ହିନ୍ଦୁଙ୍କ ସହ ହେଉଥିବା ହିଂସାକୁ ସେ ନିନ୍ଦନୀୟ କହି ଏହା ମାନବ ସମବେଦନା ଏବଂ ଦୟାର ମାମଲା ବୋଲି ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ବିଶ୍ୱ ଶାନ୍ତି ଚାହୁଁଛି। କିନ୍ତୁ ପ୍ରତ୍ୟେକ ଯୁଗରେ ମଣିଷ ରକ୍ତର ଶସ୍ତା ଧରାଯାଇଛି ବୋଲି ଇତିହାସ କହୁଛି। ୧୯୪୮ ରେ ମାନବାଧିକାରର ଅବଧାରଣା ଆସିଥିଲା। ଏଥିରେ ମାନବ ପ୍ରତିଷ୍ଠାକୁ ମୂଳ ଆଧାର ଧରାଯାଇଛି। କିନ୍ତୁ ବ୍ୟବହାରରେ ଆଜି ବି ଆମେ ନିଜକୁ ଅନ୍ୟଠାରୁ ଶ୍ରେଷ୍ଠ ମାନୁଛୁ। 'ମୁଁ ଠିକ୍, ଅନ୍ୟ ସମସ୍ତେ ଭୁଲ୍' ହିଁ ହିଂସାକୁ ଜନ୍ମ ଦେଉଛି।

## ଭେନେଜୁଏଲା ଆକ୍ରମଣକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା

# ଗୁଣ୍ଡାଗର୍ଦ୍ଦି ଚଳାଇଛନ୍ତି ଟ୍ରମ୍ପ୍

**ନୂଆଦିଲ୍ଲୀ, ୪।୧ (ଏଜେନ୍ସି):** ଭେନେଜୁଏଲାର ତୈଳ ଭଣ୍ଡାର ଉପରେ ଆମେରିକାର ଲୋଲୁପ ଦୃଷ୍ଟି ପଡ଼ିଛି। ଏହାକୁ ହାତେଇବା ପାଇଁ ୱାସିଂଟନ ଦୀର୍ଘ ବର୍ଷ ହେଲା ଚକ୍ରାନ୍ତ କରିଆସିଛି। ବିଭିନ୍ନ ଆର୍ଥିକ କଟକଣା ଲଗାଇ ସର୍ବସ୍ୱାନ୍ତ କରିବା ପରି ଶୁକ୍ରବାର ମଧ୍ୟରାତ୍ରିରେ ଭେନେଜୁଏଲା ଉପରେ ଆକ୍ରମଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଆମେରିକା ବନ୍ଦୀ କରିଛି। ଉଭୟଙ୍କୁ ନ୍ୟୁୟର୍କ ନିଆଯାଇଛି। କ୍ଷମତା ବଳରେ କର୍ତ୍ତୃତ୍ୱ ଜାହିରରେ ଅପକୀର୍ତ୍ତି ଅର୍ଜନ କରିଥିବା ଆମେରିକାର ଏଭଳି ଆକ୍ରମଣକୁ ସାରା ବିଶ୍ୱ ନିନ୍ଦା କରୁଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁଣ୍ଡାଗର୍ଦ୍ଦି ଚଳାଇଛନ୍ତି ବୋଲି ଉତ୍ତର କୋରିଆ ପକ୍ଷରୁ କୁହାଯାଇଛି। ଆମେରିକାର ଏହି ନିନ୍ଦନୀୟ କାର୍ଯ୍ୟକଳାପ ଯେକୌଣସି ଦେଶର ସ୍ୱାଧୀନତା ଏବଂ ସାର୍ବଭୌମତ୍ୱ ଉପରେ ହୋଇଥିବା ସବୁଠାରୁ ଗମ୍ଭୀର ଆକ୍ରମଣ ବୋଲି ଉତ୍ତର କୋରିଆ ବୈଦେଶିକ ମନ୍ତ୍ରାଳୟ କହିଛି।

ଏହା ମଧ୍ୟରେ ଭେନେଜୁଏଲା ଆକ୍ରମଣର ଦିନକ ପରେ ଭାରତ ମୁହଁ ଖୋଲିଛି।

- ଶାନ୍ତି ଓ ଆଲୋଚନାର ମାର୍ଗ ଆପଣାଇବା ପାଇଁ ଉଭୟ ପକ୍ଷଙ୍କୁ ଭାରତର ନିବେଦନ
- ତୁରନ୍ତ ମାଦୁରୋଙ୍କ ମୁକ୍ତି ଦାବି କଲା ଚୀନ୍
- ଭେନେଜୁଏଲାକୁ ସମର୍ଥନ ଦେଲା ଉତ୍ତର କୋରିଆ



ଭେନେଜୁଏଲା ଘଟଣାକ୍ରମ ଉପରେ ଭାରତ ପକ୍ଷରୁ ଗମ୍ଭୀର ଚିନ୍ତା ପ୍ରକଟ କରାଯାଇଛି। ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ରବିବାର କୁହାଯାଇଛି ଯେ ଭେନେଜୁଏଲାର ପରିବର୍ତ୍ତିତ ସ୍ଥିତି ଉପରେ ସରକାର ନଜର ରଖିଛନ୍ତି। ସେଠାକାର ଲୋକଙ୍କ ସୁରକ୍ଷା ଏବଂ ମଙ୍ଗଳକୁ ଭାରତର ସମର୍ଥନ ଦେଉଛି। ଏହା ସହିତ ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ନିମନ୍ତେ ଆଲୋଚନାର ମାର୍ଗ ଆପଣାଇବାକୁ ସବୁ ପକ୍ଷଙ୍କୁ ଅନୁରୋଧ କରାଯାଇଛି।

ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ କାରାକସ ସ୍ଥିତ ଭାରତୀୟ ଦୂତାବାସ ଏବଂ ନାଗରିକଙ୍କ ସହ ଯୋଗାଯୋଗ କରାଯାଇଛି। ଆବଶ୍ୟକ ପଡ଼ିଲେ ଯଥାସମ୍ଭବ ସହାୟତା ପ୍ରଦାନ କରାଯିବ। ଏହା ପୂର୍ବରୁ ଜରୁରୀ ନ ଥିଲେ ଭେନେଜୁଏଲା ଗସ୍ତରେ ନ ଯିବା ପାଇଁ ଭାରତୀୟଙ୍କୁ ବିଦେଶ ମନ୍ତ୍ରାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏଥିପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରାଯାଇଥିଲା। କୌଣସି କାରଣ ପାଇଁ ଭେନେଜୁଏଲାରେ ଥିବା ନାଗରିକଙ୍କୁ ସତର୍କ ରହି ନିଜ କାର୍ଯ୍ୟକଳାପକୁ ସୀମିତ ରଖିବାକୁ ପରାମର୍ଶ ଦିଆଯାଇଥିଲା।

ଅନ୍ୟପଟେ ଆମେରିକା ଭେନେଜୁଏଲାକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ସେଠାକାର ଉପ-ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗେଜଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରିଛି। ସେ ମାଦୁରୋଙ୍କୁ ତୁରନ୍ତ ମୁକ୍ତି କରିବାକୁ ଦାବି କରିଛନ୍ତି। ଡେଲସି କହିଛନ୍ତି ଯେ ମାଦୁରୋ ଦେଶର ବୈଧ ଏବଂ ଏକମାତ୍ର ରାଷ୍ଟ୍ରପତି। ତାଙ୍କୁ ଜୋର ଜବରଦସ୍ତି ଉଠାଇ ନେବା ସମ୍ପୂର୍ଣ୍ଣ ଭୁଲ୍। ରାଷ୍ଟ୍ରୀୟ ସୁରକ୍ଷା ପରିଷଦ ବୈଠକରେ ସେ ଏହି ଟିପ୍ପଣୀ ଦେଇଥିଲେ। ଏହା ମଧ୍ୟରେ ଭେନେଜୁଏଲା ରାଷ୍ଟ୍ରପତି ଏବଂ ତାଙ୍କ ପତ୍ନୀଙ୍କୁ ତୁରନ୍ତ ମୁକ୍ତି କରିବାକୁ ଚୀନ୍ ଦାବି କରିଛି। ଚୀନ୍ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରପତିଙ୍କୁ ଏଭଳି ଭାବେ ଦେଶରୁ ନେଇଯିବା ସମ୍ପୂର୍ଣ୍ଣ ଅନୁଚିତ।

# ଜାପାନ ସାଗରରେ ଉତ୍ତର କୋରିଆର କ୍ଷେପଣାସ୍ତ୍ର ମାଡ଼

**ଟୋକିଓ,୪ ।୧(ଏଜେନ୍ସି):** ଉତ୍ତର କୋରିଆ ରବିବାର ଜାପାନର ଅଞ୍ଚଳରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଜାପାନର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏ ନେଇ ସତର୍କତା ଜାରି କରିଛି। ଅତିକମ୍‌ରେ ଉତ୍ତର କୋରିଆ ଦୁଇଟି ମିସାଇଲ ମାଡ଼ କରିଛି ବୋଲି ଜାପାନ ଗଣମାଧ୍ୟମ ତରଫରୁ କୁହାଯାଇଛି। ଏହି ଦୁଇଟି ମିସାଇଲ ଜାପାର ବିଶେଷ ଆର୍ଥିକ କ୍ଷେତ୍ର (ଇଇଜେଡ୍) ବାହାରେ ପଡିଛି। ଏହି ବିଶେଷ ଆର୍ଥିକ କ୍ଷେତ୍ର ଜାପାନ ଉପକୂଳରୁ ୨୦୦ ନଟିକାଲ ମାଇଲ୍ ଅର୍ଥାତ ୩୭୦ କିମି ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ମିସାଇଲ ଜାପାନ ସାଗରେରେ ହିଁ ପଡିଛି। ଉତ୍ତର କୋରିଆ ବାରମ୍ବାର ଏପରି ବାଲାଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିବା ଘଟଣା ଚିନ୍ତା ସୃଷ୍ଟି କରିଛି ବୋଲି ଜାପାନ କହିଛି। ଏହି ମିସାଇଲ ପାଖାପାଖି ୯୫୦ କିମି ଦୂର ଅତିକ୍ରମ କରିଛି। ଏହାର ଅର୍ଥ ହେଉଛି ଦକ୍ଷିଣ ଜାପାନର ଏକ ବଡ଼ ଅଂଶ ଉତ୍ତରକୋରିଆର କ୍ଷେପଣାସ୍ତ୍ର ପରିସରରେ ରହୁଛି। ଏହି ପରିସରରେ ଆମେରିକା ଓ ଜାପାନର ପ୍ରମୁଖ ସାମରିକ ଘାଟି, ଆତ୍ମରକ୍ଷା ବାହିନୀ ରହୁଛି। ଏହି ଦୁଇଟି ମିସାଇଲ ୫୦,୦୦୦ ମିଟର ଉଚ୍ଚରେ ଓ ଯଥାକ୍ରମେ ୫୬୦ ମାଇଲ୍ ଓ ୫୯୦ ମାଇଲ ଅତିକ୍ରମ କରିଥିଲା ବୋଲି ଜାପାନ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଉତ୍ତର କୋରିଆର ପରମାଣୁ ଓ କ୍ଷେପଣାସ୍ତ୍ର ବିକାଶ କର୍ଯ୍ୟକ୍ରମ ଜାପାନ ସମେତ ଅନ୍ତର୍ଜାତୀୟ ଶାନ୍ତି ଓ ସ୍ଥିରତାକୁ ବପଦରେ ପକାଇଛି ଓ ଏହା ଅସହ୍ୟ ହୋଇପଡିଛି ବୋଲି ଜାପାନର ପ୍ରତିରକ୍ଷା ମନ୍ତ୍ରୀ ସିଞ୍ଜିରୋ କୋଇଜୁମି କହିଛନ୍ତି।

# ଟ୍ରମ୍ପଙ୍କ ଭଳି ମୋଦୀ ପାକିସ୍ତାନରୁ ଆତଙ୍କବାଦୀଙ୍କୁ ଉଠାଇ ଆଣନ୍ତୁ: ଓୱେସୀ

**ମୁମ୍ବାଇ,୪ ।୧(ଏଜେନ୍ସି):** ଏଆଇଏମ୍ଆଇଏମ୍ ପାର୍ଟି ମୁଖ୍ୟ ଅସଦୁଦ୍ଦିନ ଓୱେସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ନୂଆ ଚ୍ୟାଲେଞ୍ଜ ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସୈନ୍ୟ ପଠାଇ ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଉଠାଇ ଆଣିବାରେ ସକ୍ଷମ ହୋଇଛନ୍ତି। ଭାରତ ମଧ୍ୟ ଏଭଳି କରିବା ଉଚିତ ବୋଲି ସେ କହିଛନ୍ତି। ୨୬/୧୧ ମୁମ୍ବାଇ ଆକ୍ରମଣ କରିଥିବା ମସୁଦ ଆଝାର କିମ୍ବା ଲସ୍କର-ଇ-ତୋଇବା (ଏଲଇଟି)ର ଆତଙ୍କବାଦୀଙ୍କୁ ଭାରତ ଉଠାଇ ଆଣି ନିଜ ପ୍ରଧାନମନ୍ତ୍ରୀ ମୋଦୀ ନିଜ ୫୬ ଇଞ୍ଚ୍ ଚଉଡ଼ା ଛାତିର ପ୍ରମାଣ ଦିଅନ୍ତୁ। ଯଦି ଟ୍ରମ୍ପ ଏପରି କରିପାରୁଛନ୍ତି ତାହେଲେ ମୋଦୀ କାହିଁକି କରିପାରିବେ ନାହିଁ। ଯଦି ଟ୍ରମ୍ପ କରିପାରୁଛନ୍ତି, ତେବେ ମୋଦୀଙ୍କୁ ବି ଏପରି କରିବାକୁ ହେବ। କାରଣ ଏକଦା ମୋଦୀ କହିଥିଲେ ଯେ, 'ଅବକି ବାର ଟ୍ରମ୍ପ ସରକାର'। ମୁମ୍ବାଇରେ ଏକ ନିର୍ବାଚନ ସଭାକୁ ସମ୍ବୋଧିତ କରି ଓୱେସୀ ଏହି କଥା କହିଛନ୍ତି। ଉଲ୍ଲେଖଥାଉ କି, ଜାନୁଆରୀ ୨ ରାତିରେ ଆମେରିକୀୟ ସୈନ୍ୟମାନେ ଭେନେଜୁଏଲା ଉପରେ ଆକ୍ରମଣ କରିବା ସହ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିୟା ଫ୍ଲୋରେସଙ୍କୁ ବନ୍ଦୀ କରିଥିଲେ। ଏଥିସହ ଆମେରିକା ତୃତୀୟଥର ପାଇଁ କୌଣସି ରାଷ୍ଟ୍ରପତି କିମ୍ବା ଏକଛତ୍ରବାଦୀ ଶାସକଙ୍କୁ ବନ୍ଦୀ କରିଛି। ଏହାପୂର୍ବରୁ ଆମେରିକା ୨୦୦୩ରେ ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ଓ ୧୯୮୯ରେ ମଧ୍ୟ ଆମେରିକୀୟ ଦେଶ ପାନାମାର ଏକଛତ୍ରବାଦୀ ଶାସକ ମାନୁଏଲ ନାରିଏଗାଙ୍କ କ୍ଷମତାଚ୍ୟୁତ କରି ବନ୍ଦୀ କରିଥିଲା।

# ରାମ୍ ରହିମ୍‌ଙ୍କୁ ପୁଣି ପାରୋଲ୍‌ରେ ଛାଡ଼ିଲେ ହରିୟାଣା ସରକାର

**ଚଣ୍ଡିଗଡ଼, ୪।୧ (ଏଜେନ୍ସି):** ପାରୋଲ ବାବା ଭାବେ ପରିଚିତ ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ ରହିମଙ୍କ ପ୍ରତି ହରିୟାଣା ସରକାର ପୁଣି ସଦୟ ହୋଇଛନ୍ତି। ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ୍ ଦଣ୍ଡ ପାଇ ସୁନରିଆ ଜେଲ୍‌ରେ ଥିବା ରାମ ରହିମଙ୍କୁ ସରକାର ଆଉ ୪୦ ଦିନ ପାଇଁ ପାରୋଲ ଦେଇଛନ୍ତି। ଏହା ପୂର୍ବରୁ ଗତ ବର୍ଷ ଅଗଷ୍ଟରେ ସେ ୪୦ ଦିନ ପାଇଁ ପାରୋଲରେ ବାହାରକୁ ଆସିଥିଲେ। ସୂଚନାଯୋଗ୍ୟ ଯେ ୧୬ ବର୍ଷ ତଳର ସାମ୍ବାଦିକ ହତ୍ୟା ମାମଲାରେ ରାମ ରହିମଙ୍କ ସମେତ ତିନି ଜଣଙ୍କୁ କୋର୍ଟ ୨୦୧୯ ରେ ଦୋଷୀ ସାବ୍ୟସ୍ତ କରିଥିଲେ। ପାରୋଲ ବ୍ୟତୀତ ଗତ ବର୍ଷ ଏପ୍ରିଲରେ ତାଙ୍କୁ ୨୧ ଦିନର ଫାରୋଲ ମିଳିଥିଲା। ଫେବୃଆରୀ ୫ରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ସରକାର ତାଙ୍କୁ ଏହି ଅନୁକମ୍ପା ଦେଖାଇ ଥିଲେ। ସେହିପରି ୨୦୨୪ ଅକ୍ଟୋବର ୧ରେ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ସେ ୨୦ ଦିନିଆ ପାରୋଲରେ ବାହାରକୁ ଆସିଥିଲେ।

୨୦୨୪ ଅଗଷ୍ଟରେ ୨୧ ଦିନ ପାଇଁ, ୨୦୨୨ ଫେବୃଆରୀ ୭ରେ ତିନି ସପ୍ତାହ ନିମନ୍ତେ ରାମ ରହିମ ପାରୋଲରେ ବାହାରି ଥିଲେ। ସେ ସମୟରେ ପଞ୍ଜାବ ବିଧାନସଭା ପାଇଁ ପ୍ରସ୍ତୁତି ଚାଲିଥିଲା। ୨୦୧୭ରେ ଦୋଷୀ ସାବ୍ୟସ୍ତ ହେବା ପରଠାରୁ ଏ ପର୍ଯ୍ୟନ୍ତ ରାମ ରହିମ ୧୪ ଥର ଜେଲ୍‌ରୁ ବାହାରକୁ ବାହାରିଲେଣି। ବିଶେଷ କରି ପଞ୍ଜାବ, ହରିୟାଣା, ଦିଲ୍ଲୀ ଆଦିର ନିର୍ବାଚନ ସମୟରେ ତାଙ୍କୁ ସରକାର ଏଭଳି ପାରୋଲ ଦେଇ ଭୋଟ ହାତେଇବାକୁ ପ୍ରୟାସ କରୁଛନ୍ତି। ସାଧାରଣ କଏଦୀଙ୍କୁ ଗୋଟିଏ ଦିନ ପାରୋଲ ମିଳିବା କଷ୍ଟ ହେଉଥିବାବେଳେ ରାମ ରହିମଙ୍କୁ ଏଭଳି ଅନୁକମ୍ପା ଦେଖାଉ ଥିବାରୁ ହରିୟାଣାର ବିଜେପି ସରକାରଙ୍କୁ ବିରୋଧୀ ତୀବ୍ର ସମାଲୋଚନା କରୁଛନ୍ତି। ଜେଲ୍‌ରୁ ବାହାରିବା ପରେ ରାମ ରହିମ ୧୩ ଥର ଉତ୍ତର ପ୍ରଦେଶର ବାଗପତ ସ୍ଥିତ ଡେରା ଆଶ୍ରମକୁ ଯାଇଛନ୍ତି।

# ନିର୍ଭୀକ ସାମ୍ବାଦିକତା ବିନା କୌଣସି ଦେଶ ଆଗକୁ ବଢ଼ିପାରିବ ନାହିଁ: ଉପରାଷ୍ଟ୍ରପତି




**ନୂଆଦିଲ୍ଲୀ,୪ ।୧(ଏଜେନ୍ସି):** ଗଣମାଧ୍ୟମର ସ୍ୱାଧୀନତା ତଥା ନିର୍ଭୀକ ସାମ୍ବାଦିକତା ଓ ଗଭୀର ସାହିତ୍ୟ ବିନା କୌଣସି ଦେଶ ଉନ୍ନତି ପଥରେ ଅଗ୍ରସର ହୋଇପାରିବ ନାହିଁ ବୋଲି ଚେନ୍ନାଇରେ ଆୟୋଜିତ 'ରାମନାଥ ଗୋଏଙ୍କା ସାହିତ୍ୟ ସମ୍ମାନ (ଆରଏନ୍‌ଜିଏସ୍ଏସ୍)'ର ତୃତୀୟ ସଂସ୍କରଣରେ ଯୋଗ ଦେଇ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ କହିଛନ୍ତି। ଅଭିବ୍ୟକ୍ତିର ସ୍ୱାଧୀନତା ଭାରତୀୟ ଗଣତନ୍ତ୍ରର ମୂଳଦୁଆ। କିମ୍ବଦନ୍ତୀ ଲେଖକ ଚନ୍ଦ୍ରଶେଖରା କମ୍ବାରାଙ୍କୁ ଜୀବନବ୍ୟାପୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସେ ଭାରତୀୟ ମୁଦ୍ରିତ ସାମ୍ବାଦିକତାର ମହାନ ନେତା ଓ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଗ୍ରୁପ୍‌ର ଦୂରଦୃଷ୍ଟିସମ୍ପର୍ଣ୍ଣ ପ୍ରତିଷ୍ଠାତା ରାମନାଥ ଗୋଏଙ୍କାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାମନାଥ ଭାରତ ଇତିହାସର କିଛି ସବୁଠାରୁ ଆହ୍ୱାନପୂର୍ଣ୍ଣ ତଥା କଷ୍ଟକର ସମୟରେ ସମ୍ବାଦିକତା ଅଖଣ୍ଡତା, ବୌଦ୍ଧିକ ସାହସ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଦୃଢ଼ ଭାବେ ଠିଆ ହୋଇଥିଲେ ବୋଲି ଉପରାଷ୍ଟ୍ରପତି କହିଥିଲେ।। ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ସମ୍ପୂର୍ଣ୍ଣ କ୍ରାନ୍ତିର ସମୟରେ ନିଜର ବ୍ୟକ୍ତିଗତ ସମ୍ପୃକ୍ତିକୁ ମନ ପକାଇ ଉପରାଷ୍ଟ୍ରପତି କହିଥିଲେ ଯେ, ଜରୁରୀକାଳୀନ ସ୍ଥିତି ବେଳେ ରାମନାଥ ସମ୍ବାଦିକତାର ମୂଲ୍ୟବୋଧକୁ ବଞ୍ଚାଇ ରଖିଥିଲେ। ବିନା କୌଣସି ଭୟରେ ସେ ପ୍ରେସ ସେନସରଶିପର ବିରୋଧ କରିଥିଲେ। ଭାରତୀୟ ସମ୍ବାଦିକତାକୁ ତାଙ୍କର ଯୋଗଦାନ ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ।

# ମହିଳା ଆଇଏଏସ୍‌ଙ୍କ କୋଠାରେ ଚାଲିଥିଲା ସେକ୍ସ ର୍ୟାକେଟ

**ପ୍ରୟାଗରାଜ, ୪।୧ (ଏଜେନ୍ସି):** ଉତ୍ତର ପ୍ରଦେଶ ପ୍ରୟାଗରାଜରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। କିଡ଼ଗଞ୍ଜର ନୂଆ ବସ୍ତିରେ ଥିବା ଆଇଆରଏସ ଅମିତାଭ ଶର୍ମା ଏବଂ ଆଇଏଏସ ବନ୍ଦନା ତ୍ରିପାଠୀଙ୍କ ୨ ମହଲା ଘରେ ଚାଲିଥିବା ସେକ୍ସ ର୍ୟାକେଟର ପର୍ଦ୍ଦାଫାସ ହୋଇଛି। ଏଠାରେ ପୁଲିସ ଚଢ଼ଉ କରି ୪ ଯୁବତୀ ଏବଂ ୫ ଯୁବକଙ୍କୁ ଆପତ୍ତିଜନକ ଅବସ୍ଥାରେ ଧରିଛି। ସମସ୍ତଙ୍କୁ ଥାନାକୁ ନିଆଯାଇଛି। ତିନି ମାସ ତଳେ ଏହି କୋଠାକୁ ଭଡ଼ାରେ ନିଆଯାଇଥିଲା ବୋଲି କୁହାଯାଉଛି। ଘଟଣାସ୍ଥଳରୁ କିଛି ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଏହି ର୍ୟାକେଟ କେବେଠୁ ଚାଲୁଥିଲା, ଏହା ପଛରେ କିଏ କିଏ ସାମିଲ ଅଛନ୍ତି ତାହା ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଦୀର୍ଘ ଦିନ ହେଲା ଏହି କୋଠାକୁ ରାତିଦିନ ଯୁବକଯୁବତୀଙ୍କ ଯିବାଆସିବା ଲାଗି ରହିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ରବିବାର କିଡଗଞ୍ଜ ଥାନାକୁ ଲୋକେ ସୂଚନା ଦେଇଥିଲେ। ପୁଲିସ ପହଞ୍ଚିବା ପରେ କବାଟ ନ ଖୋଲିବାରୁ ତାହାକୁ ଭାଙ୍ଗି ଦେଇଥିଲା। ଏହି ର୍ୟାକେଟର ମୁଖ୍ୟ ସର୍ବେଶ ଦ୍ୱିବେଦୀକୁ ଗିରଫ କରାଯାଇଛି।

# ଘନଉଛି ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନ ବିବାଦ

**ମୁମ୍ବାଇ, ୪।୧ (ଏଜେନ୍ସି):** ମହାନଗର ନିଗମ ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ଉଠିଛି। ୧୫ ତାରିଖରେ ୨୯ଟି ମହାନଗର ନିଗମରେ ନିର୍ବାନଚ ଅନୁଷ୍ଠିତ ହେବାକୁ ଯାଉଛି। ମାତ୍ର ଏହା ପୂର୍ବରୁ ୬୮ ଆସନରେ ସରକାରୀ ମହାଯୁତି ମେଣ୍ଟର ପ୍ରାର୍ଥୀ ବିଜୟୀ ହେବାକୁ ନେଇ ଆରୋପପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପିର ସର୍ବାଧିକ ୪୪ ଜଣ, ଶିବସେନା (ଏକନାଥ) ର ୨୨ ଜଣ ଏବଂ ଏକାକୀ ଲଢୁଥିବା ଏନ୍‌ସିପିର ୨ ଜଣ ସଦସ୍ୟ ସାମିଲ ଅଛନ୍ତି। ସରକାରୀ ଦଳ

ଜାଲିଆତି କରି ଏପରି କରୁଥିବା ବିରୋଧୀ ଅଭିଯୋଗ କରୁଛନ୍ତି। ଏହାକୁ ନେଇ ରାଜ୍ୟରେ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ରାଜ୍ୟ ନିର୍ବାଚନ କମିଶନ ମାମଲାରେ ହସ୍ତକ୍ଷେପ କରିଛନ୍ତି। ଏହି ସବୁ ଆସନର ଯାଞ୍ଚ କରାଯିବ ବୋଲି କହିଛନ୍ତି। ଯାଞ୍ଚ ଶେଷ ନ ହେବା ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କୌଣସି ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯିବ ନାହିଁ ବୋଲି ଇସି ସ୍ପଷ୍ଟ କରିଦେଇଛନ୍ତି। ଚାପ, ଲୋଭନୀୟ ପ୍ରତିଶ୍ରୁତି ଦେଇ କିମ୍ବା ଅନ୍ୟ କୌଣସି ପ୍ରକାରରେ ବିରୋଧୀ ପ୍ରାର୍ଥୀଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଚାପ ପକାଇଯାଇଛି କି ନାହିଁ ତାହାର ଯାଚ କରାଯିବ। ଏବେ ମୁମ୍ବାଇ, କଲ୍ୟାଣ-ଡୋମ୍ବିଭାଲି, ଥାନେର ପିମ୍ପରି-ଚିଞ୍ଚୱାଡକୁ

- ୬୮ଟି ଆସନରେ ନିର୍ଦ୍ୱନ୍ଦ୍ୱରେ ମହାଯୁତି ପ୍ରାର୍ଥୀଙ୍କ ବିଜୟକୁ ନେଇ ଉଠିଲା ପ୍ରଶ୍ନ
- ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଲେ ନିର୍ବାଚନ କମିସନ
- ପ୍ରାର୍ଥୀ ଚୋରି କରୁଛି ବିଜେପି: ଉଦ୍ଧବ ଠାକରେ

ନେଇ ରାଜନୈତିକ ବାତାବରଣ ଉଷ୍ମ ହୋଇ ଉଠିଛି। ଖାଲି କ୍ଷମତାସୀନ ଦଳର ପ୍ରାର୍ଥୀ କାହିଁକି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଉଛନ୍ତି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଟଙ୍କା ଏବଂ ଚାପ ପକାଇ ପ୍ରାର୍ଥୀଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ କୁହାଯାଉଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଏଥିରେ ମହାଯୁତିକୁ ରାଜ୍ୟ ନିର୍ବାଚନ କମିଶନ ସହଯୋଗ କରୁଥିବା ବିରୋଧୀ କହିଛନ୍ତି।

ଏବେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ବିଜେପିକୁ ସମାଲୋଚନା କରିଛନ୍ତି। ସେ ବଡ଼ ଅଭିଯୋଗ ଲଗାଇ କହିଛନ୍ତି ଯେ କ୍ଷମତାସୀନ ମହାଯୁତି ପ୍ରଥମେ ଭୋଟ ଚୋରି କରୁଥିଲା, ଆଉ ଏବେ ପ୍ରାର୍ଥୀ ଚୋରି କରୁଛି। ଦେଶରେ ଗଣତନ୍ତ୍ର ଉପରେ ଭିଡ଼ତନ୍ତ୍ରର କବ୍‌ଜା ହୋଇଥିବା ପରି ଲାଗୁଛି। ମହାଯୁତିର ୬୮ ପ୍ରାର୍ଥୀଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରିବାକୁ ନେଇ ଉଦ୍ଧବ ଏହି ମନ୍ତବ୍ୟ ଦେଇଛନ୍ତି।

ଅନ୍ୟପଟେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମଏନଏସ) ମୁଖ୍ୟ ରାଜ ଠାକରେ ରବିବାର ୨୦ ବର୍ଷ ପରେ ଶିବସେନା ଭବନରେ ପହଞ୍ଚିଛନ୍ତି। ଏଠାରେ ସେ ଭାଇ ଉଦ୍ଧବଙ୍କ ସହ ମିଶି ନିର୍ବାଚନୀ ଇସ୍ତାହାର ଜାରି କରିଛନ୍ତି। ଏହି ଅବସରରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ପ୍ରାର୍ଥୀଙ୍କୁ ରଦ୍ଦ କରି ପୁଣି ଉକ୍ତ ୱାର୍ଡରେ ନିର୍ବାଚନ କରାଇବାକୁ ଉଦ୍ଧବ ଦାବି କରିଛନ୍ତି। ସେହିପରି ଜାଲିଆତି କରି ଥାନେ ଜିଲ୍ଲାରେ ବିଜେପି ଏବଂ ଶିବସେନାର ୩୨ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତିଛନ୍ତି ବୋଲି ଶିବେସନା (ୟୁବିଟି) ଓ ଏମଏନଏସ ଅଭିଯୋଗ କରିଛି। ସାରା ରାଜ୍ୟରେ ୬୮ ପ୍ରାର୍ଥୀ ଜିତିଥିବାବେଳେ ଥାନେରୁ କେବଳ ୩୨ ଜଣ ସାମିଲ ଅଛନ୍ତି। ଏହାର ବୈଧତା ଉପରେ ଉଦ୍ଧବ ଗୋଷ୍ଠୀ ପ୍ରଶ୍ନ ଉଠାଇଛି। ପ୍ରାର୍ଥୀ ଥିଲେ ବି ଭୋଟରଙ୍କୁ ନୋଟା ଚୟନ କରିବାକୁ ସୁଯୋଗ ଦିଆଯିବା ଉଚିତ ବୋଲି କୁହାଯାଇଛି। ୟୁବିଟି ନେତା କେଦାର ଦିଘେ କହିଛନ୍ତି ଯେ କେବଳ କ୍ଷମତାସୀନ ଦଳର ପ୍ରାର୍ଥୀ କାହିଁକି ନିର୍ଦ୍ୱନ୍ଦ୍ୱରେ ଜିତୁଛନ୍ତି? ଯଦି ଏଭଳି ସ୍ଥିତି ପ୍ରକୃତରେ ସୃଷ୍ଟି ହେଉଛି ତେବେ ବିରୋଧୀ ପ୍ରାର୍ଥୀ ବି ଜିତିବା କଥା। ନାଗରିକଙ୍କୁ ଭୋଟ ଦେବାର ଅଧିକାରରୁ ବଞ୍ଚିତ କରାଯିବା ଅନୁଚିତ। ସେହିପରି ଶିବସେନା ନେତା ସଞ୍ଜୟ ରାଉତ ଅଭିଯୋଗ କରିଛନ୍ତି ଯେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପାଇଁ ମହାଯୁତି ପ୍ରାର୍ଥୀଙ୍କୁ ୫ କୋଟି ଟଙ୍କାର ଅଫର ଦେଇଛି। ଜଳଗାଁଓରେ ପ୍ରାର୍ଥୀଙ୍କୁ ୫ କୋଟି ଟଙ୍କା ଥିବା ବ୍ୟାଗ ପଠାଯାଇଥିଲା।

### ଶ୍ରୀକ୍ଷେତ୍ରରେ ବରଗଡ଼ ଧନୁଯାତ୍ରାର କଂସ

## ମହୋଦଧିରେ ପ୍ରାୟଶ୍ଚିତ୍ତ

ପୁରୀ, ୪।୧(ସମିସ): ଶନିବାର ଶେଷ ହୋଇଛି ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ମୁକ୍ତାକାଶ ରଙ୍ଗମଞ୍ଚରେ ପଡ଼ିଛି ଯବନିକା। କଂସ ଭୂମିକାରେ ଅଭିନୟ କରିଥିବା ସୁଶୀଲ ମେହେର ରବିବାର ପୁରୀ ଆସି ପବିତ୍ର ମହୋଦଧିରେ ସ୍ନାନ ସାରି ପ୍ରାୟଶ୍ଚିତ୍ତ କରିଛନ୍ତି। ଅଭିନୟରେ ଭଗବାନ କୃଷ୍ଣ-ବଳରାମଙ୍କ ଉଦ୍ଦେଶ୍ୟରେ ଦେଇଥିବା ନିନ୍ଦାସୂଚକ ଶବ୍ଦ ପାଇଁ ଅନୁତାପ କରି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ କ୍ଷମା ପ୍ରାର୍ଥନା



କରିଛନ୍ତି। ଏଥିସହ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପାଖରେ ଭୁଲ୍ ସ୍ୱୀକାର କରି ତାଙ୍କଠାରୁ ଆଶୀର୍ବାଦ ନେଇଛନ୍ତି।

ରବିବାର ସୁଶୀଲ ଗୋବର୍ଦ୍ଧନ ପୀଠରେ ପହଞ୍ଚିଥିଲେ। ପୀଠର ଇଷ୍ଟଦେବୀ ମା' ବିମଳା, ଗୋବର୍ଦ୍ଧନ ନାଥଙ୍କ ଦର୍ଶନ କରିଥିଲେ। ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରି ଅଭିନୟରେ କୃଷ୍ଣ-ବଳରାମଙ୍କ ପ୍ରତି ଯେଉଁ କଟୁ ମନ୍ତବ୍ୟ ଦେଇଥିଲେ, ସେଥିପାଇଁ ପଶ୍ଚାତାପ କରି ଆଶୀର୍ବାଦ ନେଇଥିଲେ। ସେଠାରୁ ଯାଇ ମହୋଦଧିରେ ସ୍ନାନ କରିବା ସହ ପଇତା ବିସର୍ଜନ କରିଥିଲେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

ଧନୁଯାତ୍ରା ଶେଷ ହେବା ପରେ ଶ୍ରୀକ୍ଷେତ୍ର ଆସିବା ସମ୍ପର୍କରେ ସୁଶୀଲ କହିଛନ୍ତି, ଧନୁଯାତ୍ରାର ଅନ୍ତିମ ଦିବସରେ କୃଷ୍ଣ ବଳରାମଙ୍କ ସହ ମୋର ଯୁଦ୍ଧ ହେଲା। ତ୍ରାହି ପାଇଗଲି ରାକ୍ଷସ ଜନ୍ମରୁ। ଧନୁଯାତ୍ରାର ୧୧ଦିନ ଧରି ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସମସ୍ତେ ଭକ୍ତି କରୁଥିବା ବେଳେ ମୁଁ ତାଙ୍କୁ ଗାଳି, ଈର୍ଷା ଏବଂ କଟୁ ମନ୍ତବ୍ୟ ଦେଇ ବଦନାମ କରିଛି। ମନରେ ହୃଦୟରେ

**ଶଙ୍କରାଚାର୍ଯ୍ୟଙ୍କଠୁ ଆଶୀର୍ବାଦ ନେଲେ, ମହାପ୍ରଭୁଙ୍କୁ କ୍ଷମା ମାଗିଲେ**

ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ କୃଷ୍ଣ ରହିଥିଲେ ହେଁ ମୋତେ ଅଭିନୟ କରିବାକୁ ପଡ଼ିଛି। ଏପରିକି, ବଧ କରିବା ଲାଗି ତାଙ୍କ ଉପରକୁ ଖଣ୍ଡା ମଧ ଉଠାଇଛି। ଏହି କଳିଯୁଗରେ ଯଦି ଭଗବାନଙ୍କ ସହ ଏପରି ଆଚରଣ କେହି କରେ, ତେବେ ତାହାଠୁ ବଳି ମହାପାପୀ ଆଉ ଦୁନିଆରେ କେହି ନୁହନ୍ତି। ତେଣୁ ସେହି ପାପରୁ ତ୍ରାହି ପାଇବା ପାଇଁ ଆଜି ମହୋଦଧିରେ ସ୍ନାନ କରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କଠାରୁ ଆଶୀର୍ବାଦ ନେଇଛି। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପାପରୁ ମୁକ୍ତି ପାଇବା ପାଇଁ କ୍ଷମାପ୍ରାର୍ଥନା କରିଛି ବୋଲି କହିଛନ୍ତି ସୁଶୀଲ।


ଅନ୍ୟପକ୍ଷରେ ପୁରୀକୁ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଆସିଥିବା ଖବର ପାଇବା ପରେ ତାଙ୍କୁ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ମହୋଦଧିରେ ସ୍ନାନ ବେଳେ ପର୍ଯ୍ୟଟକ ତାଙ୍କ ସହ ସେଲ୍‌ଫି ଉଠାଇଥିଲେ। ଶ୍ରୀମନ୍ଦିର ନିକଟରେ ମଧ ଭକ୍ତ ତାଙ୍କୁ ଦେଖୁଥିଲେ।

### ୧୬ତମ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାମାଳା

## ଜୀବଙ୍କ ପ୍ରତି ସକାରାତ୍ମକ ଭାବନା ଗାନ୍ଧୀଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି: ମାନେକା

ଭୁବନେଶ୍ୱର, ୪।୧ (ସମିସ): ଗାନ୍ଧୀଙ୍କ ବକ୍ତବ୍ୟ ଏତେ ପ୍ରଭାବଶାଳୀ ଯେ ଆଜି ବି ଲୋକେ ତାଙ୍କ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଜୀବେ ଦୟା ଏବଂ ପ୍ରାଣୀଙ୍କ ପ୍ରତି କଲ୍ୟାଣ ଗାନ୍ଧୀଜୀଙ୍କ କାର୍ଯ୍ୟଧାରାର କେନ୍ଦ୍ରବିନ୍ଦୁ ଥିଲା। ସେ ଏକଥା କେବଳ କହୁନଥିଲେ, ନିଜ କାର୍ଯ୍ୟରେ କରି ଦେଖାଉଥିଲେ। ଜୀବସୁରକ୍ଷା ଆମର ନୈତିକ କର୍ତ୍ତବ୍ୟ ବୋଲି ଗାନ୍ଧୀଜୀ କହୁଥିଲେ। ତେଣୁ, ଜୀବଜଗତ ପ୍ରତି ସକାରାତ୍ମକ ମନୋଭାବ ପୋଷଣ କଲେ, ଆମେ ଗାନ୍ଧୀଜୀଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ଦେଇପାରିବା। ପୂର୍ବତନ ବିଧାୟକ ତଥା ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ଶ୍ରାଦ୍ଧଦିବସ ଅବସରରେ ଆୟୋଜିତ 'ଷୋଡ଼ଶ ରାଜକିଶୋର ନାୟକ ସ୍ମାରକୀ ବକ୍ତୃତା ସମାରୋହ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ ପରିବେଶବିତ୍ ମାନେକା ଗାନ୍ଧୀ ଆଜି ଏହା କହିଛନ୍ତି।

ରାଜକିଶୋର ନାୟକ ନ୍ୟାସନାଲ ଫାଉଣ୍ଡେସନ୍ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶ୍ରୀମତୀ ଗାନ୍ଧୀ ଉଦ୍‌ଘାଟନ କରିଥିଲେ। 'ଗାନ୍ଧୀଜୀ ଓ ପ୍ରାଣୀ କଲ୍ୟାଣ' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି ଶ୍ରୀମତୀ ଗାନ୍ଧୀ କହିଥିଲେ ଯେ ଜୀବଦୟାକୁ ଗାନ୍ଧୀ ସର୍ବାଧିକ ଗୁରୁତ୍ୱ ଦେଉଥିଲେ। ପ୍ରତିଟି ଜୀବ ପ୍ରତି ଦୟା ଭାବ ରଖିବାକୁ ସେ ଅନୁଗାମୀଙ୍କୁ ପ୍ରବର୍ତ୍ତାଉଥିଲେ।




ମହାତ୍ମା ଗାନ୍ଧୀଙ୍କ ପ୍ରସିଦ୍ଧ ଉକ୍ତି- 'ଗୋଟିଏ ଦେଶ ନିଜ ଜୀବଜନ୍ତୁଙ୍କ ପ୍ରତି କିଭଳି ଆଚରଣ ପ୍ରଦର୍ଶନ କରେ, ତାହାରି ଉପରେ ହିଁ ସେ ଦେଶର ମହାନତା ଓ ନୈତିକ ପ୍ରଗତିକୁ ଅନୁଶୀଳନ କରାଯାଇପାରେ' କୁ ଉଦ୍ଧାର କରି ସେ କହିଥିଲେ ଯେ ଜୀବ ସୁରକ୍ଷା ଆମର ନୈତିକ କର୍ତ୍ତବ୍ୟ ବୋଲି ଗାନ୍ଧୀଜୀ କହୁଥିଲେ। ଧର୍ମ ସବୁ ଜୀବନ୍ତ ପ୍ରାଣୀକୁ ସମ୍ମାନ ଦେବା ଶିଖାଏ। ଆମେ ଦିନସାରା ନୃଶଂସ ଆଚରଣ ପ୍ରଦର୍ଶନ କରି ରାତିରେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା, ଭଗବାନ ମତେ କ୍ଷମା କରିଦିଅ; ଇଏ କି ପ୍ରକାର ଆଚରଣ? ଗାନ୍ଧୀଜୀ କହୁଥିଲେ, ମଣିଷ ମାଂସ ଖାଇବାକୁ ଜନ୍ମ ହେଇନି, ସେ ଜନ୍ମତଃ ଶାକାହାରୀ। ପ୍ରାଣୀ ଜଗତ ଉପରେ ମଣିଷର ଅତ୍ୟାଚାର ସବୁଠାରୁ ବଡ଼ ହିଂସା। କୌଣସି ଜୀବ ପ୍ରତି ଅତ୍ୟାଚାର, ହିନ୍ଦୁତ୍ୱର ଅବମାନନା ବୋଲି ଶ୍ରୀମତୀ ଗାନ୍ଧୀ ମତବ୍ୟକ୍ତ କରିଥିଲେ।

ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଥିଲେ, ସ୍ୱର୍ଗତ ନାୟକଙ୍କ ଜୀବ ସୁରକ୍ଷା ପ୍ରତି ଅବଦାନ ପାଇଁ ଆମ ଅନୁଷ୍ଠାନ 'ପିପୁଲ୍ସ ଫର୍ ଆନିମଲ' ତାଙ୍କୁ ଅନେକ ବର୍ଷ ତଳେ ସମ୍ମାନିତ କରିଥିଲା। 'ମହାତ୍ମା ଗାନ୍ଧୀ ଓ ପ୍ରାଣୀ କଲ୍ୟାଣ' ଶୀର୍ଷକ ଏ ଆଲୋଚନା ସମଗ୍ର ଭାରତବର୍ଷରେ ପ୍ରଥମ ଆଲୋଚନା ବୋଲି ଦର୍ଶାଇ ସେ ଫାଉଣ୍ଡେସନ୍‌କୁ ସାଧୁବାଦ ଜଣାଇଥିଲେ।

ସମାରୋହରେ ଅଭିଭାଷଣ ରଖି ପ୍ରଫେସର୍ ନିବେଦିତା ମହାନ୍ତି ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ କହିଥିଲେ ଯେ ସ୍ୱର୍ଗତ ନାୟକ ପ୍ରକୃତି, ଜୀବଜନ୍ତୁ ଏବଂ ପରିବେଶକୁ ସେ ଖୁବ ଭଲ ପାଉଥିଲେ। ଏକ ଉନ୍ନତ ସମାଜ ଗଠନ କରିବା ତାଙ୍କ ସ୍ୱପ୍ନ ଥିଲା। ଆମେ ଏହି ସ୍ୱପ୍ନ ସାକାର କରିପାରିଲେ ତାହା ହିଁ ତାଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ହେବ।

କାର୍ଯ୍ୟକ୍ରମ ଆରମ୍ଭରେ ଫାଉଣ୍ଡେସନ୍‌ର କର୍ମକର୍ତ୍ତା ତଥା ରାଜକିଶୋର ନାୟକଙ୍କ ପୁଅ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ସମାରୋହରେ ରାଜକିଶୋର ନାୟକ ନ୍ୟାସନାଲ ଫାଉଣ୍ଡେସନର ସଭାପତି ପ୍ରହଲାଦ କୁମାର ସିଂହ ସଭାପତିତ୍ୱ କରିଥିଲେ। ଫାଉଣ୍ଡେସନର ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ମଞ୍ଚାସୀନ ଥିଲେ।

## ସମ୍ଭାବ୍ୟ ଆଞ୍ଚଳିକ ଦଳର ନୀତି ସ୍ପଷ୍ଟ କଲେ ମୋକିମ୍



- 'ମଦ ମୁକ୍ତ ଓଡ଼ିଶା' ସହ ଯୁବ ନେତୃତ୍ୱଙ୍କୁ ଗୁରୁତ୍ୱ ଦେବ ଦଳ
- ରାଜ୍ୟକୁ ସୁଶାସନ ଦେବାରେ ବିଫଳ ହୋଇଛି ବିଜେପି ସରକାର
- ମାଗଣା ଯୋଜନା ବଦଳରେ ରୋଜଗାରକ୍ଷମ କରାଇବାକୁ ଗୁରୁତ୍ୱ

କଟକ,୪।୧ (ସମିସ): ଓଡ଼ିଶାର ରାଜନୈତିକ ମଇଦାନରେ ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଏବଂ କଂଗ୍ରେସକୁ ଟକ୍କର ଦେବ ଆଉ ଏକ ଆଞ୍ଚଳିକ ଦଳ। ଖୁବଶୀଘ୍ର ଏଭଳି ଏକ ନୂଆ ଆଞ୍ଚଳିକ ଦଳ ଗଠନ ହେବାକୁ ଯାଉଛି ବୋଲି ଆଜି ସୂଚନା ଦେଇଛନ୍ତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ। ମଦମୁକ୍ତ ଓଡ଼ିଶା ସହ ଯୁବ ନେତୃତ୍ୱକୁ ଏହି ଦଳରେ ଗୁରୁତ୍ୱ ଦିଆଯିବ।

ମୋକିମ ଫାଉଣ୍ଡେସନର ସ୍ପୋର୍ଟସ କାର୍ଣ୍ଣିଭଲ ଆୟୋଜନ ଅବସରରେ ମୋକିମ୍ କହିଛନ୍ତି ଯେ ବର୍ତ୍ତମାନ ଓଡ଼ିଶାରେ ଏକ ବଡ଼ ରାଜନୈତିକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହାର ପୂରଣ ପାଇଁ ଏକ ସ୍ୱଚ୍ଛ ଏବଂ ନୀତିବାନ ବିକଳ୍ପର ଆବଶ୍ୟକତା ରହିଛି। ପ୍ରସ୍ତାବିତ ନୂଆ ଆଞ୍ଚଳିକ ଦଳର ମୁଖ୍ୟ ଲକ୍ଷ୍ୟ 'ନିଶା ନିବାରଣ' ରହିବ। ଏହାସହିତ ରାଜ୍ୟରୁ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ମଦ ବିରୋଧୀ ଆନ୍ଦୋଳନକୁ ସେ ପ୍ରାଧାନ୍ୟ ଦେବେ ଏବଂ ଏହି ଅଭିଯାନରେ ସାମିଲ ଥିବା ବ୍ୟକ୍ତିବିଶେଷଙ୍କୁ ଦଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବ। ଅବକାରୀ ବିଭାଗରୁ ମିଳୁଥିବା ରାଜସ୍ୱ କ୍ଷତିକୁ ଖଣି ବିଭାଗରୁ ଭରଣା କରାଯାଇପାରିବ ବୋଲି ମୋକିମ କହିଛନ୍ତି। ଏହାସହିତ ଲୋକଙ୍କୁ ମାଗଣା ଯୋଜନାରେ ଅଭ୍ୟସ୍ତ ନ କରାଇ ସେମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ଉଦୀୟମାନ ଯୁବ ଓ ଛାତ୍ର ସମାଜକୁ ଗୁରୁତ୍ୱ ଦେବା କଥା ସେ କହିଛନ୍ତି। ତେଣୁ ଯୁବ ନେତୃତ୍ୱଙ୍କୁ ଦଳର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ମୋକିମଙ୍କ କହିବା ଅନୁଯାୟୀ, ରାଜ୍ୟରେ ବିଜେପି ସୁଶାସନ ଦେବାରେ ବିଫଳ ହୋଇଛି। ଶାସନକୁ ଆସିବା ପରେ ମଧ ଲୋକଙ୍କ ଆଶା ପୂରଣ ହୋଇପାରି ନ ଥିବା ବେଳେ ବିଜେଡି-କଂଗ୍ରେସକୁ ମଧ ସେ ସମାଲୋଚନା କରିଛନ୍ତି। ଓଡ଼ିଶାର ସାଧାରଣ ଜନତା ଏବେ ଏକ ନୂଆ ମୁହଁ ଓ ନୂଆ ଚିନ୍ତାଧାରାର ଅପେକ୍ଷାରେ ଅଛନ୍ତି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ମୋକିମଙ୍କ ଏହି ନିଷ୍ପତ୍ତି ପଛରେ ତାଙ୍କର ଦୀର୍ଘ ଦିନର ଅସନ୍ତୋଷ ଏବଂ ସାମ୍ପ୍ରତିକ ସ୍ଥିତି ବଡ଼ କାରଣ ସାଜିଛି। କଂଗ୍ରେସ ଦଳରେ ଥାଇ ମଧ ସେ ଅନେକ ସମୟରେ ଦଳୀୟ ଶୃଙ୍ଖଳା ଓ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଉଥିଲେ। ୨୦୨୨ ରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସର ନିଷ୍ପତ୍ତି ବିରୋଧରେ ଯାଇ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରି ସେ ଚର୍ଚ୍ଚାକୁ ଆସିଥିଲେ। ଏଥିପାଇଁ ତାଙ୍କୁ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ମଧ ଜାରି କରାଯାଇଥିଲା। ଦଳ ମଧ୍ୟରେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଆଧିପତ୍ୟ ଏବଂ ସାଙ୍ଗଠନିକ ଦୁର୍ବଳତା ଯୋଗୁଁ ସେ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ମୋକିମଙ୍କ ଏହି ନୂଆ ଦଳ ଆଗାମୀ ନିର୍ବାଚନରେ ଓଡ଼ିଶାର ତିନୋଟି ମୁଖ୍ୟ ଶକ୍ତିର ଭୋଟ୍ ବ୍ୟାଙ୍କ୍‌କୁ କିପରି ପ୍ରଭାବିତ କରିବ ସେ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜାରି ରହିଛି।

### ଦିଲ୍ଲୀ ନେତୃତ୍ୱକୁ ତୀର

## ଭୁଲ୍ ନିଷ୍ପତ୍ତି ଯୋଗୁଁ କଂଗ୍ରେସ କ୍ଷମତାକୁ ଫେରିପାରୁନି

କଟକ,୪/୧(ସମିସ): ଓଡ଼ିଶା ରାଜନୀତିରେ ନୂଆ ଆଞ୍ଚଳିକ ଦଳ ଗଠନ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ପୂର୍ବତନ କଂଗ୍ରେସ ନେତା ମହମ୍ମଦ ମୋକିମ୍ ପୁଣି ଥରେ ନିଜର ପୂର୍ବତନ ଦଳ କଂଗ୍ରେସ ଉପରେ ବର୍ଷିଛନ୍ତି। ଏଆଇସିସି ବା କଂଗ୍ରେସର ରାଷ୍ଟ୍ରୀୟ ନେତୃତ୍ୱଙ୍କୁ ସିଧାସଳଖ ନିଶାଣ କରି ମୋକିମ୍ କହିଛନ୍ତି ଯେ, କେବଳ ଓଡ଼ିଶା ନୁହେଁ, ବରଂ ସମଗ୍ର ଦେଶରେ କଂଗ୍ରେସର ବିଫଳତା ପାଇଁ ଦିଲ୍ଲୀ ନେତୃତ୍ୱଙ୍କ 'ଭୁଲ ନିଷ୍ପତ୍ତି' ହିଁ ଦାୟୀ। ମୋକିମଙ୍କ କହିବା ଅନୁଯାୟୀ, କଂଗ୍ରେସ ଯେଉଁ ରାଜ୍ୟରୁ ଥରେ କ୍ଷମତାଚ୍ୟୁତ ହେଉଛି, ସେଠାରେ ଆଉ କ୍ଷମତାକୁ ଫେରିବା ସମ୍ଭବ ହେଉନାହିଁ। ଦଳର ସାଂଗଠନିକ ଢାଞ୍ଚା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଏମିତିକି କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଶଶୀ ଥରୁର ଏବଂ ଦିଗବିଜୟ ସିଂହଙ୍କ ଭଳି ବରିଷ୍ଠ ନେତାମାନେ ମଧ ବର୍ତ୍ତମାନର ସେଟ୍-ଅପ୍‌ରେ ଦଳ ଆଗକୁ ବଢ଼ିପାରିବ ନାହିଁ ବୋଲି ମତ ପ୍ରକାଶ କରିବା ହିଁ ଦଳର ଦୁର୍ବଳତାକୁ ପ୍ରମାଣିତ କରୁଛି ବୋଲି ସେ କହିଛନ୍ତି।

### ମଦ ବେପାରୀଙ୍କ ଠାରୁ ୪୦ହଜାର ଲାଞ୍ଚ

## ଭିଜିଲାନ୍ସ ପଞ୍ଝାରେ ଥାନା ଅଧିକାରୀ

ଭୁବନେଶ୍ୱର, ୪।୧(ସମିସ): ମଦ ବେପାରୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ବିଜୟକୁମାର ବାରିକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଭବିଷ୍ୟତରେ କୌଣସି ପ୍ରକାର ବ୍ୟାବସାୟିକ ଅସୁବିଧା ନ ହେବାର ପ୍ରତିଶ୍ରୁତି ଦେଇ ସେ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କ ପାଖରୁ ୪୦ହଜାର ଟଙ୍କା ଲାଞ୍ଚ ନେଉଥିଲେ। ରାଜମହଲ ଛକ ନିକଟରେ ଏହି କାରବାର ଚାଲିଥିବା ବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିନେଇଥିଲା। ଏହାସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସର ୪ଟି ଟିମ୍ ଏକକାଳୀନ ବିଜୟଙ୍କ ୪ଟି ଠିକଣା ଉପରେ ଚଢ଼ଉ କରି ନଗଦ ୫ଲକ୍ଷ ଟଙ୍କା ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ସଂଧ୍ୟାରେ ତାଙ୍କୁ ଗିରଫ କରାଯାଇଛି ଏବଂ ଆସନ୍ତାକାଲି କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।



ସୂଚନାନୁଯାୟୀ, କଟକ ସହର ଉପକଣ୍ଠ ସିଆର୍‌ଆର୍‌ଆଇ ଥାନା ଅଧୀନରେ ଜଣେ ବ୍ୟବସାୟୀ ଏକ ଲାଇସେନ୍ସପ୍ରାପ୍ତ ମଦ ଦୋକାନ କରିଛନ୍ତି। ବିଜୟ ବିଭିନ୍ନ ସମୟରେ ତାଙ୍କୁ ବଟି ମାଗୁଥିଲେ। ଭୋଜିଠାରୁ ଆରମ୍ଭ କରି ବ୍ୟକ୍ତିଗତ ଆବଶ୍ୟକତା ବେଳେ ସେ ଉକ୍ତ ବ୍ୟବସାୟୀଙ୍କୁ ବଟି ମାଗୁଥିଲେ। ମନା କଲେ, ଦୋକାନୀଙ୍କ ଉପରେ ବିଭିନ୍ନ ପ୍ରକାରର ଚାପ ପକାଇବା ସହ ଧମକ ମଧ ଦେଉଥିଲେ। ତେବେ ଦିନକୁ ଦିନ ତାଙ୍କ ଶୋଷଣ ବଢ଼ି ଚାଲିବାରୁ ବ୍ୟବସାୟୀଜଣଙ୍କ ଅନ୍ୟ କୌଣସି ଉପାୟ ନ ପାଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପରେ ବିଜୟଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ମାସିକ ବଟି ବାବଦ ୪୦ ହଜାର ଟଙ୍କା ଦେବାକୁ ବ୍ୟବସାୟୀଜଣଙ୍କ ରବିବାର ବିଜୟଙ୍କ କହିବା ମୁତାବକ ଭୁବନେଶ୍ୱର ଆସିଥିଲେ। ରାଜମହଲ ଛକରେ ବିଜୟ ଏହି ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ପରେ ତାଙ୍କର ୟୁନିଟ୍-୧ସ୍ଥିତ ସରକାରୀ ବାସଭବନ ସମେତ ୪ଟି ଠିକଣାରେ ଭିଜିଲାନ୍ସ ଚଢ଼ଉ କରିଥିଲା। ପ୍ରାଥମିକ ତଦନ୍ତରୁ ଭିଜିଲାନ୍ସ ଜାଣିବାକୁ ପାଇଛି ଯେ ମାତ୍ର ସ୍ୱଳ୍ପଦିନର ଚାକିରି ମଧ୍ୟରେ ବିଜୟ ଭୁବନେଶ୍ୱର ଶିଶୁପାଳଗଡ଼ରେ ୩ ମହଲା ବିଶିଷ୍ଟ ଏକ ଘର କରିଛନ୍ତି। ସେହିପରି କେନ୍ଦ୍ରାପଡ଼ାସ୍ଥିତ ପୈତୃକ ଗ୍ରାମରେ ଏକ ନିର୍ମାଣଧୀନ ଘର, ୟୁନିଟ୍-୧ସ୍ଥିତ ସରକାରୀ ବାସଭବନରରୁ ନଗଦ ୫ଲକ୍ଷ ଟଙ୍କା ଠାବ କରାଯାଇଛି।

## ଶିମିଳିପାଳରେ ପର୍ଯ୍ୟଟକ ଦେଖିଲେ ମେଲାନିଷ୍ଟିକ୍ କଳା ବାଘ

ବାରିପଦା, ୪।୧(ସମିସ):ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବମଣ୍ଡଳ ଭାବେ ପ୍ରସିଦ୍ଧି ଲାଭ କରିଥିବା ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ମେଲାନାଷ୍ଟିକ କଳା ବାଘଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। କଳା ବାଘ ବିଚରଣ କରୁଥିବାର ଭିଡିଓ ପୁଣି ସାମ୍ନାକୁ ଆସିଛି। ଅଭୟାରଣ୍ୟକୁ ଆସିଥିବା ପର୍ଯ୍ୟଟକ ସଫାରୀ ଗାଡ଼ିରେ ଯାଉଥିବା ସମୟରେ ରାସ୍ତା ପାରି ହେବା କଳାବାଘର ଦୃଶ୍ୟ ଉତ୍ତୋଳନ କରିଥିଲେ। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିରଳ ମେଲାନିଷ୍ଟ ପ୍ରଜାତିର କଳାବାଘ କେବଳ ଶିମିଳିପାଳରେ ଥିବା ବେଳେ ପର୍ଯ୍ୟଟକଙ୍କ ସମ୍ମୁଖର ଚିତ୍ର ଅତ୍ୟନ୍ତ ମନୋରମ ରହିଛି। ଏହାକୁ ନେଇ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। କିଛି ଦିନ ତଳେ ବାଘଛୁଆ ବିଚରଣ କରୁଥିବାର ଭିଡିଓ ପୂର୍ବତନ ପିସିସିଏଫ୍ ସେୟାର୍ କରିଥିଲେ। ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ବାଘ ରାସ୍ତା ପାରି ହେବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍**

ହେବା ପରେ କାଠମାଫିଆ ଓ ଶିକାରୀଙ୍କ ଲୋଲୁପଦୃଷ୍ଟିରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘମାନେ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି।



### ସାତପାହାଚ ଦ୍ୱାର ବନ୍ଦ କରିଦେଲେ ଜେଟିପି

## ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଲେ ଶ୍ରଦ୍ଧାଳୁ

ପୁରୀ,୪।୧(ସମିସ): ଶ୍ରୀମନ୍ଦିରରେ ପ୍ରୋଟୋକଲ ଦର୍ଶନ ବ୍ୟବସ୍ଥାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଶ୍ରୀମନ୍ଦିର କମାଣ୍ଡର ଏବଂ ସ୍ୱତନ୍ତ୍ର ସୁରକ୍ଷା ବାହିନୀଙ୍କ ମଧ୍ୟରେ କଥା କଟାକଟି ଯୋଗୁଁ ମହାପ୍ରଭୁଙ୍କ ଦର୍ଶନରେ ଉପୁଜିଛି ବାଧା। ଫଳରେ ଜେଟିପି ଅଧ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ସାତପାହାଚ ଦ୍ୱାର ବନ୍ଦ କରିଦେବାରୁ ବହୁ ଶ୍ରଦ୍ଧାଳୁ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ଅଧିକାରୀଙ୍କ ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲେ ମଧ କିଛି ଶ୍ରଦ୍ଧାଳୁ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି।

ନୂଆବର୍ଷ ଯୋଗୁଁ ଏବେ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ଏହି ଭିଡ଼କୁ କିପରି ନିୟନ୍ତ୍ରଣ କରି ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯିବ ସେ ନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ତେବେ ଆଜି ରବିବାର ଯୋଗୁଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଥିଲା। କିନ୍ତୁ, ପ୍ରୋଟୋକଲ ବ୍ୟବସ୍ଥାକୁ ବିରୋଧ କରି ହଠାତ୍ ଏକ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କୀର୍ତ୍ତନ ଚକଡାରେ ବ୍ୟାରିକେଡିଂ ବ୍ୟବସ୍ଥା କରାଯାଇଛି। ୭ ଥାକିଆ ବ୍ୟାରିକେଡ୍ ମଧ୍ୟରେ ଶ୍ରଦ୍ଧାଳୁମାନେ ଧାଡ଼ି କରି ସାତପାହାଚ ଦେଇ ଭିତରକୁ ଯାଇ ଦର୍ଶନ କରିଥାନ୍ତି। ହେଲେ ରବିବାର ଯୋଗୁ ଭିଡ଼ ଥିବାରୁ ଦର୍ଶନ ପାଇଁ ଆସିଥିବା ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ, ଏପରିକି ସ୍କୁଲ ଛାତ୍ରଛାତ୍ରୀଙ୍କ ନିମନ୍ତେ ସୁରକ୍ଷା କର୍ମଚାରୀମାନେ ଗୋଟିଏ ଧାଡ଼ି ରଖିଥିଲେ। ସେହି ଧାଡ଼ିରେ ସେମାନଙ୍କୁ ଛାଡୁଥିଲେ। ଅନ୍ୟ କାହାକୁ ସେପଟେ ଯିବାକୁ ଦେଉନଥିଲେ। ଏହି ଖବର ଶ୍ରୀମନ୍ଦିର କମାଣ୍ଡର୍ ସୁଧାଂଶୁ ପଟ୍ଟନାୟକଙ୍କ ପାଖରେ

**କମାଣ୍ଡର-ସୁରକ୍ଷା କର୍ମୀ ମୁହାଁମୁହିଁ**

ପହଞ୍ଚିବା ପରେ ସେ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏହି ସ୍ୱତନ୍ତ୍ର ଧାଡ଼ି କ'ଣ ପାଇଁ ରଖାଯାଇଛି ବୋଲି ସୁରକ୍ଷାବାହିନୀଙ୍କୁ ପଚାରିଥିଲେ। ଏହି ପଚରାଉଚରାକ୍ରମେ ଯୁକ୍ତିତର୍କ ଏବଂ କଥାକଟାକଟିର ରୂପ ନେଇଥିଲା।

କମାଣ୍ଡର୍ ଓ ସୁରକ୍ଷାକର୍ମୀଙ୍କ ମଧ ଏଭଳି ଯୁକ୍ତିତର୍କ ହେଉଥିବା ଦେଖି ଜେଟିପିମାନେ ପହଞ୍ଚି ଯାଇଥିଲେ। ଫଳରେ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଜେଟିପିମାନେ ମଧ ସୁରକ୍ଷା କର୍ମୀଙ୍କୁ ବିରୋଧ କରିଥିଲେ। ଏପରିକି, କମାଣ୍ଡରଙ୍କୁ ଠେଲାପେଲା ଏବଂ ଦୁର୍ବ୍ୟବହାର କରାଯାଇଥିବା ମଧ ଅଭିଯୋଗ ଉଠିଥିଲା। ଏହି ଘଟଣାକୁ ନେଇ ଜେଟିପିମାନେ ହଠାତ୍ ଜୟବିଜୟ ଦ୍ୱାର ବନ୍ଦ କରିଦେଇଥିଲେ। ଫଳରେ ଭକ୍ତମାନେ ମନ୍ଦିର ଭିତରକୁ ପ୍ରବେଶ କରିପାରି ନ ଥିଲେ। ଶହ ଶହ ଭକ୍ତ ସାତପାହାଚ ଦ୍ୱାରରେ ଠିଆ ହୋଇରହିଥିଲେ। ପ୍ରାୟ ଅଧଘଣ୍ଟାଏରୁ ଅଧିକ ଭକ୍ତମାନେ ସେମିତି ଠିଆ ହୋଇଥିଲେ। କିଛି ଶ୍ରଦ୍ଧାଳୁ ମଧ ବିଳମ୍ବ ଦେଖି ଦର୍ଶନ ନ କରି ଫେରି ଯାଇଥିଲେ। ଏଭଳି ବିବାଦ ଏବଂ ଏଥିପାଇଁ ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ଯାଇପାରୁ ନ ଥିବା ଖବର ପାଇବା ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ମନ୍ଦିର ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଭୟଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏହାପରେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ ଉଭୟପକ୍ଷଙ୍କ ସହ ଗାରଦରେ ଆଲୋଚନା କରିଥିଲେ। କାହିଁକି ଏଭଳି ଘଟଣା ଘଟିଲା, ପ୍ରକୃତରେ ଏଥିପାଇଁ କିଏ ଦାୟୀ ସେ ବିଷୟରେ ପଚାରି ବୁଝିଥିଲେ।

ଏ ସମ୍ପର୍କରେ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢ଼ୀ କହିଛନ୍ତି, 'କାହାକୁ ଠେଲାପେଲା କିମ୍ବା ଦୁର୍ବ୍ୟବହାର କରାଯାଇନାହିଁ। ଏକ ଭୁଲ୍ ବୁଝାମଣା ଯୋଗୁଁ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ସମାଧାନ କରାଯାଇଛି'।

ଏଠାରେ ପ୍ରଶ୍ନ ଉଠୁଛି ଯଦି ଶ୍ରୀମନ୍ଦିର କମାଣ୍ଡର ଏବଂ ସୁରକ୍ଷା ବାହିନୀ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ଉପୁଜିଲା, ତେବେ କାହିଁକି ସାତପାହାଚ ଦ୍ୱାରା ବନ୍ଦ କରି ଦିଆଗଲା? ଜେଟିପିଙ୍କୁ ଦ୍ୱାର ବନ୍ଦ କରିବାକୁ ଅଧିକାର ଦେଲା କିଏ? ଯଦି ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ପୁଲିସ ଗୋଟିଏ ଧାଡ଼ି ରଖିଲା, ଏ ବିଷୟରେ ଶ୍ରୀମନ୍ଦିର ପ୍ରଶାସନ ଜାଣିଥିଲା ନା ନାହିଁ? ଶୃଙ୍ଖଳିତ ଦର୍ଶନ ପାଇଁ ଯଦି ପୁଲିସ ଏଭଳି ଏକ ପଦକ୍ଷେପ ନେଇଥିଲା ଏଥିରେ କମାଣ୍ଡର ସହମତି ହେଲେ ନାହିଁ କାହିଁକି? ନା ଏହା ପଛରେ ଆଉ କିଛି ଅନ୍ୟ କାରଣ ରହିଛି? ଏଭଳି ଅନେକ ପ୍ରଶ୍ନ ସାଧାରଣ ଭକ୍ତଙ୍କୁ ଆନ୍ଦୋଳିତ କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେବାୟତଙ୍କ ମଧ୍ୟରେ ବିବାଦ ହେଉ କି କର୍ମଚାରୀଙ୍କ ମଧ୍ୟରେ ଅବା ଅନ୍ୟ କୌଣସି କାରଣ ପାଇଁ ଯଦି ଅପ୍ରୀତିକର ପରିସ୍ଥିତି ଉପୁଜୁଛି, ତେବେ ନୀତିକାନ୍ତି ବନ୍ଦ କରିଦିଆଯାଉଛି। ଏହାଦ୍ୱାରା ହଜାର ହଜାର ଭକ୍ତ ପ୍ରଭାବିତ ହେଉଛନ୍ତି। ଏହି ଧାରା ବନ୍ଦ ପାଇଁ ଦାବି ହେଉଛି।

### ଯୋଗାଣ ବିଭାଗର ସମୀକ୍ଷା କଲେ ମୁଖ୍ୟ ସଚିବ

## ମଣ୍ଡି ସୁପରିଚାଳନା କରିବାକୁ ପରାମର୍ଶ



ଭୁବନେଶ୍ୱର,୪।୧(ସମିସ): ଜାନୁଆରୀ ୩ ତାରିଖ ସୁଦ୍ଧା ୧୮ ଟି ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସମୟମଧ୍ୟରେ ପ୍ରାୟ ୧୧.୮୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ୨,୭୧,୩୧୮ ଜଣ ଚାଷୀ ୧୨.୦୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବିକ୍ରି କରିଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଶନିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗୀୟ କାର୍ଯ୍ୟ ସମୀକ୍ଷା ପରେ ସରକାରଙ୍କ ପକ୍ଷରୁ ଏହା କୁହାଯାଇଛି। ରାଜ୍ୟ ସରକାର କହିଛନ୍ତି ଯେ, ଚଳିତ ୨୦୨୫-୨୬ ଧାନ କ୍ରୟ ଋତୁ ପାଇଁ ୧୯ ଲକ୍ଷ ୬୭ ହଜାର ୮୧୨ ଜଣ ଚାଷୀ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ଖରିଫ ୨୦୨୫-୨୬ ପାଇଁ ମୋଟ ଧାନ ଚାଷ ଅଞ୍ଚଳ ୬୧ ଲକ୍ଷ ୬୭ ହଜାର ୪୧୪ ଏକର ପଞ୍ଜୀକୃତ ହୋଇଛି। ଅନ୍ୟପଟେ ଚାଷୀମାନଙ୍କୁ ବିଭିନ୍ନ ସୋସାଇଟି ସହିତ ସଂଯୁକ୍ତ କରାଯିବା, ଟୋକନ୍ ବ୍ୟବସ୍ଥା, ଧାନର ଗୁଣାତ୍ମକତା ଯାଂଚ, ମିଲରମାନଙ୍କ ଦ୍ୱାରା ଧାନ ଉଠାଯିବା, ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପ୍ରେରଣ, ମିଲର ମାନଙ୍କ ଠାରୁ ନିର୍ଦ୍ଧାରିତ ସମ ପରିମାଣର ଚାଉଳ ସଂଗ୍ରହ ଏବଂ

**ସଂଗ୍ରହ ହୋଇଛି ୧୧.୮୪ ଲକ୍ଷ ମେଟ୍ରିକ ଟନ୍ ଧାନ**

ବ୍ୟବସ୍ଥାର ସୁପରିଚାଳନା ସଂପର୍କରେ ମୁଖ୍ୟ ସଚିବ ବିସ୍ତୃତ ଅନୁଧ୍ୟାନ କରିବା ସହିତ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାର ସୁବ୍ୟବସ୍ଥା ପାଇଁ ସିସିଟିଭି ତଦାରଖ ବ୍ୟବସ୍ଥା, ମଣ୍ଡି ନୋଡାଲ ଅଧିକାରୀଙ୍କ ପାଇଁ ମୋବାଇଲ ଆପ୍ଲିକେସନ୍ସ ସୁବିଧା, ମଣ୍ଡିରୁ ମିଲର୍ସ ଡିପୋ ପର୍ଯ୍ୟନ୍ତ ଧାନ ସଂଗ୍ରହ ପାଇଁ ନିୟୋଜିତ ଯାନର ଗତି ସଂପର୍କରେ ଅନ ଲାଇନ୍ ଟ୍ରାକିଂ, କୌଣସି କାରଣରୁ ପ୍ରକ୍ରିୟାରେ ବିଳମ୍ବ ଦୃଷ୍ଟିକୁ ଆସିଲେ ତୁରନ୍ତ ସମାଧାନ ବ୍ୟବସ୍ଥା କରାଯାଉଥିବା ସଂପର୍କରେ ବୈଠକରେ ଆଲୋକପାତ କରାଯାଇଥିଲା।

# ରାସ୍ତାକଡ଼ରେ ଚାଲିଛି ଅବାଧ ମାଂସକଟା

ତାଳଚେର,୪।୧(ସମିସ):



ସହର ଭିତରେ, ରାଜରାସ୍ତାରେ ମାଂସ କାଟିବାକୁ ବାରଣ ଥିବା ସତ୍ତ୍ୱେ ତାଳଚେରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପୌରପରିଷଦ ତରଫରୁ ନିର୍ଦ୍ଧାରିତ ସ୍ଥାନରେ ଆମିଷ ମାର୍କେଟ ଖୋଲାଯାଇଥିବା ବେଳେ କିଛି ଅମାନିଆ ମାଂସ ଦୋକାନୀ ରାସ୍ତାକଡ଼ ଓ ସାହି ଭିତରେ ମାଂସ କାଟୁଛନ୍ତି। ତାଳଚେର ଟାଉନ ୪ ନମ୍ବର ୱାର୍ଡ ବିରାଦରପଡ଼ା ଓ ନୁହୁରା ସାହି ଭିତରେ ଏବେ ଅବାଧରେ ମାଂସକଟା ହେଉଥିବା ଅଭିଯୋଗ ହୋଇଛି। ଏହି ମାଂସ ଦୋକାନଗୁଡ଼ିକ ତାଳଚେର ପୌରପରିଷଦ କାର୍ଯ୍ୟାଳୟଠାରୁ ମାତ୍ର ଶହେ ମିଟର ଦୂରରେ ରହିଛି। ନିକଟରେ ଦୁଇଟି ଅନଙ୍ଗବାଡ଼ି କେନ୍ଦ୍ର ଓ ଗୋଟିଏ ମିଶନଶକ୍ତି ଗୃହ ରହିଛି। ପ୍ରତ୍ୟେକ ଦିନ ଏହି ରାସ୍ତାରେ ପୌର ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀ ଯାତାୟାତ କରୁଥିବା ବେଳେ ଏହି ଅମାନିଆ ମାଂସ ଦୋକାନୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସେମାନେ ମନଇଚ୍ଛା ରାସ୍ତା କଡ଼ରେ ମାଂସ କାଟୁଛନ୍ତି। ସେହି ରାସ୍ତାରେ କୋମଳମତି ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି ଶିଶୁ ଯିବାଆସିବା ବେଳେ ଏପରି ମାଂସକଟା ଦୃଶ୍ୟ ଦେଖୁଛନ୍ତି। ଫଳରେ ସେମାନଙ୍କ ମାନସିକତା ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ୁଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବିଭିନ୍ନ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଉଥିବା ବେଳେ କିଛି ମାଂସ ଦୋକାନୀ ଏବେ ବି ରାସ୍ତାକଡ଼ରେ ଅବାଧରେ ମାଂସ କାଟୁଛନ୍ତି। ଅତୀତରେ ତାଳଚେର ପୌରପରିଷଦ ପକ୍ଷରୁ ବିଭିନ୍ନସ୍ଥାନରେ ମାଂସକଟା ଓ ବିକ୍ରୟ କେନ୍ଦ୍ର ଉପରେ ଚଢ଼ଉ କରାଯାଇ ତାଗିଦ କରାଯାଇଥିଲା। ହେଲେ ଚଢ଼ଉ ଓ ଜରିମାନା କଲା ପରେ ବି ଅମାନିଆ ଦୋକାନୀ ଏବେ ମନଇଚ୍ଛା ସାହି ଭିତର ରାସ୍ତା ଉପରେ ମାଂସ କାଟି ବିକ୍ରି କରୁଥିବା ଅଭିଯୋଗ ହୋଇଛି। ପୌରପରିଷଦ ପକ୍ଷରୁ ସହରର ବିଭିନ୍ନସ ୍ଥାନରେ ମାଂସ ବିକ୍ରୟ କେନ୍ଦ୍ର ରହିଥିବା ବେଳେ ଆଉ କିଛି ସ୍ଥାନରେ ଖୋଲାମେଲାରେ ଏବେ ବି ମାଂସ ବିକ୍ରି ହେଉଥିବାରୁ ଉଦବେଗ ପ୍ରକାଶ ପାଇଛି। ଏପରି ମାଂସକଟା କେବଳ ନିଭୃତ ସ୍ଥାନରେ କରିବାକୁ ନିର୍ଦ୍ଦେଶ ଥିବା ବେଳେ ଏହାର ଖୋଲା ଉଲ୍ଲଙ୍ଘନ କରାଯାଉଛି। ଏ ବିଷୟରେ ତାଳଚେର ପୌର ଅଧିକାରୀଙ୍କୁ ପଚାରିବାରୁ ଅମାନିଆ ମାଂସ ଦୋକାନୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଜରିମାନା କରାଯାଇ ଦୋକାନ ବନ୍ଦ କରାଯିବ ବୋଲି କହିଛନ୍ତି।

# ମା’ ଲଙ୍ଗବାଉତିଙ୍କ ବାର୍ଷିକ ଉତ୍ସବ



ବଅଁରପାଳ,୪।୧(ସମିସ): ବଅଁରପାଳ ବ୍ଲକ ଗଡ଼ବୁଢ଼ାପଙ୍କ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ଲଙ୍ଗବାଉତି ଦେବୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ବର୍ଷ ପୌଷ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ହେଉଥିବା ମା’ଙ୍କ ଏହି ଯାତ୍ରାରେ ଚଳିତ ବର୍ଷ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ପ୍ରତ୍ୟୁଷରୁ ମା’ଙ୍କ ଦେହୁରୀ ନାରାୟଣ ବେହେରା ଓ ଅଜୟ ବେହେରା ଗ୍ରାମରେ ଥିବା ଆଲମ ଘରେ ମା’ଙ୍କ ନୀତିକାନ୍ତି, ନୂତନ ବସ୍ତ୍ର ପରିଧାନ ଓ ପୂଜାର୍ଚ୍ଚନା କରିଥିଲେ। ପୂର୍ବାହ୍ନ ୧୧ଟା ୩୦ରେ ଗ୍ରାମବାସୀ ମା’ଙ୍କୁ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ପୀଠସ୍ଥଳୀକୁ ନେଇଥିଲେ। ଶୋଭାଯାତ୍ରାରେ ଛତି, ତରାଶ ଶୋଭା ପାଉଥିବା ସହ ସାଉଣ୍ଡ, ଢୋଲ, ନିଶାଣ ଓ ଭକ୍ତଙ୍କ ହରିବୋଲ ହୁଳହୁଳିରେ ଗ୍ରାମ ପ୍ରକମ୍ପିତ ହୋଇ ଉଠିଥିଲା। ବାଟରେ ମହିଳାମାନେ ନିଜ ଘର ସମ୍ମୁଖରେ ବନ୍ଦାପନା କରିଥିଲେ। ଶୋଭାଯାତ୍ରା ପୀଠସ୍ଥଳୀରେ ପହଞ୍ଚିବା ପରେ ମା’ଙ୍କ ମାର୍ଜନା ଓ ପୂଜାର୍ଚ୍ଚନା କରାଯାଇଥିଲା। ଅଧିଆ ପଡ଼ିଥିବା ମହିଳାମାନେ ପାଦୁକା ପାଇ ମାନସିକ ଭଙ୍ଗ କରିଥିଲେ। ବହୁ ସଂଖ୍ୟକ ଶିଶୁଙ୍କୁ ମୁଣ୍ଡନ କରାଯାଇଥିଲା। ଯାତ୍ରା ପଡ଼ିଆରେ ଛୋଟବଡ଼ ବ୍ୟବସାୟୀମାନେ ବିଭିନ୍ନ ସାମଗ୍ରୀର ପସରା ମେଲିଥିଲେ। ସନ୍ଧ୍ୟାରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ ଏବଂ ବିଜେଡି ଯୁବନେତା ଅରୁଣାଭ ସିଂ ମା’ଙ୍କ ଦର୍ଶନ କରିଥିଲେ।

## ଲୁଟ୍ ଉଦ୍ୟମ ବିଫଳ, ମାରଣାସ୍ତ୍ରରେ ଆକ୍ରମଣ

ତାଳଚେର ସହର,୪।୧(ସମିସ): ତାଳଚେର ଥାନା ଅନ୍ତର୍ଗତ ବାଇପାସ୍ ଛକରେ ଦେଉଳବେଢ଼ା ଧଉଡ଼ା ସାହିର ହସମତ ଖାନ ଚା’ ପିଉଥିବା ବେଳେ ବାଘୁଆବୋଲ ଅଞ୍ଚଳର ଆଲୋକ ନାଏକ ଏବଂ ତାଙ୍କର ୫ ସହଯୋଗୀ ହସମତଙ୍କ ପାଖକୁ ଆସି ଟଙ୍କା ଏବଂ ମୋବାଇଲ ଛଡ଼େଇବାକୁ ଉଦ୍ୟମ କରିଥିଲେ। ହସମତ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡ ଏବଂ ନାକକୁ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଏନେଇ ହସମତ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଛି।

## ପ୍ରେମିକାର ଅଶ୍ଳୀଳ ଫଟୋ ଭାଇରାଲ ଧମକ

ଅନୁଗୋଳ,୪।୧(ସମିସ): ପ୍ରଥମେ ପ୍ରେମ, ପ୍ରେମ ପରେ ବ୍ରେକ ଅପ ତା ପରେ ପ୍ରେମିକାର ଅଶ୍ଳୀଳ ଫଟୋ ଭାଇରାଲ୍ କରିବା ନେଇ ପ୍ରେମିକର ଧମକ। ଆଉ ସବୁ ଘଟଣାକୁ ନେଇ ପ୍ରେମିକା ଥାନାର ଦ୍ୱାରସ୍ଥ। ଏଭଳି ଘଟଣା ଘଟିଛି ବିକ୍ରମପୁର ଥାନା ଅନ୍ତର୍ଗତ ଗୋବରା ଗ୍ରାମ ଖମାର ସାହିରେ। ସାହିର ଜଣେ ୧୯ ବର୍ଷର ଯୁବତୀ ଖମାର ଥାନା ଅନ୍ତର୍ଗତ ସତ୍ୟବନ୍ଧ ଗ୍ରାମର ୨୧ ବର୍ଷର ଯୁବକ ସୁରେନ୍ଦ୍ର ମହାନ୍ତି ସହ ପ୍ରେମ ସମ୍ପର୍କରେ ଥିଲେ। କୌଣସି କାରଣରୁ ତାଙ୍କର ବ୍ରେକ ଅପ ହେଲା। ପରେ ସୁରେନ୍ଦ୍ର ଯୁବତୀଙ୍କୁ ତାଙ୍କ ସହ କଥା ହେବା ପାଇଁ ବାଧ୍ୟ କଲେ। କଥା ନହେଲେ ସେରେନ୍ଦ୍ରଙ୍କ ପାଖରେ ଥିବା ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ କରିବା ନେଇ ଯୁବତୀଙ୍କୁ ଧମକ ଦେଲେ। ଯୁବତୀ ବିକ୍ରମପୁର ଥାନାର ଦ୍ୱାରସ୍ଥ ହୋଇ ଏ ନେଇ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ତେବେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ସାମ୍ବାଦିକଙ୍କୁ ଡାକ୍ତର ଓ କର୍ମଚାରୀଙ୍କ ଆକ୍ରମଣ ଅଭିଯୋଗ



ପାଲଲହଡ଼ା,୪।୧(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶଶିକାନ୍ତ ବେହେରା ଓ ମେଡିକାଲ କର୍ମଚାରୀମାନେ ରବିବାର ପାଲଲହଡ଼ାର ସାମ୍ବାଦିକ ହରିଶ୍ଚନ୍ଦ୍ର ଦାଶଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ପାଲଲହଡ଼ା ଡାକ୍ତରଖାନାର ଡାକ୍ତର ଓ କର୍ମଚାରୀମାନେ ଦ୍ୱିତୀୟ ଚିଲିକାଠାରେ ଭୋଜିଭାତର ଅସାର ଜମାଇଥିବାବେଳେ ସାମ୍ବାଦିକ ଦାଶ ନିଜ ସହଯୋଗୀଙ୍କ ସହ ମଧ୍ୟ ସେଠାକୁ ଖବର ସଂଗ୍ରହ ପାଇଁ ଯାଇ ଭିଡିଓ ଉତ୍ତୋଳନ କରୁଥିଲେ। ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ହରିଶଙ୍କ ପାଖକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ କାହା ଅନୁମତିରେ ଭିଡିଓ କରୁଛୁ କହି ମୋବାଇଲ ଫୋନ ଏବଂ ଗାଡ଼ି ଛଡ଼ାଇ ନେଇଥିଲେ। ଖବର ପାଇ ପାଲଲହଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପରେ ହରିଶ୍ଚନ୍ଦ୍ର ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉପଖଣ୍ଡସ୍ତରୀୟ କାର୍ଯ୍ୟରତ ସାମ୍ବାଦିକ ସଂଘ ସଭାପତିଙ୍କ ସହ ସମସ୍ତ ସଦସ୍ୟ ତଥା ପାଲଲହଡ଼ାର ସମସ୍ତ ସାମ୍ବାଦିକ ଥାନା ଅଧିକାରୀ ପ୍ରଦୀପ ମହାନ୍ତଙ୍କୁ ଭେଟି ଏ ନେଇ ଆଲୋଚନା କରିବା ସହ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ମହାନ୍ତ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଡା. ଶଶିକାନ୍ତ ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

## ମେଧାବୃତ୍ତି ପରୀକ୍ଷାରେ ସାଇ ଅଭିଲିପ୍ସାଙ୍କ ସଫଳତା



ଖମାର,୪।୧(ସମିସ): ପାଲଲହଡ଼ା ବ୍ଲକ୍ ଖମାର ପଞ୍ଚାୟତ ଜେନାପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସାଇ ଅଭିଲିପ୍ସା ରାଉଳ ଶିକ୍ଷାବର୍ଷ ୨୦୨୪-୨୫ରେ ଅନୁଷ୍ଠିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ଷଷ୍ଠ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେ ଓଡ଼ିଶା ସରକାରଙ୍କ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ମଧ୍ୟ ସଫଳତା ପାଇଛନ୍ତି। ସାଇ ଅଭିଲିପ୍ସା ହେଉଛନ୍ତି କଣ୍ଟିଆପଶି ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର ଶିକ୍ଷକ ରମାନାଥ ରାଉଳ ଓ ଉଷା ରାଉଳଙ୍କ ଝିଅ। ଏହି ସଫଳତାର ଶ୍ରେୟ ସେ ପିତାମାତା ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରିଛନ୍ତି।

# ତାଳଚେରରେ ସାଂଘାତିକ ପ୍ରଦୂଷଣ, କଟକଣା ଧର୍ମକୁ ଆଖିଠାର



ତାଳଚେର,୪।୧(ସମିସ):

ବାୟୁପ୍ରଦୂଷଣରେ ଦିଲ୍ଲୀକୁ ଟପିଲା ତାଳଚେର। ପ୍ରଦୂଷିତ ବାୟୁ ସହ ବିଷାକ୍ତ ପାଣି ବ୍ୟବହାର କରି ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତିରେ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇ ପାରିବ, କିନ୍ତୁ କୋଇଲା ଖଣି ମନ୍ତ୍ରାଳୟ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ସମସ୍ୟା ଉତ୍କଟ ହୋଇଛି। ପ୍ରଦୂଷଣ ରୋକିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଏନଏସଏସ୍ ଆଇନ ଲାଗୁ କରାଯାଇଛି। ତେବେ ଏହା ଧର୍ମକୁ ଆଖିଠାର ସଦୃଶ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ଶିଳ୍ପନଗରୀ ତାଳଚେର ଅଞ୍ଚଳରେ କୋଇଲା ଓ ପାଉଁଶ ବୋଝେଇ ହଜାର ହଜାର ଭାରୀଯାନ ଦୈନିକ ଅହରହ ଚଳପ୍ରଚଳ କରୁଛି। ଖଣିଖାଦନ, ଶିଳ୍ପଗୁଡ଼ିକରୁ ନିର୍ଗତ ବିଷାକ୍ତ ଧୂଆଁ, କଞ୍ଚା କୋଇଲା ଜାଳେଣି ରୂପେ ବ୍ୟବହାର କରିବା, ଟାୟାର ରିସୋଲିଂ ପାଇଁ କୋଇଲା ବ୍ୟବହାର, ରାସ୍ତା ନିର୍ମାଣରେ କ୍ରସରଗୁଣ୍ଡ ଓ ପାଉଁଶ ବ୍ୟବହାର ଯୋଗୁଁ ପ୍ରଦୂଷଣ ପ୍ରଚୁର ମାତ୍ରାରେ ବୃଦ୍ଧି ପାଉଛି। ସକାଳେ ଉଠିଲା ବେଳେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହେଉଛି। ଅନ୍ୟପଟେ ତାଳଚେର ଅଞ୍ଚଳରେ ଯେଉଁସବୁ ବଡ଼ବଡ଼ ଗଛଗୁଡ଼ିକ ରହିଛି, ତାହାର ଡାଳପତ୍ରରେ ଏତେ ପରିମାଣର ଡଷ୍ଟ ବସିଛି ଯେ ଯେକୌଣସି ଲୋକ ଏହାକୁ ଦେଖିଲେ କେତେ ବାୟୁ ପ୍ରଦୂଷଣ ସ୍ପଷ୍ଟବାରି ହେଇଯିବ। ଏହାର ନିରାକରଣ ପାଇଁ ଗାଁଠୁ ସହରାଞ୍ଚଳ ସବୁଠି ବ୍ୟାପକ ବୃକ୍ଷରୋପଣ, ରାସ୍ତାରେ ଜମି ରହିଥିବା ଧୂଳି, ମାଟି, ପାଉଁଶକୁ ଦୈନିକ ପରିଷ୍କାର କରି ପାଣି ସିଞ୍ଚନ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା କିଛିକାଂଶରେ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇ ପାରିବ। ତେବେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସନ୍ଧ୍ୟା ୬ରୁ ସକାଳ ୧୦ଟା ମଧ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଦିନକୁ ୩ଥର ପ୍ରତ୍ୟେକ ରାସ୍ତାରେ ପାଣି ସିଞ୍ଚନ, ତାଳଚେର ସହରକୁ ଭାରୀଯାନ ସମ୍ପୂର୍ଣ୍ଣ ବାରଣ, ଢାବାରେ କୋଇଲା ଜାଳେଣି, ଆବର୍ଜନା ପୋଡ଼ିବା, କୋଇଲା ଓ ପାଉଁଶ ଟ୍ରକ ଉପରେ ପାଲ ଘୋଡ଼ାଇ ପରିବହନ କରିବାକୁ କଟକଣା ଜାରି କରାଯାଇଛି। ଏହା ଆସନ୍ତା ୭ଦିନ ପାଇଁ ପାଳନ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ତେବେ ଏହି କଟକଣା ଧର୍ମକୁ ଆଖିଠାର ସଦୃଶ ବୋଲି ମତ ପ୍ରକାଶ ପାଇଛି। ଆଧୁନିକ ଜ୍ଞାନକୌଶଳରେ ରାସ୍ତାରୁ ଧୂଳିପାଉଁଶ ହଟାଇବା, ସରକାରଙ୍କ ପ୍ରଦୂଷଣ ଗାଇଡଲାଇନକୁ ମାନି ଶିଳ୍ପ କାରଖାନାଗୁଡ଼ିକୁ ଚାଲୁ ରଖିବାକୁ କଡ଼ାକଡ଼ି ପାଳନ କଲେ ତାଳଚେର ପ୍ରଦୂଷଣମୁକ୍ତ ହୋଇପାରିବ ବୋଲି ବିଭିନ୍ନ ମହଲରେ ଦାବି ହେଉଛି।







## ସାମାନ୍ୟ ବଚସାରୁ ଟାଙ୍ଗିଆରେ ଆକ୍ରମଣ

### ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ, ଜଣେ ଗିରଫ


ଅନୁଗୋଳ,୪।୧(ସମିସ): ଅନୁଗୋଳ ଜିଲ୍ଲା ଖମାର ଥାନା ଜୟମଲ ଗାଁରେ ସାମାନ୍ୟ ବଚସାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଝଗଡ଼ା ଉଗ୍ରରୂପ ନେଇଛି। ଟାଙ୍ଗିଆରେ ଆକ୍ରମଣ ଯୋଗୁଁ ଜଣେ ଗୁରୁତର ଆହତ ହୋଇଛନ୍ତି। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଜଣକୁ ଗିରଫ କରି ତଦନ୍ତ ଚଳାଇଛି।

ଗ୍ରାମର ମନୋଜ ସେଠୀ ଗ୍ରାହକ ସେବାକେନ୍ଦ୍ରରୁ ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ସୁମନ୍ତ ଗଡ଼ନାୟକ (ସେଠୀ) ରାସ୍ତାରେ ଠିଆହୋଇ ପାଟିତୁଣ୍ଡ କରୁଥିଲେ। କାହିଁକି ରାସ୍ତା ପାଟିତୁଣ୍ଡ କରୁଛ ବୋଲି ମନୋଜ ପଚାରିବାରୁ ସୁମନ୍ତ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ତଣ୍ଟିକୁ ଚିପି ଧରିଥିଲେ। ତେବେ ମନୋଜ କୌଶଳ କ୍ରମେ ସେଠାରୁ ଖସିଆସି ଘରେ ସମସ୍ତ କଥା କହିଥିଲେ। ମନୋଜଙ୍କ ମା’ କାଞ୍ଚନ ସେଠୀ କାହିଁକି ମାଡ଼ ମାରିଲୁ ବୋଲି ପଚାରିବାରୁ ସୁମନ୍ତ ଓ ତାଙ୍କ ପରିବାର ଲୋକେ ତାଙ୍କୁ ଅସଭ୍ୟ ଭାଷାରେ ଗାଳି କରିବା ସହ ମୁଣ୍ଡକୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ମନୋଜଙ୍କ ସାନଭାଇ କାଞ୍ଚନକୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ସୁମନ୍ତ ତାଙ୍କ ଉଭୟ ହାତକୁ ଟାଙ୍ଗିଆରେ ଆକ୍ରମଣ କରିଥିବା ମନୋଜ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ସୁମନ୍ତଙ୍କ ସ୍ତ୍ରୀ ପ୍ରମିତା ବେହେରା ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଶୋକ (ମନୋଜ) ସେଠୀ ତାଙ୍କ ପରିବାର ସହ ଆସି ଠେଙ୍ଗା ଏବଂ ଟାଙ୍ଗିଆ ଧରି ତାଙ୍କ ପରିବାରକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ମନୋଜ ତାଙ୍କ ଶଶୁର କେଶବ ସେଠୀଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସ୍ୱାମୀ ସୁମନ୍ତ ଛଡ଼ାଇବା ବେଳେ ତାଙ୍କ ହାତକୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ ବୋଲି ପ୍ରମିତା ଅଭିଯୋଗରେ ଦର୍ଶାଇଛନ୍ତି। ଉଭୟ ପକ୍ଷରୁ ଅଭିଯୋଗ ପରେ ପୁଲିସ ଦୁଇଟି ମାମଲା ରୁଜୁକରି ତଦନ୍ତ କରିବା ସହ ସୁମନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।









**ମହିଳା ବିଡିଓଙ୍କୁ ବିଜେପି ନେତାଙ୍କ ସଙ୍ଘବଦ୍ଧ ଆକ୍ରମଣ ଘଟଣା**

# ଲଳିତଙ୍କ ସମେତ ୩୦ ବିଜେପି କର୍ମୀଙ୍କ ନାଁରେ ମାମଲା ରୁଜୁ

ରାଜନଗର/କେନ୍ଦ୍ରାପଡ଼ା, ୪ ।୧(ସମିସ)



ରାଜନଗର ବ୍ଲକର ମହିଳା ବିଡିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ସଙ୍ଘବଦ୍ଧ ଭାବେ ଘେରିବା ସହ ସରକାରୀ ଲାପଟପ ଉଠାଇ ମାରିବାକୁ ଉଦ୍ୟମ ଘଟଣା ସବୁ ମହଲରେ ଉଦବେଗ ସୃଷ୍ଟି କରିଛି । ଏହି ଘଟଣା ସମ୍ପର୍କରେ ବିଡିଓ ତିଲୋତ୍ତମା ପୃଷ୍ଟି କେନ୍ଦ୍ରପଡା ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇବା ପରେ ତାଙ୍କର ମାନସିକ ଅବସ୍ଥା ଭଲ ନଥିବାରୁ ସେ ଛୁଟିରେ ଯାଇଥିବା ଜଣାପଡିଛି । ଏହି ଘଟଣାକୁ ଜିଲ୍ଲାର ଓଏଏସ ସଂଘ ମଧ୍ୟ ଗୁରୁତର ସହ ନେବା ସହ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଅନ୍ୟପକ୍ଷରେ ଗତକାଲି ସନ୍ଧ୍ୟାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ରାଜନଗର ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ । ରାଜନଗର ଥାନାରେ ବିଜେପି ନେତା ତଥା ବିଜେପିର ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରା ଓ ତାଙ୍କ ସମର୍ଥକଙ୍କ ନାଁରେ କେସ ନମ୍ବର ୩/୨୦୨୬ରେ ମାମଲା ରୁଜୁ ହୋଇଛି ।

ସୂଚନା ମୁତାବକ, ବିଜେପି ବିଧାୟକ ପାର୍ଥୀ ଲଳିତ ବେହେରାଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ୨ ତାରିଖ ଦିନ ପ୍ରାୟ ୧୨ଟା ୩୦ ମିନିଟ ସମୟରେ ରାଜନଗର ବିଡିଓ ତିଲୋତ୍ତମା ପୃଷ୍ଟିଙ୍କ କାର୍ଯ୍ୟାଳୟରେ ପଶି ଧମକ ଦେବା ସହ ମାରିବାକୁ ଉଦ୍ୟମ କରିଥିଲେ । ବିଡିଓଙ୍କୁ ସରକାରୀ ଅନିୟମିତତା କାର୍ଯ୍ୟ କରିବାକୁ ବାଧ କରିଥିଲେ । ବିଡିଓ ମନା କରିବାରୁ ପ୍ରଥମେ ଲଳିତଙ୍କ ସହିତ ଯାଇଥିବା କର୍ମୀ ବିଡିଓଙ୍କୁ ଦୁର୍ବ୍ୟବହାର କରିଥିଲେ । ବିଡିଓ ଏହାର ପ୍ରତିବାଦ କରିବାରୁ ବିଜେପି ନେତା ଲଳିତ ବିଡିଓ ସରକାରୀ କାମ କରୁଥିବା ଲାପଟପକୁ ଟାଣି ଆଣି ତାଙ୍କ ଉପରକୁ ଫୋପଡିବାକୁ ଯାଉଥିଲେ । ଅନ୍ୟ କର୍ମୀ ତାଙ୍କଠାରୁ ଲାପଟପ ଛଡାଇ ଆଣିବାରୁ ବିଡିଓ ରକ୍ଷା ପାଇଯାଇଥିଲେ । ପରେ ବିଡିଓଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ କଥାରେ କାମ ନ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି । ସରକାରୀ କାର୍ଯ୍ୟ କରୁଥିବାବେଳେ କାର୍ଯ୍ୟ ସମ୍ପାଦନ କରିବାକୁ ନ ଦେଇ ଆକ୍ରମଣ ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି । ଏହି ଘଟଣା ପରଠାରୁ ବିଡିଓ ତାଙ୍କ କାର୍ଯ୍ୟାଳୟକୁ ଆସି ନ ଥିବାବେଳେ ଛୁଟିରେ ଚାଲିଯାଇଛନ୍ତି । ଏହି ଘଟଣାକୁ ନେଇ ଆସନ୍ତାକାଲି ରାଜ୍ୟ ସ୍ତରରେ ଓ ରାଜନଗରରେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ଜଣାପଡ଼ିଛି ।

**କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଓଏଏସ୍ ସଂଘର ଦାବି**

# ଅନ୍ଧାରରେ ଅଢ଼ାଜୋରୀ ବିଦ୍ୟୁତ୍ କାର୍ଯ୍ୟାଳୟ

ପଟ୍ଟାମୁଣ୍ଡାଇ, ୪ ।୧ (ସମିସ): ଟିପିସିଓଡିଏଲର ପଟ୍ଟାମୁଣ୍ଡାଇ ସବଡିଭିଜନ ଅନ୍ତର୍ଗତ ଅଢ଼ାଜୋରୀ ବିଦ୍ୟୁତ ସେକ୍ସନ ଅଫିସ ଦୀର୍ଘଦିନ ହେବ ଅନ୍ଧାରରେ ରହିଥିବା ଦେଖାଯାଉଛି । ଅଧିକାରୀଙ୍କ ଅବହେଳାରୁ ଉତ୍ତିକଣ ଅଞ୍ଚଳର ଅନେକ ଗ୍ରାମକୁ ବିଦ୍ୟୁତ ଯୋଗାଇ ଆଲୋକିତ କରୁଥିବା ଅଢ଼ାଜୋରୀ ବିଦ୍ୟୁତ କାର୍ଯ୍ୟାଳୟ ବାହାର ପାଶ୍ୱର୍ରେ କୌଣସି ଲାଇଟ ଲାଗିପାରିନାହିଁ । ମୁଖ୍ୟ ରାସ୍ତାରୁ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତା କଡ଼ରେ ଥିବା କୌଣସି ଗୋଟିଏ ବି ଖୁଣ୍ଟରେ ଲାଇଟ ଲଗାଇବା ପାଇଁ କାର୍ଯ୍ୟାଳୟ ତରଫରୁ ଉଦ୍ୟମ କରାଯାଇ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଯଦ୍ୱାରା ରାତିରେ ଅନ୍ଧାରର ସୁଯୋଗ ନେଇ ନିଶାଡ଼ିମାନେ କାର୍ଯ୍ୟାଳୟ ପାଖରେ ଅଡ୍ଡା ଜମାଉଛନ୍ତି । ରାତିରେ ଜନସାଧାରଣ କୌଣସି ଜରୁରୀ କାମରେ କାର୍ଯ୍ୟାଳୟକୁ ଗଲେ ଅନ୍ଧାର ଜନିତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କାର୍ଯ୍ୟାଳୟର ରାତି ଡ୍ୟୁଟି କରୁଥିବା କର୍ମଚାରୀ ମଧ୍ୟ ଅନ୍ଧାର ଯୋଗୁଁ ଭୟଭୀତ ଅବସ୍ଥାରେ ଡ୍ୟୁଟି କରୁଥିବା ପ୍ରକାଶ କରିଛନ୍ତି । କନିଷ୍ଠ ଯନ୍ତ୍ରୀଙ୍କୁ ସମସ୍ୟା ବିଷୟରେ ପଚାରିବାରୁ କାର୍ଯ୍ୟାଳୟରେ ଲାଇଟ ଗଚ୍ଛିତ ନ ଥିବାରୁ ଲାଗିପାରୁନାହିଁ ବୋଲି କହିଛନ୍ତି । ଏପରିକି ବହୁ ଦିନରୁ ଲାଗିଥିବା କାର୍ଯ୍ୟାଳୟର ନାମ ଫଳକରୁ ରଙ୍ଗ ଉଡ଼ିଯାଇଥିଲେ ବି ନୂଆ ନାମ ଫଳକ ଲଗାଇବା ପାଇଁ ଅଧିକାରୀଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବା ଜଣାପଡ଼ିଛି । ଉଚ୍ଚ ଅଧିକାରୀ ସମସ୍ୟାର ଗୁରୁତ୍ୱ ଅନୁଭବ କରି ତୁରନ୍ତ କାର୍ଯ୍ୟାଳୟ ବାହାର ପାଶ୍ୱର୍ରେ ଲାଇଟ ଲଗାଇବା ସହ ସମ୍ମୁଖ ରାସ୍ତାରେ ଥିବା ବିଦ୍ୟୁତ ଖୁଣ୍ଟଗୁଡ଼ିକରେ ଲାଇଟ ଲଗାଇବା ପାଇଁ ସର୍ବେଶ୍ୱର ସେଠୀ, ରମାକାନ୍ତ ଦାସ, ସଂଗ୍ରାମ ମହାନ୍ତି, ବୁଟୁନା ପଣ୍ଡା, ବିଶ୍ୱଜିତ ପରିଡ଼ା, ଅର୍ଜୁନ ସାହୁ, ଅତନୁ ମଲିକ, ଆଶିଷ ମଲିକ, ନିରଞ୍ଜନ ଦାଶ ପ୍ରମୁଖ ଦାବି କରିଛନ୍ତି ।




# ପୁନ୍ଦାଲରେ ଚୋରି ପରେ ଦୋକାନ ପୋଡ଼ି ଘଟଣାରେ ୨ ଗିରଫ

କେନ୍ଦ୍ରାପଡ଼ା,୪।୧(ସମିସ): ପୁନ୍ଦାଲ ଅଞ୍ଚଳରେ ଲଗାତର ଅପରାଧିକ ଘଟଣା ଏବେ ସାଧାରଣ ଲୋକଙ୍କ ମନରେ ଭୟ ଓ ଆତଙ୍କ ସୃଷ୍ଟି କରିଛି । ୩ଟି ଦୋକାନର ଗୋଦାମ ଘରକୁ ଟାର୍ଗେଟ କରି ଘଟିଥିବା ଚୋରି ଓ ପରବର୍ତ୍ତୀ ପୋଡ଼ି ଘଟଣା ଏହି ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ ନେଇ ଗଭୀର ପ୍ରଶ୍ନ ଉଠାଇଛି । ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଧରିବାରେ ସଫଳ ହୋଇଥିବାବେଳେ ଆଉ ୨ ଜଣ ଫେରାର ଅଛନ୍ତି । ଧରାପଡ଼ିଥିବା ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକ ଥିବାରୁ ତାଙ୍କୁ ଥାନାରେ ଅଟକ ରଖାଯାଇ ଜୁଭେନାଇଲ କୋର୍ଟରେ ପ୍ରତ୍ୟୁସ କରାଯିବାକୁ ପ୍ରସ୍ତୁତି ହେଉଛି । ଅନ୍ୟ ଜଣେ ଅଭିଯୁକ୍ତକୁ ସ୍ଥାନୀୟ ଲୋକେ କାବୁ କରିଦେବା ପରେ ସେ ଭୟରେ ବିଷ ପିଇଦେଇଥିବା ଜଣାପଡ଼ିଛି । ତାଙ୍କ ଅବସ୍ଥା ଗୁରୁତର ହେବାରୁ କେନ୍ଦ୍ରାପଡ଼ା ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଗୋଦାମ ଘରୁ ମୂଲ୍ୟବାନ ସାମଗ୍ରୀ ଚୋରି କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଦୋକାନଗୁଡ଼ିକୁ ନିଆଁ ଲଗାଯାଇଥିଲା । ଘଟଣାସ୍ଥଳ ସହିତ ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ସାମଗ୍ରୀ ମଧ୍ୟ ପୁଲିସ ଜବତ କରିଛି । ଏହି ଘଟଣା ପରେ ପୁନ୍ଦାଲ ଅଞ୍ଚଳରେ ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ରାତି ହେଲେ ଘର ଓ ଦୋକାନ ସୁରକ୍ଷା ନେଇ ଚିନ୍ତା ବଢୁଛି ବୋଲି କହିଛନ୍ତି ସ୍ଥାନୀୟ ବ୍ୟବସାୟୀ । ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ସିସିଟିଭି ଫୁଟେଜ ଆଧାରରେ ତଦନ୍ତକୁ ଜୋରଦାର କରାଯାଇଛି । ପୁଲିସର କଡ଼ା ପଦକ୍ଷେପ ଓ ରାତ୍ରକାଳୀନ ପ୍ରହରା ବଢ଼ିଲେ ହିଁ ସାଧାରଣ ଲୋକଙ୍କ ମନରୁ ଏହି ଭୟ ଦୂର ହେବ ବୋଲି ମତ ପ୍ରକାଶ ପାଉଛି ।

# ଛକନାରେ ନଡ଼ିଆ ଚାଷୀଙ୍କ କର୍ମଶାଳା

ଡେରାବିଶ,୪ ।୧(ସମିସ): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଛକନା ଗ୍ରାମସ୍ଥିତ ଆଖଣ୍ଡଳମଣି ନାରିକେଳ ସମିତି କାର୍ଯ୍ୟାଳୟ ପରିସରରେ ନଡ଼ିଆ ଚାଷୀମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ସଂଯୋଜକ ସନାତନ କରଙ୍କ ତତ୍ତ୍ୱାବଧାନରେ ଆଖଣ୍ଡଳମଣି ନାରିକେଳ ସମିତି ଅଧୀନ ସ୍ଥାନୀୟ ଅନ୍ୟ ତିନିଟି ସମିତିର ୧୭୦ ଚାଷୀ ଏଥିରେ ଯୋଗଦେଇଥିଲେ । ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ନାରିକେଳ ଉନ୍ନୟନ ବୋର୍ଡ ଉପନିର୍ଦ୍ଦେଶକ ଶଶି କୁମାର ସି ଓ ମୁଖ୍ୟବକ୍ତା ଭାବେ ସହନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ଦାସ ଯୋଗଦେଇ ସ୍ୱଳ୍ପ ବ୍ୟୟରେ ଅଧିକ ଅମଳ ପାଇଁ କେଉଁ ସମୟରେ ଔଷଧ ଓ ସାର ପ୍ରୟୋଗ କଲେ ନଡ଼ିଆ ଗଛଗୁଡ଼ିକ ହୃଷ୍ଟପୃଷ୍ଟ ହୋଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏଥିସହିତ ନଡ଼ିଆ ଚାଷୀମାନେ କେବଳ ନଡ଼ିଆ ନୁହେଁ ନଡ଼ିଆ ବାହୁଙ୍ଗାରୁ ଖଡ଼ିକା, ନଡ଼ିଆ କତା, ଶଢ଼େଇ ସଂଗ୍ରହ କରି ବିଭିନ୍ନ ଘରକରଣା ସାମଗ୍ରୀ ପ୍ରସ୍ତୁତ କରିବା ସହ ନଡ଼ିଆ ତେଲକୁ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ଉଚିତ୍ ମୂଲ୍ୟରେ ବିକ୍ରି କରିପାରିବେ ବୋଲି କହିଥିଲେ । ସ୍ୱର୍ଣ୍ଣଲତା ସାମଲ, କେଦାର ମହାନ୍ତି, ଜ୍ୟୋତ୍ସ୍ନାମୟୀ ସାମଲ, ପ୍ରଦୀପ୍ତ ଶତପଥୀ, ଆଭାପ୍ରସାଦ ରଥ, ଦୀପ୍ତିରଞ୍ଜନ ସାମଲ, ଦେବବ୍ରତ ବଳ, କୁଳମଣି ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ହାଲିମା ବେଗମଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୪।୧(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୧ନଂ ୱାର୍ଡର ସମାଜସେବୀ ତଥା ଓଡ଼ିଶା ଡାକ ପରିବାରର ସହସମ୍ପାଦକ ଶେଖ ସରାତୁଲ୍ଲାଙ୍କ ଧର୍ମପତ୍ନୀ ଧର୍ମପ୍ରାଣା ମହିଳା ହାଲିମା ବେଗମଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା । ସେ ଶ୍ୱାସ ରୋଗରେ ପୀଡିତ ଥିଲେ । ସେ ଜଣେ ପରୋପକାରୀ ଓ ଧର୍ମପ୍ରାଣା ମହିଳା ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସହିତ ତାଙ୍କର ପାରିବାରିକ ସମ୍ପର୍କ ଥିଲା । ଶନିବାର ସ୍ଥାନୀୟ ମୁସଲମାନ ବସ୍ତିରେ ତାଙ୍କୁ କବର ଦିଆଯାଇଥିଲା । ତାଙ୍କ ବିୟୋଗରେ ୧୧ନଂ ୱାର୍ଡରେ ଶୋକର ଛାୟା ଖେଳିଯାଇଛି ।

# ବିଶ୍ୱଶାନ୍ତି ମହାଯଜ୍ଞ; ଶୁଭଦେଲେ ବିଧାୟକ

ପଟ୍ଟାମୁଣ୍ଡାଇ,୪ ।୧(ସମିସ): ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଅନ୍ୟତମ ଗଣପର୍ବ ଓ ମହାନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ୭୭ତମ ବିଶ୍ୱଶାନ୍ତି ମହାଯଜ୍ଞର ପାରମ୍ପରିକ ରୀତିନୀତି ଅନୁଯାୟୀ ଶୁଭ ଦିଆଯାଇଛି । ପଣ୍ଡିତ ବ୍ରହ୍ମାନନ୍ଦ ନନ୍ଦ ଓ ଭ୍ରମରବର ତ୍ରିପାଠୀଙ୍କ ଯଥାବିଧି ପୂଜାର୍ଚ୍ଚନା ଓ ମନ୍ତ୍ରଧ୍ୱନି ମଧ୍ୟରେ ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ଯଜ୍ଞର ଶୁଭ ଦେଇଛନ୍ତି । ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ଓ ପ୍ରଣବ ପଣ୍ଡା, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ଅଗ୍ନିଶମ ଅଧିକାରୀ ଗଗନ ମହାନ୍ତି, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି), ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା ସହସମ୍ପାଦକ ସରୋଜ ପାଢ଼ୀ କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ବିଦ୍ୟାଧର ସେଠୀ ଓ ଗୋପୀବଲ୍ଲଭ ନାୟକ, ବଣିକ ସଂଘ ଉପଦେଷ୍ଟା କିରଣ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ । ଏହି ମହାଯଜ୍ଞ ଆସନ୍ତା ୨୪ ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୧ ତାରିଖରେ ପୂର୍ଣ୍ଣାହୂତି ଦିଆଯିବ ।

# ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା

ପଟ୍ଟାମୁଣ୍ଡାଇ,୪।୧(ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁମନ୍ଦିରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସରକାରୀ ଓକିଲ ଧୀରେନ୍ଦ୍ର ନାଥ ସାହୁ ସଂଯୋଜନା କରିଥିଲେ । ଏଥିରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଜଜମେଣ୍ଟ, ସ୍ଥାନୀୟ ଭାଷାରେ ଅନୁବାଦିତ, ମଧ୍ୟସ୍ଥତାରେ କେସର ସମାଧାନ, ବାଲ୍ୟବିବାହ ଆଦି ବିଷୟରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ସମ୍ପାଦକ ରବୀନ୍ଦ୍ର ଦାଶ, ରିଟେନର ଗୀତାଞ୍ଜଳି ପୃଷ୍ଟି, ନୋଟାରୀ ସତ୍ୟନାରାୟଣ ନାୟକ, ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଗୁରୁଜୀ ପ୍ରଭାତ ନାୟକ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଅମରେନ୍ଦ୍ର ରାଉତ, ଅପର୍ଣ୍ଣା ସାମଲ, ମୋହନ ଦାଶ, ଅରବିନ୍ଦ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।



ରାଜ୍ୟସ୍ତରୀୟ ଅଙ୍ଗୁଲାଇ କପ୍ କ୍ରିକେଟ୍ ଉଦ୍‌ଘାଟିତ

**● ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

# ଇନ୍ଦୁପୁର ଚାମ୍ପିଅନ, ରାଜକନିକା ରନର୍ସଅପ୍

ରାଜକନିକା,୪।୧(ସମିସ): ରାଜକନିକା ବ୍ଲକ୍ ଡାଲିକାଏନ୍ଦା ଗ୍ରାମର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଙ୍ଘ ଆନୁକୂଲ୍ୟରେ ଚାଲିଥିବା ୫୦ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ୍‌ରେ ଇନ୍ଦୁପୁର ଗୋପବନ୍ଧୁ କ୍ରିକେଟ କ୍ଲବ୍ ୪ ୱିକେଟ୍‌ରେ ରାଜକନିକା କ୍ଲବକୁ ହରାଇ ଚାମ୍ପିଅନ୍ ହୋଇଛି । ରାଜକନିକା ପ୍ରଥମେ ବ୍ୟାଟିଂ କରି ୧୯.୧ ଓଭରରେ ସମସ୍ତ ୱିକେଟ ହରାଇ ୧୭୩ ରନ କରିଥିବାବେଳେ ଇନ୍ଦୁପୁର ୧୭.୪ ଓଭରରେ ୬ ୱିକେଟ ହରାଇ ୧୭୪ ରନ କରି ବିଜୟ ଲାଭ କରିଥିଲା ।



କନିକା ଭାସ୍କର, ଡାଲିକାଏନ୍ଦା ରତ୍ନ ତଥା ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଡ. ହୟଗ୍ରୀବ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ସମ୍ମାନିତ ଅତିଥି ଭାବେ ରାଜ୍ୟ ଦନ୍ତ ପରିଷଦର ସଭାପତି ଡାକ୍ତର ଆଶିଷ ବାରିକ, ବରିଷ୍ଠ ଆଇନଜୀବୀ ସଞ୍ଜୟ ଜେନା, ସ୍ଥାନୀୟ ସମିତି ସଭ୍ୟ ଅମିତ ନାୟକ, ଗୁରୁଜୀ ଗ୍ରୁପ ଅଫ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ନିବେଦିତା ଗୁରୁ, ଶିକ୍ଷାବିତ୍ ବସୁଦେବ ସ୍ୱାଇଁ, କମିଟି ଉପସଭାପତି ନିଗମାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ୧ ଲକ୍ଷ ୨୧ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୭୭ ହଜାର ୭୭୭ ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ । ପ୍ରକାଶ ସାହୁ ଓ ନିଗମାନନ୍ଦ ବେହେରା ଖେଳ ପରିଚାଳନା କରିଥିବାବେଳେ ବିଜୟ ବେହେରା ମ୍ୟାଚ ରେଫରୀ କାର୍ଯ୍ୟ ତୁଲାଇଥିଲେ । ଶିକ୍ଷାବିତ ବିଦ୍ୟାଧର ବେହେରା ମଞ୍ଚ ପରିଚାଳନା କରିଥିବାବେଳେ କ୍ଲବ୍ କୋଷାଧ୍ୟକ୍ଷ କୈଳାସ ସେଠୀ ଅତିଥି ପରିଚୟ, ସମ୍ପାଦକ ପ୍ରଶାନ୍ତ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରମୋଦ ରାଉତ, ସରୋଜ ବେହେରା, ପ୍ରେମାନନ୍ଦ ବିଶ୍ୱାଳ, ବିଶ୍ୱାମିତ୍ର ଜେନା, ଦୁଃଶାସନ ସ୍ୱାଇଁ, ଅଭୟ ସ୍ୱାଇଁ, ଅଦ୍ୱୈତ ବିଶ୍ୱାଳ, ରାଜନାରାୟନ ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ରାଜକିଶୋର ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ

ମାର୍ଶାଘାଇ,୪ ।୧(ସମିସ): ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ବାହାଲତା ଖେଳପଡ଼ିଆରେ ଧନିଆପଡ଼ା ବ୍ରଜମହାକାଳୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ୧୪ତମ ରାଜକିଶୋର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ମ୍ୟାଚ ଯାଜପୁର ଫାଇଟର କ୍ଲବ ଓ ଜଗତ୍‌ସିଂହପୁର ଏର୍‌ପିଏସ୍ କ୍ଲବ ମଧ୍ୟରେ ଖେଳାଯାଇଥିଲା । ଜଗତସିଂହପୁର ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚ କଟକ ଜାଗୁଆର କ୍ଲବ ଓ ନନ୍ତାର ମଣିନାଗେଶ୍ୱର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କଟକ ଜାଗୁଆର କ୍ଲବ ବିଜୟୀ ହୋଇଛି । ଜାଗୁଆର କ୍ଲବର ଟିଟନ୍ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଆୟୋଜକ କ୍ଲବ ସଭାପତି ନିରଞ୍ଜନ ସ୍ୱାଇଁ, ସମ୍ପାଦକ ତୋଫାନ ସ୍ୱାଇଁ, ଜଗନ୍ନାଥ ବେହେରା, ସଞ୍ଜୟ ବେହେରା, ସାଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଦୁଇ ବାଇକ୍ ମୁହାଁମୁହିଁ, ୨ ଗୁରୁତର

ଆଳି,୪।୧(ସମିସ): କଟକ-ଚାନ୍ଦବାଲି ରାସ୍ତା ସଂଲଗ୍ନ ରାସ୍ତା ଭୂଇଁପୁର ଛକରୁ ଅନତୀ ଦୂରରେ ଏକ ବାଇକ ସହ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଚାଳକ ଗୁରୁତର ଆହତ ହୋଇଛନ୍ତି । ଗୋବିନ୍ଦପୁର ଗ୍ରାମର ପରମେଶ୍ୱର ମଲିକ (୩୦) ଆଳି ବଜାର ଅଭିମୁଖେ ଆସୁଥିବା ସମୟରେ ଭୂଇଁପୁର ଛକର ଅନତୀ ଦୂରରେ ଅନ୍ୟପଟୁ ରାଣୀପୋଖରୀ ଗ୍ରାମର ସରୋଜ ବେହେରା(୨୬) ବାଇକ୍‌ରେ ଆସୁଥିଲେ । ଏହି ରାସ୍ତା ରେ ଭିଡ଼ ଯୋଗୁଁ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ପରେ ଉଭୟ ଛିଟିକି ପଡ଼ିଥିଲେ । ସେମାନଙ୍କ ଶରୀରରେ ଶକ୍ତ ଆଘାତ ଲାଗିବା ସହ ପରମେଶ୍ୱରଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକ ଓ ସଡ଼କ ବନ୍ଧୁ ସୁଶାନ୍ତ ତରାଇ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# ଗାୟତ୍ରୀ ପରିବାର ପକ୍ଷରୁ ନିଶା ନିବାରଣ ସଚେତନତା

ପଟ୍ଟାମୁଣ୍ଡାଇ,୪ ।୧(ସମିସ): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ସଂସ୍ଥାପିକା ବନ୍ଦନୀୟା ମାତା ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଶତବାର୍ଷିକୀ ଓ ଅଖଣ୍ଡ ଦୀପ ପ୍ରାକଟ୍ୟ ବର୍ଷ ପାଳନ ଅବସରରେ ଗାୟତ୍ରୀ ପରିବାର ପକ୍ଷରୁ ହରିଦ୍ୱାରଠାରୁ ଆରମ୍ଭ କରି ଦେଶ ବିଦେଶରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି କ୍ରମରେ ପଟ୍ଟାମୁଣ୍ଡାଇ ବେଲତଳ ଗୁଲନଗର ଗାୟତ୍ରୀ ପ୍ରଜ୍ଞାପୀଠ ପକ୍ଷରୁ ନୂଆବର୍ଷରେ ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଜିଲ୍ଲା ସଂଯୋଜକ ତଥା ଗାୟତ୍ରୀ ପ୍ରଜ୍ଞାପୀଠ ମୁଖ୍ୟ ବ୍ୟବସ୍ଥାପକ ପ୍ରଭାତ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ସରୋଜ ଆଚାର୍ଯ୍ୟ, ମହେଶ୍ୱର ପାଢ଼ୀ, ଝରଣା ଆଚାର୍ଯ୍ୟ, ରୀନାରାଣୀ ପାଢ଼ୀ, ପ୍ରଭାତ ପାତ୍ର, ରମେଶ ଦାସ, ସ୍ରୋତସ୍ୱିନୀ ପାତ୍ର, ଦେବକୀ ଦାସ, ଚତୁର୍ଭୁଜ ଦାସ, ଶୈଳବାଳା ଦାସ, ରାଜଶ୍ରୀ ସାହୁ, ଅନନ୍ୟା ବାଈ, ହରପ୍ରିୟା ଖିଲାର, ଚିନ୍ମୟୀ ଦାସ, ପ୍ରଣତି ଜତି, ସୁଚିସ୍ମିତା ଜତି, ଜ୍ୟୋତ୍ସ୍ନାରାଣୀ ଗିରି, ସୁଚିତ୍ରା ମହାନ୍ତି, ମମତା ଦାସ, ତପସ୍ୱିନୀ ଦାସ ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ସାମିଲ ହୋଇଥିଲେ ।

# ପୁରୁଣା ଇଟାରେ ପୁନ୍ଦାଲ ଇରିଗେସନ ଅଫିସ ପାଚେରି ନିର୍ମାଣ ଅଭିଯୋଗ

କେନ୍ଦ୍ରାପଡ଼ା,୪।୧(ସମିସ): ପୁନ୍ଦାଲ ଇରିଗେସନ ଅଫିସ ପାଚେରି ନିର୍ମାଣ କାମକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ହେଉଥିବା ଏହି ପାଚେରି ନିର୍ମାଣରେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଫ୍ଲାଏ ଆସ୍ ଇଟା ବ୍ୟବହାର ହେବାକୁ ଥିବାବେଳେ ବାସ୍ତବରେ ପୁରୁଣା ନାଳି ଇଟା ବ୍ୟବହାର ହେଉଥିବା ଅଭିଯୋଗ ଆସିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ନିର୍ମାଣ ସ୍ଥଳରେ ବ୍ୟବହୃତ ଇଟାମଧ୍ୟରେ ଅନେକ ଅଧା ଭାଙ୍ଗା ଓ ପୁରୁଣା ଇଟା ଦେଖାଯାଉଛି । ଏହି ଇଟା କେଉଁଠୁ ଅଣାଯାଇଛି ଓ କେଉଁ ମୂଲ୍ୟରେ କାମରେ ଲାଗିଛି, ସେ ନେଇ ସ୍ୱଷ୍ଟତା ନ ଥିବାରୁ ସନ୍ଦେହ ଆହୁରି ଗଭୀର ହୋଇଛି । ଅଧିକ ଆଶ୍ଚର୍ଯ୍ୟର କଥା ହେଲା, ଏହି କାମ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସର ସମୀପରେ ହେଉଥିବା ସତ୍ତ୍ୱେ ଗୁଣମାନ ଉପରେ ଯଥୋଚିତ ନିରୀକ୍ଷଣ ହେଉନାହିଁ ବୋଲି ଅଭିଯୋଗ ହେଉଛି । ଯଦି ନିଜ କାର୍ଯ୍ୟାଳୟ ଆଖପାଖରେ ଚାଲୁଥିବା କାମରେ ଏଭଳି ଅନିୟମିତତା ଦୃଷ୍ଟିଗୋଚର ହେଉଛି, ତେବେ ଅନ୍ୟ ଦୂରସ୍ଥ ପ୍ରକଳ୍ପର ନିରୀକ୍ଷଣ କେମିତି ହେଉଛି ସେନେଇ ମଧ୍ୟ ପ୍ରଶ୍ନ ଉଠୁଛି । ସରକାରୀ ଅର୍ଥରେ ହେଉଥିବା ଉନ୍ନୟନ କାର୍ଯ୍ୟରେ ଏଭଳି ଅବହେଳା ଓ ନିର୍ଦ୍ଦେଶ ଉଲ୍ଲଂଘନ ଯଦି ସତ୍ୟ ହୋଇଥାଏ, ତେବେ ଏହା ସରକାରୀ ଧନର ଅପଚୟ ସହ ଜନସାଧାରଣଙ୍କ ବିଶ୍ୱାସକୁ ମଧ୍ୟ ଆଘାତ କରୁଛି । ଏ ନେଇ ସ୍ଥାନୀୟ ସଚେତନ ନାଗରିକ ଓ ସମାଜସେବୀ ଉଚ୍ଚସ୍ତରୀୟ ତଦନ୍ତ, ନିର୍ମାଣ ସାମଗ୍ରୀର ଯାଞ୍ଚ ଓ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି ।



# ବାଦିପାଲା ମହୋତ୍ସବ ଉଦଯାପିତ

ଡେରାବିଶ,୪ ।୧(ସମିସ): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଡେରାଡିହିସ୍ଥିତ ମା' ବୁଢ଼ୀ ଜାଗୁଳାଇଙ୍କ ପୀଠରେ ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ବାଦିପାଲା ମହୋତ୍ସବ ଶନିବାର ଉଦଯାପିତ ହୋଇଛି । ଡେରାଡିହି ଓ କେଉଟ କଣ୍ଡିଆ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମା'ଙ୍କ ପୀଠରେ ଆରମ୍ଭ ହୋଇଥିବା ୧୪୦ତମ ମହୋତ୍ସବ ଚଳିତବର୍ଷ ରାଜ୍ୟର ପ୍ରତିଷ୍ଠିତ ୬ ଜଣ ପାଲା ଗାୟକ ପାଲା ପରିବେଷଣ କରିଥିଲେ । ଶେଷ ପର୍ଯ୍ୟାୟରେ ଗାୟକ ସନାତନ ଦାସ ଓ ବିଶ୍ୱନାଥ ସ୍ୱାଇଁଙ୍କ ମଧ୍ୟରେ ଚାଲିଥିବା ପାଲା ପ୍ରତିଯୋଗିତା ଅତି ଉଚ୍ଚକୋଟୀର ହୋଇଥିଲା ।

**ମେଗା ପାନୀୟଜଳ ପ୍ରକଳ୍ପ କାମରେ ଅନିୟମିତତା**

# ହସ୍ତାନ୍ତର ପୂର୍ବରୁ ଲିକେଜ୍, ସ୍ଥାନୀୟ ଲୋକଙ୍କ ପ୍ରତିବାଦ

କେନ୍ଦ୍ରାପଡ଼ା,୪।୧(ସମିସ)



ଲୋକଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇବା ସ୍ୱପ୍ନ ଦେଖାଇ ତିଆରି ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ ଏବେ ଫେଲ୍ ପ୍ରକଳ୍ପରେ ପରିଣତ ହୋଇଛି । ବଙ୍ଗାଳପୁର ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର ମେଳଣ ପଡିଆରେ ନିର୍ମିତ ଏହି ପ୍ରକଳ୍ପ ହସ୍ତାନ୍ତର ପୂର୍ବରୁ ହିଁ ନିମ୍ନମାନର କାମର ଜୀବନ୍ତ ଉଦାହରଣ ହୋଇଉଠିଛି । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଏପର୍ଯ୍ୟନ୍ତ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର ହୋଇ ନ ଥିବାବେଳେ ଜଳ ପରୀକ୍ଷା ସମୟରେ ଟାଙ୍କିରୁ ପାଣି ଲିକେଜ୍ ହୋଇ ବୋହିଯିବା ଘଟଣା ସାରା ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏହାକୁ ନେଇ ସ୍ଥାନୀୟ ଲୋକେ ପ୍ରତିବାଦ କରିଛନ୍ତି ।

ପ୍ରକଳ୍ପର ଟାଙ୍କି ଛାତ ଓ ସମଗ୍ର ନିର୍ମାଣ ଗଠନ ଅତ୍ୟନ୍ତ ନିମ୍ନମାନର । ଟାଙ୍କିର ଲୁହାରେ ରଷ୍ଟ ଓ ଶିଉଳି ଧରିବା ଆରମ୍ଭ ହୋଇଗଲାଣି । ଏପରି ପରିସ୍ଥିତିରେ ଏହି ପ୍ରକଳ୍ପରୁ ଯୋଗାଯିବା ପାଣି ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ ତାହାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି । ପ୍ରକଳ୍ପ ସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନାହିଁ । କେଉଁ ଠିକାଦାର କାମ କରୁଛନ୍ତି, କେତେ ଟଙ୍କା ବ୍ୟୟ ହୋଇଛି, କେବେ କାମ ସମାପ୍ତ ହେବ, ଏ ସମସ୍ତ ତଥ୍ୟ ସାଧାରଣ ଲୋକଙ୍କ ପାଇଁ ଅନ୍ଧକାରରେ ରହିଛି । ଯାହା ସରକାରୀ ପାରଦର୍ଶିତା ଉପରେ ଗଭୀର ସନ୍ଦେହ ସୃଷ୍ଟି କରୁଛି । ସ୍ଥାନୀୟ ଲୋକେ ଖୋଲାମେଲା ଭାବେ କହୁଛନ୍ତି, ଏହି ପ୍ରକଳ୍ପରେ ମରାମତି କଲେ ମଧ୍ୟ କିଛି ଲାଭ ହେବନି । କାରଣ ଭିତରୁ ହିଁ କାମ ଦୁର୍ବଳ ଓ ନିମ୍ନମାନର । ଏହି ଘଟଣାକୁ ନେଇ ଏବେ ଜନତାଙ୍କ ମନରେ ଅନେକ ପ୍ରଶ୍ନ ଲୋକଙ୍କ ପାଇଁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ନାଁରେ ଏପରି ନିମ୍ନମାନର କାମକୁ ପ୍ରଶାସନ କି ଅଣଦେଖା କରିଦେବ? କାହାର ଆଶୀର୍ବାଦରେ କୋଟି କୋଟି ଟଙ୍କାର ଏହି ମେଗା ପ୍ରକଳ୍ପ ମହା ଫେଲ୍ ହେଉଛି? ଯେପର୍ଯ୍ୟନ୍ତ ଏହି ପ୍ରକଳ୍ପର ଗୁଣାତ୍ମକ ଯାଞ୍ଚ, ସ୍ୱାଧୀନ ତଦନ୍ତ ଓ ଦାୟୀ ଠିକାଦାରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବନି, ସେ ପର୍ଯ୍ୟନ୍ତ ଏହି ମେଗା ପାନୀୟ ଜଳ ପ୍ରକଳ୍ପ ଲୋକଙ୍କ ପାଇଁ ଆଶୀର୍ବାଦ ନୁହେଁ, ବରଂ ଏକ ଭୟଙ୍କର ପ୍ରଶ୍ନଚିହ୍ନ ହୋଇ ରହିବ ।

ସକାଳ
THE SAKALA

# ସମ୍ପାଦକୀୟ



ଲୋକଙ୍କ ଆଚରଣ ରୁଚିଶୀଳ ହେଲେ ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

## ଏଆଇର ଆତଙ୍କ

ପୁଣି ଥରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଦୁରୁପଯୋଗ ଉଦ୍‌ବେଗ ଓ ଆତଙ୍କ ସୃଷ୍ଟି କରିଛି। ବିଶ୍ୱର ସର୍ବବୃହତ୍ ବିତ୍ତଶାଳୀ ଏଲନ୍ ମସ୍କଙ୍କ ପରିଚାଳିତ ସାମାଜିକ ଗଣମାଧ୍ୟମ ଏକ୍ସ(ଟ୍ୱିଟର)ର ଏଆଇ ପରିଚାଳିତ 'ଗ୍ରୋକ୍' ମହିଳାମାନଙ୍କ ଫଟୋକୁ ବିବସ୍ତ୍ର କରିବା ପାଇଁ ପୁରୁଷମାନଙ୍କୁ ଉସ୍‌କାଉଥିବା ଜଣାପଡ଼ିବା ପରେ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। 'ଏକ୍ସ'ର ଏଭଳି ଅଶ୍ଳୀଳ ଓ ଅଭଦ୍ରୋଚିତ କାର୍ଯ୍ୟକଳାପକୁ ଭାରତ ସରକାର ମଧ୍ୟ ଗମ୍ଭୀରତାର ସହ ନେଇଛନ୍ତି ଏବଂ ଭାରତୀୟ ସୂଚନା ପ୍ରଯୁକ୍ତି ଆଇନ ଓ ନୀତିନିୟମର ଅନୁପାଳନର ଉଲ୍ଲଙ୍ଘନ ହୋଇଛି କି ନାହିଁ ସେ ସମ୍ପର୍କରେ 'ଏକ୍ସ'କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହି ବିରୋଧାଭାସ କେତେଦିନ ଜାରି ରହିବ, ଭାରତ ସରକାର 'ଏକ୍ସ' ବିରୋଧରେ କେତେ କଠୋର ହୋଇପାରିବେ ଏବଂ 'ଏକ୍ସ' ଏହି ନୋଟିସ୍‌କୁ କେତେ ଗୁରୁତ୍ୱ ଦେବ ତାହାକୁ ନେଇ ଅତୀତର ଅଭିଜ୍ଞତାରୁ ସନ୍ଦେହ ସୃଷ୍ଟି ହେଉଛି। କାରଣ ଅତୀତରେ ଏଭଳି ଅନେକ ଘଟଣାରେ 'ଟ୍ୱିଟର' ବା 'ଏକ୍ସ' ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଆଇନ ଓ ନୀତି ନିୟମକୁ ଭାରତୀୟ ଅଦାଲତରେ ହିଁ ଆହ୍ୱାନ ଦେଇଛି।

ଏବେ ଏଆଇର ପ୍ରାଦୁର୍ଭାବ ଓ ଆତଙ୍କରାଜ ଏତେ ଦ୍ରୁତ ବେଗରେ କାୟାବିସ୍ତାର କରି ଚାଲିଛି ଯେ ଆତ୍ମପରିଚୟ, ଆତ୍ମପ୍ରଶଂସାର ଉନ୍ମାଦରେ ଆମେ ସାମାଜିକ ଗଣମାଧ୍ୟମରେ ଅହରହ ପୋଷ୍ଟ କରିଚାଲିଥିବା ଫଟୋ ଓ ଭିଡିଓଗୁଡ଼ିକ ମଧ୍ୟରୁ କେତେବେଳେ କାହା ଫଟୋ ବିକୃତ ଓ ଅଶ୍ଳୀଳ ରୂପରେ ଗଣମାଧ୍ୟମର ମଞ୍ଚମାନଙ୍କରେ ଆତ୍ମପ୍ରକାଶ କରିବ ତାହା ଅଭାବନୀୟ। ଏଆଇ ବିକଶିତ ନକଲି ଫଟୋ ଓ ଭିଡିଓଗୁଡ଼ିକ ଏତେ ନିଖୁଣ ଓ ତ୍ରୁଟିଶୂନ୍ୟ ଯେ ହଠାତ୍ ସାଧାରଣ ଆଖି ଧୋକା ଖାଇଯିବା ନିଶ୍ଚିତ। ମନରେ ଥରେ ସେହି 'ଡିପ୍‌ଫେକ୍' ଭିଡିଓ ବା ଫଟୋଚିତ୍ର ପ୍ରତି ବିଶ୍ୱାସ ଜନ୍ମ ନେଲେ ଧାରଣାକୁ ବଦଳାଇବା ଏତେ ସହଜ ନୁହେଁ। ଏହାଫଳରେ ପାରିବାରିକ ସମ୍ପର୍କରେ ଫାଟ ସୃଷ୍ଟି ହେଉଛି ଏବଂ କେତେକ କ୍ଷେତ୍ରରେ ଲଗାମହୀନ ଓ ଅସଂଯମୀ ଯୁବକଯୁବତୀ ଅସଲରେ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥାଇ ମଧ୍ୟ ଏଆଇ ଉପରେ ଦୋଷ ଲଦି ଦେଇ ନିଷ୍କଳଙ୍କ ହେବାର ଅପଚେଷ୍ଟା କରୁଛନ୍ତି। ତେଣୁ ପରିସ୍ଥିତି ଆଗକୁ କିଭଳି ଭୟଙ୍କର ହେବାକୁ ଯାଉଛି ଏବେ ତାହାର କେବଳ ନମୁନା ହିଁ ଆମେ ଦେଖୁଛେ।

ଏଠାରେ ଦୁଇଟି ପ୍ରସଙ୍ଗ ଆଲୋଚନାର ଅପେକ୍ଷା ରଖୁଛି। ପ୍ରଥମତଃ, ଏଆଇ କ'ଣ ନିୟନ୍ତ୍ରଣମୁକ୍ତ ଓ ଅପରାଜେୟ? ଦ୍ୱିତୀୟତଃ, ସାମାଜିକ ଗଣମାଧ୍ୟମ ସଂସ୍ଥା କ'ଣ ଆଇନ କାନୁନର ଊର୍ଦ୍ଧ୍ୱରେ? ପ୍ରଥମ ପ୍ରଶ୍ନର ଉତ୍ତରରେ କୁହାଯାଇପାରେ ଯେ ଇଣ୍ଟରନେଟ୍ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶର ଆଇନକାନୁନ ଅଧୀନରେ ନୁହେଁ। ତେଣୁ ଏହାକୁ ସାହାରା କରି ଏବଂ ଏଆଇକୁ ଉପଯୋଗ କରି ସାମାଜିକ ଗଣମାଧ୍ୟମ ସଂସ୍ଥାମାନେ ସେମାନଙ୍କ ବଜାରଅଂଶ ବୃଦ୍ଧି କରି ଚାଲିଛନ୍ତି। ଏଥିରେ ଯେକୌଣସି ଦେଶର ରାଷ୍ଟ୍ରମୁଖ୍ୟ, ଶାସନମୁଖ୍ୟ, ପ୍ରଶାସନିକ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ ମଧ୍ୟ ଚରିତ୍ରସଂହାର ଉପକ୍ରମରୁ ବାଦ୍ ପଡୁନାହାନ୍ତି। ଏପରିକି ବିଶ୍ୱର ସବୁଠୁ ଅଗ୍ରଣୀ ଓ ବିକଶିତ ଦେଶ ଆମେରିକା ଏଆଇର ଅବାଧ ସମ୍ପ୍ରସାରିତ କାୟାର ପ୍ରଭାବ ଏବଂ ସମ୍ଭାବ୍ୟ ବିନାଶକାରୀ କ୍ଷମତା ବିଷୟରେ ଚିନ୍ତିତ। ତେଣୁ ଏହାର ପ୍ରତିକାର ଖୋଜିବା ଲାଗି ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ଜରୁରୀ ବୈଠକ ହ୍ୱାଇଟ୍‌ହାଉସ୍‌ରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଗୁଗୁଲ, ମାଇକ୍ରୋସଫ୍ଟ ଆଦି ଆଗଧାଡ଼ିର ଆଇଟି କମ୍ପାନୀମୁଖ୍ୟମାନେ ସାମିଲ୍ ଥିଲେ। ବୈଠକରେ ଏଆଇର ନିୟନ୍ତ୍ରଣ ଜରୁରୀ ବୋଲି ମତୈକ ପ୍ରକାଶ ପାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଶକ୍ତିଶାଳୀ ଏଆଇ ଅପରାଜେୟ ରହିଛି। ଏଆଇର ନିରଙ୍କୁଶ କ୍ଷମତା ଉପରେ ସରକାରୀ କଟକଣା ରହିବ କି ନାହିଁ, ତାହା ତର୍କସାପେକ୍ଷ। ସାମର୍ଥ୍ୟ, ସୁବିଧା, ସୁଯୋଗ ଦୃଷ୍ଟିରୁ କୌଣସି ସରକାର ହଠାତ୍ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆଗଭର ହେଉନାହାନ୍ତି। ଏହାର ସୁଯୋଗ ନେଇ ଏଆଇକୁ ଆତଙ୍କ ସୃଷ୍ଟିର ମାଧ୍ୟମ କରିଦିଆଯାଉଛି।

ଦ୍ୱିତୀୟରେ, ସାମାଜିକ ଗଣମାଧ୍ୟମର ମନମୁଖି ଖବର ପ୍ରସାରଣର ନିୟନ୍ତ୍ରଣ ପାଇଁ ଭାରତ ସରକାର 'ସୂଚନା ପ୍ରଯୁକ୍ତି ଆଇନ-୨୦୦୦' ଆଣିଛନ୍ତି। ଭାରତରେ ବ୍ୟବସାୟ କରିବାକୁ ହେଲେ ସାମାଜିକ ଗଣମାଧ୍ୟମ ସଂସ୍ଥାଙ୍କୁ ଆଇନ ଅନୁଯାୟୀ ପଞ୍ଜୀକୃତ ହେବା ବାଧ୍ୟତାମୂଳକ। ଆଇନର ଧାରା ୭୯(୩)(ଖ) ଅନୁଯାୟୀ ଯେକୌଣସି ଆପତ୍ତିମୂଳକ ଖବର/ଫଟୋ/ଭିଡିଓକୁ ହଟାଇବା ପାଇଁ ସରକାର ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇପାରିବେ; ଏପରିକି ସଂସ୍ଥାର କାରବାରକୁ ରଦ୍ଦ କରିପାରିବେ। ସେହିଭଳି ୨୦୨୧ର ଡିଜିଟାଲ୍ ମିଡିଆ ନୀତି ମାର୍ଗଦର୍ଶିକା(କୋଡ୍ ଅଫ୍ ଏଥିକ୍ସ)ରେ ବିଭିନ୍ନ ପ୍ରତିକାର ଓ କଟକଣା ବ୍ୟବସ୍ଥା ରହିଛି। କିନ୍ତୁ କେବଳ 'ଏକ୍ସ'କୁ ଛାଡ଼ିଦେଲେ ଅନ୍ୟ ସବୁ ସାମାଜିକ ଗଣମାଧ୍ୟମ ସଂସ୍ଥା ନୂଆ ଆଇଟି ଆଇନ୍‌କୁ ଅନୁପାଳନ କରିଛନ୍ତି।

କୌଣସି ଦେଶରେ ବ୍ୟବସାୟ କରିବାକୁ ହେଲେ ସେହି ଦେଶର ନୀତି-ନିୟମ, ଆଇନ-କାନୁନ୍‌ର ଅନୁପାଳନ ଜରୁରୀ। କିନ୍ତୁ 'ଏକ୍ସ'(ଟ୍ୱିଟର) ବ୍ୟବସାୟିକ ନୈତିକତାରେ ଅଜ୍ଞତା ତୁଳନାରେ ଅହଂକାର ଅଧିକ ଥିବା ମନେ ହେଉଛି। ଏହି ଆଭିମୁଖ୍ୟ ଯୋଗୁଁ ଅତୀତରେ ଏହି ସଂସ୍ଥା ତା'ର ମୂଳ ଦେଶ ଆମେରିକା ସରକାରଙ୍କ ଦ୍ୱାରା କଟକଣାର ସମ୍ମୁଖୀନ ହୋଇଥିବା ବେଳେ ଭାରତ ସରକାର ମଧ୍ୟ ତାଗିଦ କରିଥିଲେ। ବାରମ୍ବାର ତାଗିଦା ସତ୍ତ୍ୱେ 'ଏକ୍ସ' ଚେତୁ ନାହିଁ; ବରଂ ଅର୍ଥ ଓ ପ୍ରତିପତ୍ତି ବଳରେ ବିଭିନ୍ନ ସମୟରେ ସାମାଜିକ ବିରୋଧୀ ତତ୍ତ୍ୱମାନଙ୍କର ପ୍ରରୋଚନାରେ ବିଭ୍ରାନ୍ତିକର ଖବର, ଫଟୋ ଓ ଭିଡିଓ ଉଦ୍ଦେଶ୍ୟମୂଳକ ଭାବେ ପ୍ରଚାର ପ୍ରସାର କରିଆସୁଛି, ଯାହାର ପ୍ରଭାବ ଦେଶର ଏକତା, ସ୍ଥିରତା, ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ବିପଦ ସୃଷ୍ଟି କରୁଛି।

କାର୍ଯ୍ୟ ପରିସର ଯେତେ ବ୍ୟାପକ ଏବଂ ପ୍ରସାରଣ ଦକ୍ଷତା ଯେତେ ଉନ୍ନତ ହେଉ ନା କାହିଁକି ସାମାଜିକ ଗଣମାଧ୍ୟମ ଉପରେ କଟକଣା ରହିବା ଜରୁରୀ। ଆଇନର ଉଲ୍ଲଙ୍ଘନ ଏକ ଅପରାଧ ଏବଂ ଏଥିପାଇଁ ଦଣ୍ଡବିଧାନ ଭୋଗିବାକୁ ହେବ। ସର୍ବୋପରି ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଜରୁରୀ। 'ଏକ୍ସ' ଏହା ଯଥାଶୀଘ୍ର ମାନି ନେବା ତା'ପ୍ରତି ଉଚିତ ହେବ। ମାନବ ସଭ୍ୟତାକୁ ଏଆଇର ଆତଙ୍କରୁ ମୁକ୍ତ କରିବା ପାଇଁ ଏହା ଜରୁରୀ ମଧ୍ୟ। ●

## ବିଶ୍ୱ ସୂଚକାଙ୍କରେ ଭାରତର ସ୍ଥିତି

ବୃହସ୍ପତି ସାମଲ

'ଉତ୍କର୍ଷ ଭାରତ', 'ଦୁର୍ନୀତିମୁକ୍ତ ଭାରତ', 'ଆତ୍ମନିର୍ଭର ଭାରତ', 'ଡିଜିଟାଲ ଭାରତ', 'ନୂତନ ଭାରତ', 'ବିକଶିତ ଭାରତ', 'ଏକ ଭାରତ, ଶ୍ରେଷ୍ଠ ଭାରତ' - ବିଶେଷଭାବେ ନେତା ଓ ଅଧିକାରୀମାନଙ୍କ ଭାଷଣରେ, ବିଜ୍ଞାପନରେ, ରେଡିଓ ଓ ଟିଭି ପ୍ରସାରଣରେ ଅଥବା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏମିତି ଚମକୁଥିବା ଶବ୍ଦମାଳା ଦେଖିଲେ ଲାଗେ ଯେ ସତରେ ଭାରତ ଦ୍ରୁତତମ ଅଗ୍ରଗତି ସହ ବିଶ୍ୱର ଏକ ଅନନ୍ୟ ବିକଶିତ ରାଷ୍ଟ୍ର ଭାବେ ଶୀର୍ଷସ୍ଥାନ ଅଧିକାର କରିବାକୁ ପ୍ରତିଶ୍ରୁତିବଦ୍ଧ। ଆମେ ଏକଥା ଆଦୌ କହୁନାହୁଁ ଯେ ଭାରତ ଅଗ୍ରଗତି କରିନାହିଁ କି କରୁନାହିଁ। କିନ୍ତୁ ବିଭିନ୍ନ ବିଶ୍ୱସ୍ତରୀୟ ସର୍ବେକ୍ଷଣ ଓ ସୂଚକାଙ୍କଗୁଡ଼ିକର ବିଶ୍ଳେଷଣ ଏହି ମନଲୋଭା ଶ୍ରୁତିମଧୁର ନାରାବାଜିର ଆବରଣ ତଳେ ଲୁଚି ରହିଥିବା ତଥା ଦେଶବାସୀଙ୍କ ଦୈନନ୍ଦିନ ଜୀବନରେ ପ୍ରତିବିମ୍ବିତ ହେଉଥିବା ନିଷ୍ଠୁର ସତ୍ୟକୁ ସହଜରେ ଅନାବରଣ କରୁଛି। ପୁଣି ପ୍ରଶ୍ନ କରୁଛି ଏସବୁ ଲୋଭନୀୟ ନାରାବାଜିର ଆଢୁଆଳରେ ଆମ ବିକାଶର ସତ୍ୟତା କେତେ? ତଥାକଥିତ ଉନ୍ନତି ଓ ପ୍ରଗତିର ବିଶ୍ୱ ମାନଚିତ୍ରରେ ଭାରତର ସ୍ଥାନ କେଉଁଠି? କଠୋର ହେଲେ ବି ସତ୍ୟ ଓ ତଥ୍ୟର ଦର୍ପଣରେ କିଛି ପ୍ରମୁଖ କ୍ଷେତ୍ରର ପ୍ରତିଛବିର ଅବଲୋକନ, ବିଶ୍ଳେଷଣ ଓ ମୂଲ୍ୟାୟନ ଜରୁରୀ।

ଅପୂର୍ଣ୍ଣ ପୋଷଣ ତଥା କୁପୋଷଣ ଯୋଗୁଁ ଶିଶୁମାନଙ୍କର ଦୁର୍ବଳତା, ଉଚ୍ଚତା ଓ ଓଜନ ହ୍ରାସ ଏବଂ ଶିଶୁ ମୃତ୍ୟୁ ଆଧାରରେ ପ୍ରସ୍ତୁତ 'ବିଶ୍ୱ କ୍ଷୁଧା ସୂଚକାଙ୍କ' ୨୦୨୫ ଅନୁଯାୟୀ ୨୫.୮ ଅଙ୍କ ସହ ବିଶ୍ୱର ୧୨୩ଟି ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ୧୦୨ରେ (ଗୁରୁତର ସ୍ଥିତି) ରହିଛି। ପଡ଼ୋଶୀ ଶ୍ରୀଲଙ୍କା, ନେପାଳ, ବାଂଲାଦେଶ ଓ ପାକିସ୍ତାନ ଭାରତଠାରୁ ଭଲ ସ୍ଥିତିରେ ଅଛନ୍ତି। ଭାରତରେ ୧୧.୭% ଗ୍ରାମୀଣ ଭାରତୀୟ ଓ ୧୦.୨% ସହରୀ ଭାରତୀୟ ନିର୍ଦ୍ଦିଷ୍ଟ କ୍ୟାଲୋରୀରୁ କମ୍ ଖାଦ୍ୟ ଗ୍ରହଣ କରୁଛନ୍ତି। 'ଟ୍ରାନ୍ସପେରେନ୍ସି ଇଣ୍ଟରନ୍ୟାସନାଲ' 'ଦୁର୍ନୀତି ଧାରଣା ସୂଚକାଙ୍କ' ୨୦୨୪ ଅନୁସାରେ ଭାରତ ୧୮୦ଟି ଦେଶ ମଧ୍ୟରୁ ମୋଟ୍ ୩୮ ଅଙ୍କ (ଅତିଶୟ ଦୁର୍ନୀତିଯୁକ୍ତକୁ ଶୂନ୍ୟ ଅଙ୍କ ଓ ଦୁର୍ନୀତିମୁକ୍ତକୁ ୧୦୦ ଅଙ୍କ ଆଧାରରେ) ପାଇ ୯୬ ତମ ସ୍ଥାନରେ ରହିଛି, ଯାହା ବିଶ୍ୱସ୍ତରୀୟ ହାରାହାରି ଅଙ୍କ ୪୩ ଓ ଏସିଆ-ପ୍ରଶାନ୍ତ ମହାସାଗରୀୟ ଆଞ୍ଚଳିକ ଅଙ୍କ ୪୪ ଠାରୁ କମ୍। ଭୁଟାନ, ଚୀନ ଓ ମାଳଦ୍ୱୀପ ଭଳି ଭାରତର ପଡ଼ୋଶୀ ରାଷ୍ଟ୍ର ଭାରତଠାରୁ ଉପରେ ଅଛନ୍ତି। ସେହିଭଳି 'ବିଶ୍ୱ ସନ୍ତୋଷ ସୂଚକାଙ୍କ'- ୨୦୨୫ ତାଲିକାରେ ଭାରତର ସ୍ଥାନ ୧୪୭ଟି ଦେଶ ମଧ୍ୟରେ ୧୧୮। ପଡ଼ୋଶୀ ଚୀନ୍, ନେପାଳ ଓ ପାକିସ୍ତାନ ତାଲିକାର ୬୮, ୯୨ ଓ ୧୦୯ ତମ ସ୍ଥାନରେ ଥାଇ ସୁଖ ଓ ସନ୍ତୋଷରେ ଭାରତଠାରୁ ଊର୍ଦ୍ଧ୍ୱରେ। ଭାରତର ଉଦୀୟମାନ ଅର୍ଥ ବ୍ୟବସ୍ଥାରେ ଅତିଶୟ ଦରିଦ୍ରତାର ଉପସ୍ଥିତି ପାରସ୍ପରିକ ବିରୋଧାଭାସକୁ ସ୍ପଷ୍ଟ କରୁଛି। କ୍ରମବର୍ଦ୍ଧିଷ୍ଣୁ ଅସମାନତା, ଭିଡ଼ ଭିତରେ ବି ସହରବାସୀଙ୍କ ନିଃସଙ୍ଗତା ଓ ସାମାଜିକ ବିମୁଖତା ମାନବ ଅନୁଭୂତିକୁ ଫମ୍ପା କରି ସୁଖ ଓ ସାମାଜିକ ସୁସ୍ଥତା ପ୍ରଦାନରେ ବିଫଳ ହେଉଥିବାରୁ ଭାରତ ମୋଟ୍ ଘରୋଇ ଉତ୍ପାଦରେ ବୃଦ୍ଧି, ପ୍ରଯୁକ୍ତିଗତ ଉନ୍ନତି ଓ ବିଶ୍ୱସ୍ତରୀୟ ଅଭିବୃଦ୍ଧିର ନାରାବାଜି ଯୁକ୍ତିଯୁକ୍ତ ମନେହୁଏନା। ତେଣୁ କେବଳ ଆର୍ଥିକ ଦୃଷ୍ଟିକୋଣରୁ ନୁହେଁ, ଭାରତକୁ ମାନବିକ ସନ୍ତୋଷ, ସମବେଦନା ଓ ସାମୂହିକ ସୁଖରେ ଅଗ୍ରସର ହେବା ପାଇଁ ସରକାରୀ ସ୍ତରରେ ସାମାଜିକ ସୁରକ୍ଷା ଯୋଜନା ପ୍ରତି ସମର୍ଥନ ବୃଦ୍ଧି, ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ, ଶିକ୍ଷା, ନୀତିଗତ ମୂଲ୍ୟବୋଧ ଓ ପାରିବାରିକ ସମ୍ପର୍କର ସୁଦୃଢ଼ୀକରଣ, ଆୟ ବିଷମତା ହ୍ରାସ ଭଳି ଅନେକଗୁଡ଼ିଏ ଦିଗ ପ୍ରତି ଦୃଷ୍ଟିଦେବା ଜରୁରୀ।

ସରକାରୀ ନିୟନ୍ତ୍ରଣ ସହ ସ୍ୱାଧୀନ ଗଣମାଧ୍ୟମ ଉପରେ ଅତିରିକ୍ତ ଚାପ, ଘରୋଇ ଗଣମାଧ୍ୟମଗୁଡ଼ିକର ଅତ୍ୟଧିକ ମାଲିକାନା ତଥା ସାମ୍ବାଦିକମାନଙ୍କ ଉପରେ କ୍ରମବର୍ଦ୍ଧିଷ୍ଣୁ ଆକ୍ରମଣ ଓ ହତ୍ୟା ଏବଂ ଡିଜିଟାଲ ସେନସରସିପ୍ ଆଧାରରେ 'ରିପୋର୍ଟର୍ସ ଉଇଦାଉଟ ବୋର୍ଡର୍ସ' ଦ୍ୱାରା ପ୍ରକାଶିତ 'ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ' ୨୦୨୫ରେ ୧୮୦ଟି ଦେଶ ମଧ୍ୟରେ ଭାରତ ୧୫୧ତମ ସ୍ଥାନରେ ରହି ଅତି ଗୁରୁତର ଶ୍ରେଣୀଭୁକ୍ତ। ସେହି ତୁଳନାରେ ଦେଖିବାକୁ ଗଲେ ନେପାଳ, ମାଳଦ୍ୱୀପ, ଶ୍ରୀଲଙ୍କା ଓ ବାଂଲାଦେଶ ଯଥାକ୍ରମେ ୯୦, ୧୦୪, ୧୩୯ ଓ ୧୪୯ତମ ସ୍ଥାନରେ ଥାଇ ଭାରତଠାରୁ ପ୍ରେସ ସ୍ୱାଧୀନତାରେ ଆଗରେ ଅଛନ୍ତି। ନିକଟରେ ପ୍ରକାଶିତ 'ମର୍ସରସିଏଫ୍‌ଏ ଇନଷ୍ଟିଚ୍ୟୁଟ୍ ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଭାରତର ଅତ୍ୟନ୍ତ ଦୁର୍ବଳ ଓ ଅସୁସ୍ଥ ପେନସନ ପ୍ରଣାଳୀ ଉପରେ ଦୃଢ଼ ଆଲୋକପାତ କରିବା ସହ ତୁର୍କୀ, ଫିଲିପାଇନ୍ସ, ଥାଇଲାଣ୍ଡ ଓ ଆର୍ଜେଣ୍ଟିନା ସହ ଭାରତକୁ ସବୁଠୁ ନିକୃଷ୍ଟ ପ୍ରଦର୍ଶନକାରୀ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନିତ କରିଛି। ଏହି ରିପୋର୍ଟ ଅନୁଯାୟୀ ବୟସ୍କ ନାଗରିକଙ୍କ ଆର୍ଥିକ ନିରାପତ୍ତା ବିଷୟରେ ଦେଶ ଏକ ଉଦ୍‌ବେଗଜନକ ଅସମନ୍ୱୟ ପରିସ୍ଥିତିରେ ରହିଛି। ଭାରତ ୪୩.୮ ଅଙ୍କ (ଯାହା ବିଶ୍ୱର ହାରାହାରି ଅଙ୍କ ୬୪.୫ରୁ ଯଥେଷ୍ଟ କମ୍) ସହ ବିଶ୍ୱର ସବୁଠୁ ନିମ୍ନ ଶ୍ରେଣୀରେ, ଅର୍ଥାତ 'ଡି' ଶ୍ରେଣୀରେ ସ୍ଥାନିତ ହୋଇଛି। ସିଙ୍ଗାପୁର୍, ହଂକଂ ଓ ମାଲେସିଆ ଭଳି ଏସିଆର ଅନ୍ୟ ଦେଶଗୁଡ଼ିକ ଯେଉଁଠି ୮୦.୮, ୭୦.୬ ଓ ୬୦.୬ ଅଙ୍କ ପାଇଛନ୍ତି, ସେହି ତୁଳନାରେ ଭାରତ ବହୁତ ପଛରେ ରହିଛି। 'ପର୍ଯ୍ୟାପ୍ତତା' (୪୦%), ' ସ୍ଥାୟିତ୍ୱ' (୩୫%) ଏବଂ 'ସାଧୁତା' (୨୫%) ଭଳି ତିନୋଟି ପରିମାପକ ଉପରେ ଆଧାରିତ ମୂଲ୍ୟାଙ୍କନ ଭାରତୀୟ ପେନସନ ବ୍ୟବସ୍ଥାର ସମସ୍ତ ପାରିପାର୍ଶ୍ୱିକ ପ୍ରଣାଳୀକୁ ପ୍ରଭାବିତ କରୁଥିବା ଗଭୀର ସଂରଚନାତ୍ମକ ଦୋଷଦୁର୍ବଳତା ଓ ଶାସନଗତ ଅପାରଗତାକୁ ପ୍ରକାଶ କରିଛି। ତେଣୁ ଭାରତରେ ବୟସ୍କ ନାଗରିକଙ୍କ ସାମାଜିକ ସୁରକ୍ଷା ଏବେ ଅତ୍ୟନ୍ତ ଚିନ୍ତାଜନକ।

ସେହିଭଳି ଅନ୍ୟାନ୍ୟ ବହୁ ପ୍ରମୁଖ କ୍ଷେତ୍ରରେ ଭାରତର ସ୍ଥିତି ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ତୁଳନାରେ ସେତେ ଭଲ ନୁହେଁ। 'ୟୁନିଭର୍ସିଟି ଅଫ୍ ଚିକାଗୋ'ର 'ଏନର୍ଜି ପଲିସି ଇନଷ୍ଟିଚ୍ୟୁଟ' ଦ୍ୱାରା ପ୍ରକାଶିତ ୨୦୨୫ ବାୟୁ ଗୁଣବତ୍ତା ଜୀବନ ସୂଚକାଙ୍କ ଅନୁସାରେ ସଂପୂର୍ଣ୍ଣ ଭାରତରେ ୨୦୨୩ରେ ବାୟୁ ପ୍ରଦୂଷଣ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଦିଷ୍ଟ ସୁରକ୍ଷା ସୀମାର ଆଠ ଗୁଣାଠାରୁ ଅଧିକ ଥିଲା। ୨୦୧୭ରେ ଭାରତରେ ପ୍ରଦୂଷଣ ଜନିତ ମୃତ୍ୟୁ ୧୨, ୪୦, ୫୩୦ (ମୋଟ୍ ମୃତ୍ୟୁ ସଂଖ୍ୟାର ୧୨.୫%) ଥିଲା, ଯାହା କ୍ରମାଗତ ବୃଦ୍ଧି ପାଇ ୨୦୧୯ରେ ୧୬, ୭୦, ୦୦୦ (ମୋଟ୍ ମୃତ୍ୟୁର ୧୭.୮%) ଓ ୨୦୨୨ରେ ୧୭, ୧୮, ୦୦୦ରେ ପହଞ୍ଚିଛି। 'ରୋଡ୍ ସେଫ୍ଟି ଇଣ୍ଡେକ୍ସ'ରେ ଭାରତ ୯୧ତମ ସ୍ଥାନରେ ଥିବା ବେଳେ ଭୁଟାନ ୩୮ ତମ ଓ ନେପାଳ ୪୦ତମ ସ୍ଥାନରେ ଅଛନ୍ତି। ପ୍ରତିବର୍ଷ ୧.୫ ଲକ୍ଷରୁ ଅଧିକ ଭାରତୀୟ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। 'ଇଣ୍ଟରନେଟ ସ୍ୱାଧୀନତା ସୂଚକାଙ୍କ'ରେ ଭାରତ ୧୦୬ତମ ସ୍ଥାନରେ ରହିଛି, ଯାହା ଡିଜିଟାଲ ସ୍ୱାଧୀନତାର ଅଭାବ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରେ। 'ଗ୍ଲୋବାଲ ଇନୋଭେସନ ଇଣ୍ଡେକ୍ସ'ରେ ଭାରତ ୩୯ତମ ସ୍ଥାନରେ ଥିବା ବେଳେ ଦକ୍ଷିଣ ଆଫ୍ରିକା ଭଳି ରାଷ୍ଟ୍ର ୩୩ତମ ସ୍ଥାନରେ ଅଛି। 'ଲିଙ୍ଗ ସମାନତା ସୂଚକାଙ୍କ'ରେ ଭାରତ ୧୩୧ତମ ସ୍ଥାନରେ ଥିବା ବେଳେ ନେପାଳ ୧୧୬ତମ ସ୍ଥାନରେ ଥିବା ଭାରତରେ ନାରୀର ସୁଯୋଗ ଓ ସୁରକ୍ଷାର ଅଭାବକୁ ପ୍ରମାଣିତ କରେ। 'ଇଜ ଅଫ୍ ଡୁଇଂ ବିଜନେସ'ରେ ଭାରତ ୬୩ତମ ଓ ରାୱାଣ୍ଡା ୩୮ ତମ ସ୍ଥାନରେ ରହିବା ଭାରତରେ ବ୍ୟବସାୟ ପରିବେଶର ଅସୁବିଧାକୁ ପ୍ରକାଶ କରେ। ସେହିଭଳି 'ଗ୍ଲୋବାଲ ପିସ୍ ଇଣ୍ଡେକ୍ସ'ରେ ଭାରତ ୧୨୬ତମ ସ୍ଥାନରେ ରହିବା ଦୁର୍ଭାଗ୍ୟଜନକ।

ଏହିଭଳି ଅନ୍ୟାନ୍ୟ ଅନେକ କ୍ଷେତ୍ର ଉପରେ ଆଲୋଚନା ଦୀର୍ଘ ହେଇପାରେ। ତେଣୁ ଏହି ସଂଖ୍ୟା ଓ ସୂଚକାଙ୍କର ସମସ୍ୟାର ଊର୍ଦ୍ଧ୍ୱକୁ ଯିବା ପାଇଁ ତଥା ଏହିଭଳି ଅବନତିକୁ ଉନ୍ନତିରେ ପରିଣତ କରିବା ପାଇଁ ସଂସ୍କୃତି ଓ ଆଦର୍ଶରେ ଅଦ୍ୱିତୀୟ ଭାରତବର୍ଷକୁ କେବଳ ଶ୍ରୁତିମଧୁର ନାରାବାଜି ଓ ଭାଷଣ କିମ୍ବା ଖର୍ଚ୍ଚବହୁଳ ଦୃଷ୍ଟି ଆକର୍ଷଣକାରୀ ବିଜ୍ଞାପନରେ ସୀମିତ ନହୋଇ ଗଭୀର ନୀତିଗତ ଏବଂ ପ୍ରାୟୋଗିକ ପଦକ୍ଷେପ ସହ ଯୋଜନାଗତ ତ୍ରୁଟି ଓ ପ୍ରଶାସନିକ ଦୁର୍ବଳତାକୁ ସୁଧାରିବାର ସମୟ ଉପନୀତ। ଲୋକସେବା ଓ ନୀତିରେ ସଂପୂର୍ଣ୍ଣ ଦୃଢ଼ତା ନଥିଲେ, ଉନ୍ନତି ମାତ୍ର ଏକ ଶବ୍ଦ ହୋଇ ରହିଯିବ।

ଏକଦା ଅନେକ ସଭ୍ୟତାକୁ ପ୍ରେରଣା ଦେଇଥିବା ଭାରତ ପାଖରେ ଏବେ ନିଜ ଅସ୍ତିତ୍ୱକୁ ପୁନଃପ୍ରତିଷ୍ଠିତ କରିବାର ଅବସର ଆସିଛି। ଆମକୁ ଏବେ ଅଭିମାନ ଓ ଅଭିଯୋଗ ନୁହେଁ, ବରଂ ଆତ୍ମପରିଶୋଧନ ଆବଶ୍ୟକ। ଏହି ଦେଶ ଯେତେବେଳେ ତଥ୍ୟ ଓ ସତ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ କରିବ, ସେତେବେଳେ 'ନୂତନ ଭାରତ' କେବଳ ଏକ ସ୍ଲୋଗାନ ନହୋଇ ତା'ର ଯଥାର୍ଥତା ପ୍ରତିପାଦନ କରିବ। ●

ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯

## ଆର୍ଥିକ ସୁଦୃଢ଼ୀକରଣରେ କୋରାପୁଟ କଫି

ନିରଞ୍ଜନ ନାୟକ



ଅନେକ ସମୟରେ କାମ ଚାପରୁ ମୁକ୍ତ ହେବା ପାଇଁ ଆମକୁ ଦରକାର ପଡ଼େ ଗରମ ମୃଦୁ ପାନୀୟ। ଢୋକେ ପିଇଦେଲେ ଦେହରୁ ଦୂର ହୋଇଯାଏ ଥକ୍କାପଣ। ବୃଦ୍ଧି ପାଏ ଶାରୀରିକ କାର୍ଯ୍ୟଦକ୍ଷତା। ସେଇ ପାନୀୟ ମଧ୍ୟରୁ ସ୍ୱାସ୍ଥ୍ୟଗତ ଲାଭ ଦୃଷ୍ଟିରୁ ସର୍ବୋତ୍ତମ ମନେହୁଏ କଫି। କଫିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ମାନସିକ ଅବସାଦ ଦୂର କରିଥାଏ। ମୁଖ, ଗଳା ସଂକ୍ରମଣରୁ ଆରାମ ଦିଏ। ବିଭିନ୍ନ କୋଷକୁ ସୁରକ୍ଷିତ ରଖେ। ପାଚନ ତନ୍ତ୍ରକୁ କ୍ରିୟାଶୀଳ କରାଏ। କଫିରେ ରିବୋଫ୍ଲେବିନ, ମାଙ୍ଗାନିଜ, ପୋଟାସିୟମ, ମ୍ୟାଗେନସିଅମ, ନିୟାସିନ ଶରୀର ପାଇଁ ଉପାଦେୟ ହୋଇଥାଏ। ଆକଳନରୁ ଜଣାପଡ଼ିଛି ଯେ ଜଣେ ବ୍ୟକ୍ତି ଦୈନିକ ୪୦୦ ମିଲି ଗ୍ରାମ ଅଥବା ୧ ରୁ ୨ କପ୍ କଫି ପିଇଲେ ଶରୀର ପାଇଁ ଉତ୍ତମ ଅଟେ। ଆମ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ଯେ କୋରାପୁଟ ଅଞ୍ଚଳରେ ଚାଷ ହେଉଥିବା କଫି 'କୋରାପୁଟ୍ କଫି' ବ୍ରାଣ୍ଡରେ ବିଶ୍ୱାଦୃତ ହେବାରେ ଲାଗିଛି। ଅତୁଳନୀୟ ସ୍ୱାଦଯୁକ୍ତ ଏହି କଫି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଚାଷୀମାନଙ୍କ ଆୟରେ ଉଲ୍ଲେଖନୀୟ ବୃଦ୍ଧି କରିପାରିଛି।

କୋରାପୁଟ କଫି ଚାଷ ୧୯୩୦ ମସିହାରେ ଆରମ୍ଭ ହୋଇଥିଲା। ସେତେବେଳର କୋରାପୁଟ ରାଜା ରାଜବାହାଦୂର ରାମଚନ୍ଦ୍ର ଦେବ ପ୍ରଥମେ କୋରାପୁଟ ମାଟିରେ କଫି ଗଛ ଲଗାଇଥିଲେ। ସେତେବେଳେ କଫି ଚାଷ ଏତେଟା ଗୁରୁତ୍ୱ ପାଇ ନ ଥିଲା। କିନ୍ତୁ ୧୯୫୦ ମସିହାରେ ସରକାରୀସ୍ତରରେ ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ଅଞ୍ଚଳରେ କଫି ଚାଷ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ପୂର୍ବଘାଟ ପର୍ବତମାଳାର ତିନିହଜାର ଫୁଟ ଉଚ୍ଚତାରେ ଅବସ୍ଥିତ କୋରାପୁଟର ଜଳବାୟୁ, ବୃଷ୍ଟିପୁଷ୍ଟ ଅଞ୍ଚଳ ଓ ଉତ୍କୃଷ୍ଟ ମାଟି କଫି ଚାଷ ପାଇଁ ସର୍ବୋତ୍ତମ।

ତେଣୁ କୋରାପୁଟ ଆଞ୍ଚଳରେ ୧୯୫୮ ମସିହାରେ କଫି ଚାଷ ପାଇଁ ପ୍ରଥମେ ସରକାରୀ ସହାୟତା ଦିଆଯାଇଥିଲା। ୨୦୧୭ ମସିହାରେ କଫି ବୋର୍ଡ ଓ କଫି ବିକାଶ ଟ୍ରଷ୍ଟ ତାଲିମ କାର୍ଯ୍ୟକ୍ରମ, ଜମି ଚୟନ, ଆଦିବାସୀଙ୍କ ସଶକ୍ତୀକରଣ ଦିଗ ପ୍ରତି ଗୁରୁତ୍ୱ ଦେଲା। ପ୍ରଥମ କରି ସ୍ୱୟଂ ସହାୟକ ଗୋଷ୍ଠୀ କଫି ଚାଷରେ ସହଯୋଗ କରି ମହିଳା ସଶକ୍ତୀକରଣ ଓ ସ୍ୱାବଲମ୍ବନର ଧାରାକୁ ଉନ୍ମୋଚିତ କରିଥିଲେ। କୋରାପୁଟରେ କଫି ଚାଷ ହେଉଥିବା ଜମିର ପରିମାଣ ୩୫୦୦ ହେକ୍ଟର। ୪୩୦୦ ଆଦିବାସୀ ଚାଷୀଙ୍କ ୭୭୮ ହେକ୍ଟର କଫି ଚାଷ ଜମି ଏଥିରେ ଅନ୍ତର୍ଭୁକ୍ତ। କୋରାପୁଟ କଫି ଚାଷ ଓ ବଜାରୀକରଣର ସଫଳତା ପରେ ଓଡ଼ିଶା ସରକାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମାଧ୍ୟମରେ ୨୦୩୦ ମସିହା ପର୍ଯ୍ୟନ୍ତ 'କଫି ମିଶନ'କୁ ଏକ ସରକାରୀ ଅଭିଯାନ ରୂପେ କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିର କରିଛନ୍ତି। ରାଜ୍ୟରେ ୪୦, ୦୦୦ ହେକ୍ଟର ଜମିରେ ଏହି କଫି ଚାଷ କରାଯିବା ସହ ଉତ୍ପାଦନକୁ ୨୦, ୦୦୦ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରହିଛି।

ଅନୁକୂଳ ପରିବେଶ, ଉପଯୁକ୍ତ ମାଟି କଫି ଚାଷ ପାଇଁ ସର୍ବୋତ୍ତମ ହୋଇଥିବା ଯୋଗୁଁ ଓଡ଼ିଶା ସରକାରଙ୍କ କଫି ଚାଷକୁ କେବଳ କୋରାପୁଟ ଜିଲ୍ଲାରେ ସୀମିତ ନ ରଖି ଆଉ ପାଞ୍ଚଟି ଜିଲ୍ଲାକୁ ବିସ୍ତାର କରିଛନ୍ତି। ମୟୂରଭଞ୍ଜ, କନ୍ଧମାଳ, କେନ୍ଦୁଝର, ଗଜପତି ଓ ରାୟଗଡ଼ା ଜିଲ୍ଲାରେ କଫି ଚାରାରୋପଣ କରାଯାଇ କଫି ଚାଷକୁ ୧୦ ବର୍ଷ ମଧ୍ୟରେ ବିସ୍ତାର କରିବାର ଲକ୍ଷ୍ୟ ରଖାଯାଇଛି। ଏହା ଓଡ଼ିଶାରେ କଫି ଚାଷ ଓ ଉତ୍ପାଦର ଗୁଣବତ୍ତାର ବ୍ୟାପକ ଖ୍ୟାତି, ବଜାରୀକରଣର ନୂଆ ଦିଗ ପ୍ରତି ଇଙ୍ଗିତ କରୁଛି। ୧୯୮୫ ମସିହା ପରେ ରାୟଗଡ଼ା ଜିଲ୍ଲା ଡୁମେଲ, ଅଗ୍ରଗାମୀ ପରିସର ଓ କାଶୀପୁରର କେତେକ ଚାଷୀ ନିଜ ଉଦ୍ୟମରେ କଫି ଚାଷ କରି କଫି ମଞ୍ଜିକୁ ଅନ୍ୟ ରାଜ୍ୟକୁ ପଠାଉଥିଲେ। ବର୍ତ୍ତମାନ କୋରାପୁଟ କଫି 'ଆରବିକା କିସମ' କଫି ଭାବରେ ଏହାର ସ୍ୱାଦ ଓ ଗୁଣବତ୍ତା ପାଇଁ ସୁନାମ ଅର୍ଜନ କରିଚାଲିଛି। କୋରାପୁଟ, କାଶୀପୁର, କନ୍ଧମାଳ, କେଉଁଝର, ମୟୂରଭଞ୍ଜର କିଛି ଅଞ୍ଚଳରେ 'ରୋବଷ୍ଟା' ଏବଂ 'କୃତି' କିସମ କଫି ମଧ୍ୟ ଚାଷ କରାଯାଇଛି। ଭାରତୀୟ କଫି ବୋର୍ଡର ପରିସଂଖ୍ୟାନ ଅନୁଯାୟୀ ଆମ ରାଜ୍ୟରେ ବର୍ତ୍ତମାନ ୪, ୫୦୦ ହେକ୍ଟର ଜମିରୁ କଫି ଉତ୍ପାଦନ ହେଉଛି। ୨୦୨୧-୨୨ ମସିହାରେ ରାଜ୍ୟରୁ ୬୧୦ ମେଟ୍ରିକ୍ ଟନ୍ ଜୈବିକ 'ଆରବିକା କିସମ' କଫି ଉତ୍ପାଦନ ଓଡ଼ିଶା କଫିର ଉଜ୍ଜ୍ୱଳ ଭବିଷ୍ୟତକୁ ଦର୍ଶାଉଛି। ନିରନ୍ତର 'ଜୀବିକା ପାଇଁ କଫି ପ୍ଲାଣ୍ଟେସନ' ନୂତନ ଯୋଜନା ମାଧ୍ୟମରେ ଅଧିକ ଅଞ୍ଚଳରେ 'ରୋବଷ୍ଟା କଫି କିସମ' ଚାଷ କରାଯିବା ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଜୀବନ ଜୀବିକାର ବ୍ୟାପକ ପରିବର୍ତ୍ତନ ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି।

କୋରାପୁଟ ଜିଲ୍ଲାର ପ୍ରାକୃତିକ ପରିବେଶରେ ଜୈବିକ ଉପାୟରେ ଚାଷ କରାଯାଉଥିବା 'ଆରବିକା କଫି' କୋରାପୁଟ ମାଟିକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଚାଷୀମାନଙ୍କ ଆଗ୍ରହ, ସରକାରୀ ସହାୟତା ଏବଂ ବଜାର ସୁବିଧା ଥିଲେ ଏକ ନିଶ୍ଚିତ ଓ ନିରନ୍ତର ଜୈବିକ ଗୁଣବତ୍ତା କଫି ଚାଷ ଅଞ୍ଚଳ ରୂପେ କୋରାପୁଟର ଭବିଷ୍ୟତକୁ ଉଜ୍ଜ୍ୱଳ କରିପାରିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କୋରାପୁଟ କଫି ରପ୍ତାନୀ ହୋଇ ଆମ ଦେଶର ଅର୍ଥନୀତିର ସୁଦୃଢ଼ୀକରଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ●

ଟିକିରି(ରାୟଗଡ଼ା), ମୋ: ୭୯୯୧୦୨୧୫୮୫

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

**ସଜନା**
(Drumstick- Moringa oleifera)

**ପ୍ରକୃତି-ପରିବେଶ**

ସଜନା ଉତ୍ତର-ଭାରତର ମୂଳଜାତ ଉଦ୍ଭିଦ ଏବଂ ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସିଆରେ ବହୁଳ ଭାବରେ ଦେଖାଯାଏ। ପରେ ଏହା ଆରବୀୟ ଉପଦ୍ୱୀପ, ଉଷ୍ଣମଣ୍ଡଳୀୟ ଆଫ୍ରିକା, ଉଷ୍ଣମଣ୍ଡଳୀୟ ଦକ୍ଷିଣ ଆମେରିକା, ମଧ୍ୟ-ଆମେରିକା, କାରିବିଆନ ସମେତ ଅନେକ ଦେଶରେ ପ୍ରାକୃତିକୀକରଣ ହୋଇଚାଲିଲା। ଏହା ସାଧାରଣତଃ ସମୁଦ୍ର ପତ୍ତନଠାରୁ ୧, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ବଢ଼ିଥାଏ। ମୁଖ୍ୟତଃ ଖାଦ୍ୟଯୋଗ୍ୟ ଫଳ, ପତ୍ର, ଫୁଲ, ମୂଳ, ତେଲ ଓ ପାରମ୍ପରିକ ଔଷଧରେ ବହୁଳ ଭାବରେ ବ୍ୟବହାର ପାଇଁ ସଜନାର ଚାହିଦା ରହିଛି।

ସଜନା ଦ୍ରୁତ ଭାବରେ ବଢୁଥିବା ଏକ ଛୋଟ ପର୍ଣ୍ଣମୋଚୀ ଗଛ, ଯାହା ୧୦-୧୨ ମିଟର ଉଚ୍ଚତା ପର୍ଯ୍ୟନ୍ତ ପହଞ୍ଚିପାରେ। ଏହାର କାଣ୍ଡ ନରମ, ବହୁତ ଶାଖାଯୁକ୍ତ, ଝଡ଼ ପବନ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ। ସଜନାର ବିଭିନ୍ନ ଅଂଶ ଖାଦ୍ୟଯୋଗ୍ୟ। ଏହାର ଅପରିପକ୍ୱ କଞ୍ଚା ଫଳ(ଡ୍ରମଷ୍ଟିକ୍ସ) ପତ୍ର, ବିହନ, ବିହନରୁ ଚିପୁଡ଼ା ତେଲ, ଫୁଲ ଓ ମୂଳ ବିଶେଷ ଉପଯୋଗୀ। ପତ୍ରଗୁଡ଼ିକ ଉଦ୍ଭିଦର ସବୁଠାରୁ ପୁଷ୍ଟିକର ଅଂଶ, ଯାହା ବିଟାମିନ୍ ବି, ଭିଟାମିନ୍ ସି, ବିଟା-କାରୋଟିନ୍ ଭାବରେ ପ୍ରୋଭିଟାମିନ୍ ଏ, ଭିଟାମିନ୍ କେ, ମାଙ୍ଗାନିଜ୍ ଓ ପ୍ରୋଟିନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ପତ୍ରରେ ଥିବା କିଛି କ୍ୟାଲସିୟମ୍, କ୍ୟାଲସିୟମ୍ ଅକ୍ସାଲେଟର ସ୍ଫଟିକ ଭାବରେ ଆବଦ୍ଧ ଥାଏ। ସାଧାରଣତଃ ସଜନା କଞ୍ଚା ଫଳ ବା ଛୁଇ ରୋଷେଇ ପନିପରିବା ଭାବରେ ବ୍ୟବହୃତ ହୁଏ। ଏଥିରେ ଭିଟାମିନ୍ ସି ପ୍ରଚୁର ପରିମାଣରେ ରହିଥାଏ ଏବଂ ଏହା ଖାଦ୍ୟ ତନ୍ତୁ, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଓ ମାଙ୍ଗାନିଜ୍‌ର ଏକ ଭଲ ଉତ୍ସ ମଧ୍ୟ। ଫଳଟି ଡାଲି ଓ ମସୁର ସୁପ୍, ଯେପରିକି ଡ୍ରମଷ୍ଟିକ୍ ଡାଲି, ସମ୍ବରରେ ଏକ ସାଧାରଣ ଉପାଦାନ। ସାଧାରଣତଃ ହାଲୁକା ଭଜା କିମ୍ବା ତରକାରୀ ପନିପରିବାରେ ସଜନା ଏକ ମିଶ୍ରଣ ପରିବା। ଏହାର ବାହ୍ୟ ଚୋପା ରସାଳ, ତନ୍ତୁଯୁକ୍ତ, ପୁଷ୍ଟିକର, କଠିନ। ତେଣୁ ଏହାକୁ ପ୍ରାୟତଃ ଚୋବାଇ ଖିଆଯାଏ। ଅବଶିଷ୍ଟ ତନ୍ତୁଯୁକ୍ତ ସାମଗ୍ରୀକୁ ପରିତ୍ୟାଗ କରାଯାଏ।

ପରିପକ୍ୱ ବିହନଗୁଡ଼ିକ ୩୮-୪୦ ଶତାଂଶ ଖାଦ୍ୟ ତେଲ ବହନ କରେ, ଯାହାକୁ 'ବେନ୍ ତେଲ' କୁହାଯାଏ। ସେଥିରେ ବେହେନିକ୍ ଅମ୍ଳର ସାନ୍ଦ୍ରତା ଅଧିକ ଥାଏ। ପରିଷ୍କୃତ ତେଲ ସ୍ୱଚ୍ଛ ଓ ଗନ୍ଧହୀନ। କଅଁଳ ଫଳଗୁଡ଼ିକୁ ପାଣିରେ ସିଝାଯାଇ ସେଥିରୁ ତେଲକୁ ବାହାର କରିଦିଆଯାଇପାରିବ। ତେଲ ନିଷ୍କାସନ ପରେ ବଳକା ଥିବା ବିହନ ପିଠାକୁ ଜୈବିକ ସାର ଭାବରେ ବ୍ୟବହାର କରାଯାଇପାରିବ। ପାଣିକୁ ବିଶୁଦ୍ଧ କରିବା ପାଇଁ ଫ୍ଲୋକ୍ୟୁଲେଣ୍ଟ ଭାବରେ ସଜନା ବିହନ ବା ଏହାର ତେଲଚିପୁଡ଼ା କେକ୍ ବ୍ୟବହୃତ ହୁଏ। ସଜନା ବିହନ ତେଲର ଜୈବ ଇନ୍ଧନ ଭାବରେ ବ୍ୟବହାର କରିବାର ସମ୍ଭାବନା ମଧ୍ୟ ଅଛି। ମୂଳଗୁଡ଼ିକରେ ପୋଲିଫେନୋଲ ରହିଥିବା ହେତୁ ଏହାକୁ ଖଣ୍ଡ ଖଣ୍ଡ କରି ତୀକ୍ଷ୍ଣ ସ୍ୱାଦ ମସଲା ଭାବରେ ବ୍ୟବହାର କରାଯାଏ। ଫୁଲଗୁଡ଼ିକ ବଙ୍ଗାଳୀ ଖାଦ୍ୟରେ ବସନ୍ତକାଳୀନ ସ୍ୱାଦିଷ୍ଟତା, ସାଧାରଣତଃ ଚୋରଚୋରି ଓ ଫ୍ରିଟର ଭାବରେ ରନ୍ଧା ହୋଇଥାଏ। କୋମଳ ସଜନା ପତ୍ରକୁ ଛୋଟ ଛୋଟ କରି କାଟି ପନିପରିବା ଓ ସାଲାଡ଼ ଭାବରେ ବ୍ୟବହାର କରାଯାଏ, ଯେପରିକି କେରଳ ଖାଦ୍ୟ 'ଥୋରାନ୍'। ଦୀର୍ଘକାଳୀନ ବ୍ୟବହାର ପାଇଁ ସଜନା ପତ୍ରଗୁଡ଼ିକୁ ଶୁଖାଯାଇ ପାଉଡର ଭାବେ ସଂରକ୍ଷିତ କରାଯାଇପାରେ। ପାଉଡରକୁ ସାଧାରଣତଃ ସୁପ୍, ସସ୍, ଦହି, ପନିର, ପାଉଁରୁଟି, ପେଷ୍ଟ୍ରି ଆଦିରେ ବ୍ୟବହାର କରାଯାଇପାରିବ।

ପାରମ୍ପରିକ ଔଷଧରେ ଏହାର ଛାଲି, ରସ, ମୂଳ, ପତ୍ର, ଫୁଲ ଓ ବିହନ ବ୍ୟବହାର କରାଯାଏ। ଏହା ରକ୍ତ ଲିପିଡ୍ ପ୍ରୋଫାଇଲ୍ ଓ ଇନସୁଲିନ୍ କ୍ଷରଣକୁ ପ୍ରଭାବିତ କରିପାରେ। ଏଥିସହିତ ପୁଷ୍ଟିବର୍ଦ୍ଧନ, ଖାଦ୍ୟ ସୁରକ୍ଷା ବୃଦ୍ଧି, କୁପୋଷଣ ମୁକାବିଲା, ପ୍ରାକୃତିକ କୃମିନାଶକ ଭାବେ ବ୍ୟବହାର କରାଯାଇପାରେ। କ୍ୱିନ୍ସଲ୍ୟାଣ୍ଡର କୃଷି ଓ ମତ୍ସ୍ୟ ବିଭାଗର ଗବେଷଣା ଅନୁଯାୟୀ, ସଜନା ଗଛ ମହୁ ଉତ୍ପାଦନ ପାଇଁ ଉପଯୋଗୀ। କାରଣ ଏଥିରେ ବର୍ଷର ଦୀର୍ଘ ସମୟ ପର୍ଯ୍ୟନ୍ତ ଫୁଲ ଫୁଟେ। ସଜନା ବିଭିନ୍ନ ପ୍ରକାରର ମାଟି ପରିସ୍ଥିତିକୁ ସହ୍ୟ କରେ, କିନ୍ତୁ ଏକ ନିରପେକ୍ଷ ଠାରୁ ସାମାନ୍ୟ ଅମ୍ଳୀୟ ଭଲ ନିଷ୍କାସନ ହୋଇଥିବା, ବାଲିଆ କିମ୍ବା ଦୋରସା ମାଟିକୁ ପସନ୍ଦ କରେ। ଜଳବନ୍ଦୀ ମାଟିରେ ମୂଳ ପଚିଯିବାର ଭୟ ଥାଏ। ସଜନା ଶୁଷ୍କ ଅଞ୍ଚଳ ପାଇଁ ବିଶେଷ ଉପଯୁକ୍ତ। ତେଣୁ ଜଳସେଚନ ବିନା ବର୍ଷାଜଳ ବ୍ୟବହାର କରି ଏହାର ଚାଷ କରାଯାଇପାରିବ। ଭାରତ ସଜନା ଚାଷର ସର୍ବବୃହତ ଉତ୍ପାଦକ। ପ୍ରାୟ ୩୮୦ ବର୍ଗ କିଲୋମିଟର ଅଞ୍ଚଳରୁ ବାର୍ଷିକ ୧.୨ ନିୟୁତ ଟନ୍ ଫଳ ଉତ୍ପାଦନ କରେ। ସଜନା ବିହନ କିମ୍ବା କାଣ୍ଡ ଓ ଡାଳ କଟାରୁ ବଂଶବିସ୍ତାର କରାଯାଇପାରିବ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନ୍ୟୁୟର୍କ ଜେଲ୍‌ରେ...

ମଧ୍ୟ ଧମକ ଦେଇଛନ୍ତି । ସେ କହିଲେ ଯେ ମେକ୍ସିକୋରେ ଡ୍ରଗ୍ସ ଉତ୍ପାଦନ ଓ କାରବାର ଭୟଙ୍କର ରୂପ ନେଲାଣି । ଏବେ ମେକ୍ସିକୋ ଶାସନ ସେମାନେ ହିଁ ଚଳାଇଛନ୍ତି । ରାଷ୍ଟ୍ରପତି କ୍ଲଡିଆ ସେନବନ୍ ନାମକୁ ମାତ୍ର କ୍ଷମତାରେ ଅଛନ୍ତି । ପ୍ରକୃତ କ୍ଷମତା ଡ୍ରଗ୍ସ ମାଫିଆଙ୍କ ନିୟନ୍ତ୍ରଣରେ ରହିଛି । ରାଷ୍ଟ୍ରପତି ଆତଙ୍କିତ ଅବସ୍ଥାରେ ଅଛନ୍ତି ଏବଂ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି । ଏହା ଆମେରିକା ପ୍ରତି ବିପଦ ସୃଷ୍ଟି କରିଥିବାରୁ ଆମକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । ସେହିଭଳି କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋଙ୍କର ତୀବ୍ର ସମାଲୋଚନା କରି ଟ୍ରମ୍ପ କହିଛନ୍ତି ଯେ ଏହି ଦେଶ ଡ୍ରଗ୍ସର ପେଣ୍ଠସ୍ଥଳୀ ପାଲଟିଛି । କଲମ୍ବିଆରେ ଅତିକମରେ ତିନିଟି କୋକେନ୍ କାରଖାନା ରହିଛି । ସେମାନେ ଏହି ନିଶାଦ୍ରବ୍ୟ ଉତ୍ପାଦନ କରି ଆମେରିକା ପଠାଉଛନ୍ତି । ତେଣୁ ଆମେରିକା ଚୁପ ହୋଇ ବସିପାରିବ ନାହିଁ । କ୍ୟୁବା ସଂପର୍କରେ ସେ କହିଲେ ଯେ ଏହା ଏକ ବିଫଳ ରାଷ୍ଟ୍ର । କ୍ୟୁବା ଲୋକେ ବହୁତ ଖରାପ ଅବସ୍ଥାରେ ଅଛନ୍ତି । ସେମାନଙ୍କୁ ସହାୟତା କରିବାକୁ ପଡ଼ିବ । ଯେଉଁମାନେ ବାଧ୍ୟ ହୋଇ କ୍ୟୁବା ଛାଡ଼ି ପଳାୟନ କରିଛନ୍ତି ସେମାନଙ୍କୁ ମଧ୍ୟ ଆମେରିକା ସବୁ ପ୍ରକାର ସହାୟତା ଯୋଗାଇଦେବ ବୋଲି ଟ୍ରମ୍ପ କହିଛନ୍ତି ।

ଇତିମଧ୍ୟରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସଙ୍କୁ ଟ୍ରମ୍ପ ସେନା ଆଜି ଆମେରିକା ଆଣିଛନ୍ତି । ବିମାନରେ ତାଙ୍କୁ ନ୍ୟୁୟର୍କ ଅଣାଯାଇଛି । ବିମାନରୁ ଓହ୍ଲାଇଲା ବେଳେ ତାଙ୍କ ହାତରେ କଡ଼ି ପଡ଼ିଥିବା ଦେଖାଯାଇଥିଲା । ଏହାପରେ ତାଙ୍କୁ ଅଦାଲତରେ ହାଜର କରାଯାଇଥିଲା । ଏହି ଅଦାଲତ ଡ୍ରଗ୍ସ ମାମଲାର ବିଚାର କରୁଛି । ନିକୋଲାସଙ୍କ ବିରୋଧରେ ଡ୍ରଗ୍ସ ଉତ୍ପାଦନ ଓ ଚାଲାଣ ସହିତ ଡ୍ରଗ୍ସ ସନ୍ତ୍ରାସବାଦ ଅଭିଯୋଗ ରହିଛି । ଅଦାଲତରେ ହାଜର କରିବା ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ ଗତକାଲି ଭେନେଜୁଏଲା ଉପରେ ଆମେରିକା ସେନା ବଡ଼ ଧରଣର ଆକ୍ରମଣ କରି ରାଷ୍ଟ୍ରପତି ନିକୋଲାସଙ୍କୁ ଗାଦିଚ୍ୟୁତ କରିବା ସହିତ ତାଙ୍କୁ ପତ୍ନୀଙ୍କ ସହିତ ଉଠାଇ ଆଣିଥିଲେ । ନିକୋଲାସଙ୍କ ସ୍ଥାନରେ ଉପରାଷ୍ଟ୍ରପତି ହେଲସି ରୋଡ୍ରିଗ୍ସଙ୍କୁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ରାଷ୍ଟ୍ରପତି ନିଯୁକ୍ତ କରାଯାଇଛି । ସେ ଆଜି ନୂଆ ଦାୟିତ୍ୱ ମଧ୍ୟ ଗ୍ରହଣ କରିଛନ୍ତି । ଗତକାଲି ହୋଇଥିବା ଆମେରିକା ଆକ୍ରମଣରେ ୪୦ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବା ଜଣାପଡ଼ିଛି ।

## ପୋଲାଭରମ୍ ପାଇଁ...

ସେଠାକାର ସରକାର ଆଶା ରଖିଛନ୍ତି । ମାତ୍ର ଓଡ଼ିଶା, ଆନ୍ଧ୍ର ଏବଂ କେନ୍ଦ୍ରରେ ଟ୍ରିପଲ ଇଞ୍ଜିନ (ବିଜେପି) ସରକାର ଥିଲେ ମଧ୍ୟ ଓଡ଼ିଶାର ସ୍ୱାର୍ଥ ପାଇଁ କେହି ମୁହଁ ଖୋଲୁନାହାନ୍ତି । ଜଳ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ପ୍ରକଳ୍ପ ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲର ନିଷ୍ପତ୍ତି ଅନୁଯାୟୀ ପରିକଳ୍ପନା କରାଯାଇଥିଲା । ଯାହା ଆନ୍ଧ୍ର ପ୍ରଦେଶ, ଓଡ଼ିଶା ଏବଂ ମଧ୍ୟ ପ୍ରଦେଶ ମଧ୍ୟରେ ଚୁକ୍ତିନାମାକୁ ରୂପରେଖ ଦେଇଥିଲା । ତେବେ ପ୍ରକଳ୍ପର ମୂଳ ଡିଜାଇନରେ ଅନେକ ପରିବର୍ତ୍ତନ ଅଣାଯାଇ ଏକତରଫା ଭାବେ ଏହାର କ୍ଷମତାକୁ ୩୬ ଲକ୍ଷ କ୍ୟୁସେକରୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରି ଦିଆଯାଇଛି । ଉପରମୁଣ୍ଡରେ ଥିବା ରାଜ୍ୟ ଯଥା ଓଡ଼ିଶା ଏବଂ ଛତିଶଗଡ଼ ଉପରେ ପଛୁଆ ଜଳର ପ୍ରଭାବ କଣ ରହିବ, ତାହା ବିଚାରକୁ ନିଆ ନ ଯାଇ ଡିଜାଇନରେ ଏପରି ପରିବର୍ତ୍ତନ ଅଣାଯାଇଛି । ଯାହାଫଳରେ ଓଡ଼ିଶାର ମାଲକାନଗିରିର ଅନେକ କ୍ଷୟକ୍ଷତି ହେବ । ବିଶେଷକରି ମୋଟୁ ନିକଟରେ ୧୯୪ ଫୁଟରୁ ଅଧିକ ପଛୁଆ ଜଳ ଆସିବ । ଏହି ପ୍ରକଳ୍ପ ଜିଲ୍ଲାରେ ବସବାସ କରୁଥିବା ଜନଜାତିଙ୍କ ଜୀବନଜୀବିକା ପ୍ରତି ଭୟଙ୍କର ବିପଦ ଆଣିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

କେନ୍ଦ୍ର ସରକାର ପୋଲାଭରମ ପାଇଁ ପ୍ରାୟ ୨୫ ହଜାର କୋଟି ଟଙ୍କାର ଅର୍ଥ ଦେଇସାରିଲେଣି । ୨୦୨୭ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଆନ୍ଧ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି; ମାତ୍ର ରାଜ୍ୟ ସରକାର ଏନେଇ ମୁହଁ ଖୋଲୁନାହାନ୍ତି । ଏନେଇ ବିଜେଡି ବାରମ୍ବାର ଦିଲ୍ଲୀରେ ଫେରାଦ ହୋଇଛି । କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ଏବଂ ଆୟୋଗ ତୁରନ୍ତ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କୁ ନେଇ ଆଲୋଚନା କରନ୍ତୁ । ଓଡ଼ିଶାର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶ ଏବଂ କେନ୍ଦ୍ର ସରକାରଙ୍କୁ ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି ହେଉ । ସେହିପରି ଓଡ଼ିଶା ଦ୍ୱାରା ଉଠାଯାଇଥିବା ଦାବି ବିଚାର କରା ନ ଯିବା ପର୍ଯ୍ୟନ୍ତ ପ୍ରକଳ୍ପର ମୂଳ ଡିଜାଇନ ପରିବର୍ତ୍ତନ ନ ହେବା ନେଇ ଆୟୋଗ ନିଶ୍ଚିତ କରନ୍ତୁ ବୋଲି ବିଜେଡି ଏକାଧିକ ବାର ଦାବି କରିଛି । ମାତ୍ର ସମାନ ସମୟରେ ରାଜ୍ୟ ସରକାରଙ୍କ ନିରବତା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି । ନେଡି ଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ରାଜ୍ୟ ବିଜେପି ସରକାର ତୁରନ୍ତ ମାଲକାନଗିରି ଜିଲ୍ଲାର ଜନଜାତିଙ୍କ ଜୀବନଜୀବିକାର ସୁରକ୍ଷା କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି ।

## ଓମ୍‌ସାର ୨ ଘଣ୍ଟିଆ...

ଆସନ୍ତାକାଲିଠାରୁ ଆମେ ୨ ଘଣ୍ଟିଆ ଓପିଡି ସେବା ବନ୍ଦ ପାଇଁ ନିଷ୍ପତ୍ତି ନେଇଛୁ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଅତୀତରେ ପୂର୍ବ ସରକାର ସଂଘର ଦାବି ପୂରଣ ପାଇଁ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ । ମାତ୍ର ଆମ ଦାବି ପ୍ରତି କୌଣସି ନିଷ୍ପତ୍ତି ନିଆଗଲା ନାହିଁ । ଏବର ସରକାର ସଚିବ ସ୍ତରୀୟ କମିଟି ଗଠନ କରିଛନ୍ତି । ସରକାର ଯଦି ଆମ ଦାବି ପ୍ରତି ସମ୍ବେଦନଶୀଳ ଅଛନ୍ତି, ତାହେଲେ ତୁରନ୍ତ ଏନେଇ ନିଷ୍ପତ୍ତି ନିଅନ୍ତୁ ବୋଲି ଡାକ୍ତର ମିଶ୍ର ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ ଡାକ୍ତରଙ୍କୁ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳ, ସରକାରୀ କ୍ୱାଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ପ୍ରମୁଖ ଦାବି ନେଇ ଓମସା ନିଜର ପ୍ରତୀକାତ୍ମକ ଆନ୍ଦୋଳନ ଜାରି ରଖିଛି ।

## ୭ରୁ ପୁଣି...

ଶୀତ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି । ପଡ଼ୋଶୀ ଝାଡ଼ଖଣ୍ଡରେ ତାପମାତ୍ରା ଖସିବା ସହ ସେଠାରେ ଶୀତ ଲହରୀ ଆରମ୍ଭ ହୋଇଛି । ଖୁବ୍‌ଶୀଘ୍ର ଓଡ଼ିଶାରେ ମଧ୍ୟ ଏହି ସ୍ଥିତି ନେଇ ପାଗ ଅନୁକୂଳ ରହିଛି । ସେହିପରି ପଶ୍ଚିମାଝଡ଼ ସହ ଆର୍ଦ୍ରତାର ପରିମାଣ ଅଧିକ ଥିବାରୁ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ କୁହୁଡ଼ି ସ୍ଥିତି ଲାଗି ରହିଛି । କୁହୁଡ଼ି ଯୋଗୁଁ ଅଧିକାଂଶ ସ୍ଥାନରେ ଦୃଶ୍ୟମାନ କ୍ଷମତା ହ୍ରାସ ହୋଇ ୫୦-୧୦୦ ମିଟରରୁ ବି କମ୍ ରହୁଛି । ଫଳରେ ସକାଳ ସମୟରେ ରାସ୍ତାଘାଟ ଦେଖାଯାଉ ନଥିବାରୁ ଯାନବାହନ ଚଳାଚାଳରେ ବ୍ୟାହତ ସୃଷ୍ଟି ହୋଇଛି । ଆହୁରି ୩ ଦିନ ଯାଏ ଏଭଳି ଘନ କୁହୁଡ଼ି ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଉପଗ୍ରହରୁ ମିଳିଥିବା ସୂଚନାନୁଯାୟୀ, ରବିବାର ସକାଳୁ ଉତ୍ତର ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼ ସହ ଦକ୍ଷିଣରେ ଖୋର୍ଦ୍ଧା, ପୁରୀ ଏବଂ ନୟାଗଡ଼ ଜିଲ୍ଲାର କିଛି ଅଞ୍ଚଳରେ କୁହୁଡ଼ି/ବାୟୁମଣ୍ଡଳର ନିମ୍ନଭାଗରେ ତଳୁଆ ମେଘ ସମୂହର ଆସ୍ତରଣ ଦେଖିବାକୁ ମିଳିଛି । ସୋମବାର ରାତିରୁ ମଙ୍ଗଳବାର ସକାଳ ମଧ୍ୟରେ ଯାଜପୁର ଓ ନୟାଗଡ଼ରେ ଅତି ଘନ କୁହୁଡ଼ି ଆଶଙ୍କା ରହିଥିବା ବେଳେ ଖୋର୍ଦ୍ଧା, କଟକ, ଗଞ୍ଜାମ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ଘନକୁହୁଡ଼ି ଆଶଙ୍କା କରାଯାଇଛି ।

## କଡ଼ାକଡ଼ି ହେଲା...

କମିଶନର, ଡିସିପି, ଟ୍ରାଫିକ୍ ଡିସିପି ଏବଂ କ୍ୟାପିଟାଲ୍ ରିଜିଓନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ର ଜଣେ ବରିଷ୍ଠ ଅଧିକାରୀ ସଦସ୍ୟ ରହିଛନ୍ତି । ଏହି କମିଟି ପ୍ରତି ୧୫ ଦିନରେ ଥରେ ବୈଠକ କରି ଜରୁରୀ ସମସ୍ୟାଗୁଡ଼ିକର ସମୀକ୍ଷା କରିବ । ସଚିବ ଶ୍ରୀମତୀ ପାଢୀ କହିଛନ୍ତି, ପରିଚାଳନା ଦକ୍ଷତା ଏବଂ ଶେଷ ମାଇଲ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଆମ ବସ୍ ତାଲିକାରେ ଅତିରିକ୍ତ ମିନି ବସ୍ ଯୋଡାଯିବ । ଡ୍ରାଇଭର ନିଯୁକ୍ତି ପ୍ରକ୍ରିୟାକୁ ଆହୁରି କଡ଼ାକଡ଼ି କରାଯିବ । ନୂତନ ଭାବରେ ନିଯୁକ୍ତି ପାଇଥିବା ଡ୍ରାଇଭରମାନଙ୍କୁ ଉତ୍ତମ ତାଲିମ ଦିଆଯିବ । ସାମିଲ ହେବା ପୂର୍ବରୁ, ଡ୍ରାଇଭିଂ ଦକ୍ଷତା, ସଡ଼କ ସୁରକ୍ଷା ସଚେତନତା, ଲେନ୍ ଡ୍ରାଇଭିଂ ଏବଂ ଆଚରଣଗତ ମାନଦଣ୍ଡ ମୂଲ୍ୟାଙ୍କନ ପାଇଁ ଏକ ବାଧ୍ୟତାମୂଳକ ପାଞ୍ଚ ଦିନିଆ ମୂଲ୍ୟାଙ୍କନ ଏବଂ ପରୀକ୍ଷଣ ପ୍ରଦାନ କରାଯିବ । ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ମାନଦଣ୍ଡର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଆଗାମୀ ଏକ ମାସ ଲାଗି ସାମଗ୍ରିକ ପରିଚାଳନା ଉପରେ କଡ଼ା ନଜର ରଖାଯିବ । ଟ୍ରାଫିକ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ, ଆମ ବସ୍ ସେବା ପାଇଁ ଲେନ୍ ଡ୍ରାଇଭିଂକୁ ବାଧ୍ୟତାମୂଳକ କରାଯାଇଛି । ପୁଲିସ ଏବଂ ଟ୍ରାଫିକ୍ ପୁଲିସ ସ୍ମାର୍ଟ ସିଟି ନିରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଆମ ବସ୍‌ଗୁଡ଼ିକର ଗତିବିଧି ଉପରେ ନଜର ରଖିବେ ।

ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ଟ୍ରାଫିକ୍ ଡିସିପି ତପନ ମହାନ୍ତି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

୨୦୨୫ ଫେବୃଆରୀରୁ ଡିସେମ୍ବର ମଧ୍ୟରେ 'ଆମ ବସ୍' ସମ୍ପର୍କିତ ଦୁର୍ଘଟଣାରେ ୭ ଜଣ ପ୍ରାଣ ହରାଇଥିବାବେଳେ ୯୭ ଜଣ ଆହତ ହୋଇଛନ୍ତି । ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବା ପରେ 'ଆମ ବସ୍' ଚଳାଚଳ କରୁଥିବା ରାଜ୍ୟର ସମସ୍ତ ଅଞ୍ଚଳରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି । ଆଜି ଭୁବନେଶ୍ୱରରେ ପରିବହନ ଆୟୁକ୍ତ ଅମିତାଭ ଠାକୁର ସ୍ୱତନ୍ତ୍ର ଦଳ ସହ ମାଷ୍ଟରକ୍ୟାଣ୍ଟିନ ଡିପୋରେ ଯାଞ୍ଚ କରିଛନ୍ତି । କେବଳ ଡିପୋ ନୁହେଁ; ବସ୍ ଷ୍ଟପେଜଗୁଡ଼ିରେ ମଧ୍ୟ ଯାଞ୍ଚ କରାଯାଉଛି । ସେହିଭଳି କଟକ, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲାରେ ମଧ୍ୟ 'ଆମ୍ ବସ୍'ର ପରିବହନ ସେବା ଯାଞ୍ଚ ଜାରି ରହିଛି । ବସ୍ ଫିଟନେସ୍, ଚାଳକ ମଦ୍ୟପାନ କରିଛନ୍ତି କି, ମାନସିକ ଓ ଶାରୀରିକ ସ୍ଥିତି, ସଡ଼କ ସୁରକ୍ଷାର ସମସ୍ତ ନିୟମ ପାଳନ କରାଯାଉଛି କି ନାହିଁ ଇତ୍ୟାଦି ବିଷୟକୁ ଯାଞ୍ଚ ବେଳେ ଗୁରୁତ୍ୱ ଦିଆଯାଉଥିବା ପରିବହନ ବିଭାଗ କହିଛି ।

## ଆନ୍ଧ୍ରରେ ବାଲେଶ୍ୱରର...

ସେ ଆଜି ବାଲେଶ୍ୱରରୁ ଏକ କାର୍‌ରେ ବିଶାଖାପାଟଣା ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ଦ୍ରୁତ ଗତିରେ ଆସୁଥିବା ଟ୍ରକ୍ ଏକ ବାଇକ୍‌କୁ ବଞ୍ଚାଇବାକୁ ଯାଇ ନିୟନ୍ତ୍ରଣ ହରାଇଥିଲା । ଟ୍ରକଟି ଡିଭାଇଡର୍‌କୁ ଧକ୍କା ଦେଇ ଆରପାର୍ଶ୍ୱରୁ ଆସୁଥିବା ମହିଳାଙ୍କ କାର୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା । କାର୍‌ରେ ଥିବା ଚାଳକଙ୍କ ସମେତ ମୋଟ ୫ଜଣ ଯାତ୍ରୀ ଆହତ ହୋଇଥିଲେ । ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ଦୁଇ ପୁଅଙ୍କୁ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ମୃତ୍ୟୁ ଘଟିଥିଲା । କାର୍ ଚାଳକଙ୍କ ଅବସ୍ଥା ଗୁରୁତର ରହିଛି । ଅନ୍ୟ ଜଣେ ନାବାଳିକା କୋମାରେ ରହି ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

## ଗାଡ଼ି ଧକ୍କାରେ...

ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଏକ ଘରୋଇ ଚିକିତ୍ସାଳରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇବା ସହ ତଦନ୍ତ କରୁଛି ।

## କକା-ପୁତୁରାଙ୍କ...

ସୂଚନାନୁଯାୟୀ, ଆସନ୍ତା ୨୮ ତାରିଖରେ ଭଜନଙ୍କ ଝିଆରିର ବାହାଘର । ପୁତୁରା ପାର୍ଥକୁ ସାଙ୍ଗରେ ନେଇ ସେ ଆଜି କିଛି ସଂପର୍କୀୟଙ୍କ ଘରେ ନିମନ୍ତ୍ରଣ କାର୍ଡ ବାଣ୍ଟିଥିଲେ । ଦିନ ପ୍ରାୟ ସାଢ଼େ ୧ଟାରେ ଦୁହେଁ ବାଇକ୍‌ରେ ଗାଁକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା । ଅଙ୍ଗନଦୀ ବ୍ରିଜ୍ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଜର ବୋଝେଇ ପିକ୍‌ଅପ୍ ସେମାନଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଡୁଙ୍ଗୁରିପାଲି ପୁଲିସ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା । କିନ୍ତୁ ଡାକ୍ତର ସେଠାରେ ପାର୍ଥକୁ ମୃତ ଘୋଷଣା କରିଥିଲେ । ଭଜନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ପାର୍ଥ ଦଶମ ଶ୍ରେଣୀରେ ପଢୁଥିବା ବେଳେ ସେ ବାପା-ମା'ଙ୍କ ଏକମାତ୍ର ପୁତ୍ର ଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଅପରପକ୍ଷେ, ଡୁଙ୍ଗୁରିପାଲି ପୁଲିସ୍ ଦୁର୍ଘଟଣା ଘଟାଇଥିବା ପିକ୍-ଅପ୍ ଭ୍ୟାନ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଆସନ୍ତାକାଲି ପାର୍ଥର ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ରୋଜାଲିନ ପଟେଲ କହିଛନ୍ତି ।

ସେହିପରି ଅନ୍ୟ ଅଘଟଣ ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୫ ନକ୍ସାପାଲି ଛକ ନିକଟରେ ଘଟିଛି । ଏମଡି ୱାସିଫ, ଏମଡି ଜିଆଉଲ ଓ ଏମଡି ସିଫାନ ବାହାଘର ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ଏକ କାର୍‌ରେ ଯାଉଥିଲେ । ନକ୍ସାପାଲି ଛକ ନିକଟ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ହାଇୱାକୁ ସେମାନଙ୍କ କାର୍‌ଟି ପଛରୁ ଦ୍ରୁତଗତିରେ ଧକ୍କା ଦେଇଥିଲା । ଘଟଣାସ୍ଥଳରେ କାର୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଆହତ ଦୁଇଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଦ୍ରୁତ ଗତି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବାର ସ୍ଥାନୀୟ ଲୋକେ କହିଛନ୍ତି । ସେପଟେ ଉକ୍ତ ଅଞ୍ଚଳରେ ବେଆଇନ ଭାବେ ସବୁବେଳେ ଆସ୍ ବୋଝେଇ ହାଇୱା ପାର୍କିଂ କରୁଥିବା ଅଭିଯୋଗ ହୋଇଛି ।


**AFFIDAVIT**

I RAMESH AGARWAL S/o Late Nathmal Agarwal Residing at Ward No. 9, Anladuba, P.O:- Rairangpur, P.S:- Rairangpur, Dist:- Mayurbhanj, Odisha-757043, shall henceforth be known as Ramesh kumar Agarwal as declared before the Court of First Class Judicial Magistrate at Rairangpur, (Dist:- Mayurbhanj, State:- Odisha) vide affidavit no 15AA791611, Dated 03/01/2026. Ramesh Agarwal and Ramesh kumar Agarwal both are same and identical person.

**AFFIDAVIT**

By virtue of an affidavit sworn before the Notary Public, Borigumma, no. 1701, dated. 15.12.2025, I Shripati Bhatara, S/o - Madhu Bhatara, resident of Vill - Gadiaguda, PO - Malda, PS - Borigumma, Dist - Koraput, Odisha, declare that my son GOBINDA BHATARA and BIJAY BHATRA is one and same person. Henceforth he shall be known as **BIJAY BHATARA** for all future purposes.

**Sd/- Shripati Bhatara**

**AFFIDAVIT**

By virtue of an affidavit sworn before the Executive Magistrate, Cuttack, I, Santosh Kumara Samantaray, resident at Nuagarh, Telengapenth, Ps - Cuttack Sadar, Cuttack have changed my father 's name from Kunja Samantaray to Trilochan Samantaray. Hence afterwards my father 's name will be considered as Trilochan Samantaray instead of Kunja Samantaray for all purposes

**AFFIDAVIT**

By virtue of an affidavit sworn before Executive Magistrate Balangir, Affidavit no. 287 on Dated 18.03.2025, I Pramod Kumar Maharana, S/o* Bhagabana Badhei, At: Shantipada, Po: Rajendra College, Ps: Balangir, Dist.: Balangir, Pin:767002, Odisha declare that I have changed my name from PRAMOD KUMAR BADHEI to PRAMOD KUMAR MAHARANA. Henceforth I shall be known as **PRAMOD KUMAR MAHARANA** for all purposes.

**AFFIDAVIT**

By virtue of an affidavit sworn before Notary Public, Sonepur, on Dated 03.01.2026, I Reemarani Meher, formerly known as Rima Meher, permanent resident of Boudiapada, Subalaya, PO- Subalaya, PS- Subalaya, Dist.: Subarnapur, Odisha, PIN-767018 have changed my name from Rima Meher to Reemarani Meher. Henceforth I shall be known as **Reemarani Meher** for all purposes.


X-09

### ଓଡିଶା ସରକାର
### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
### ଘୋଷଣା

File No. ୨୨୪୪/୨୦୨୫ | ତାରିଖ: ୨୪.୦୯.୨୦୨୫

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାଯ୍ୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରାପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : କଲାର, ଥାନା : ବୈପାରିଗୁଡା ତହସିଲ : ବୈପାରିଗୁଡାଜିଲ୍ଲା : କୋରାପୁଟ ରେ ନିମ୍ନ ସୂଚିତ ' କ 'ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାଯ୍ୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ - ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୦୩/୨୦୨୨,ତା :୧୧.୦୫.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୨୬୮୮୪ ତା-୨୮.୦୭.୨୦୨୫-ରିଖ ଅନୁଯାୟୀ ୩୧.୧୨.୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : କଲାର, ଥାନା : ବୈପାରିଗୁଡା, ତହସିଲ : ବୈପାରିଗୁଡାଜିଲ୍ଲା : କୋରାପୁଟ ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.koraput.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଗ୍ରହଣ ଅନୁସୂଚି)

ଜିଲ୍ଲା : କୋରାପୁଟ | ତହସିଲ : ବୈପାରିଗୁଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଲାର | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହିତ ସଂଲଗ୍ନ କରାଗଲା | | | | | |

ତଫସିଲ –ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି)

ଜିଲ୍ଲା : କୋରାପୁଟ | ତହସିଲ: ବୈପାରିଗୁଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ୩୧.୧୨.୨୦୨୫

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ, କୋରାପୁଟ

ଭୂମି ଅନୁସୂଚୀ
ମୌଜା :କୋଲାର, ଥାନା-ବୈପାରିଗୁଡା ନଂ-୨୦୨, ତହସିଲ-ବୈପାରିଗୁଡା, ଜିଲ୍ଲା-କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ସତ୍ତ୍ୱ | ପ୍ଲଟ ନମ୍ବର | ମୋଟ ରକବା(ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧୬ | ରଇତି | ୧୪୩୬ | ୦.୮୦୬ | ୦.୦୪୧ | ଜଙ୍ଗଲ | କୃଷ୍ଣ ନାୟକ,ରାମଚନ୍ଦ୍ର ନାୟକ, ମଧୁ ନାୟକ, ଗୋବର୍ଦ୍ଧନ ନାୟକ,ପି-ଚନ୍ଦ୍ର ଶେଖର ନାୟକ,ଜା-ଭୂମିଆ,ବା-ନିଜଗାଁ, ବିଷାରିଗୁଡା |
| ୨୫ | ରଇତି | ୧୩୬୫ | ୨.୨୨୧ | ୨.୧୯୨ | ଜଙ୍ଗଲ | କେଶବ ମିନାର ଡାଲିଆ, ପି-ଧନ ମିନାର ଡାଲିଆ,ଜା-ଭୂମିଆ,ବା-ନିଜଗାଁ |
| ୩୨ | ରଇତି | ୧୪୦୦ | ୨.୦୫୧ | ୦.୦୬୮ | ଜଙ୍ଗଲ | ପଙ୍କା ପୁଜାରୀ, ପି-ଡମ୍ବରୁ ପୁଜାରୀ,ଜା-ଭୂମିଆ,ବା-ନିଜଗାଁ |
| ୩୬ | ରଇତି | ୧୪୧୨ | ୩.୬୮୨ | ୨.୫୨୩ | ଜଙ୍ଗଲ | ସୁରୁ ଗାଦବା, ପି-ସୁକୁରା ଗାଦବା,ଜା-ଗାଦବା,ବା-ନିଜଗାଁ,ବିଷାରିଗୁଡା |
| ୩୭ | ରଇତି | ୧୪୦୮ | ୧.୯୫୨ | ୧.୫୫୮ | ଜଙ୍ଗଲ | ସୁରୁ ଗାଦବା, ବୁଢା ଗାଦବା,ପି-ସୁକୁରା ଗାଦବା, ଜା-ଗାଦବା,ବା-ନିଜଗାଁ,ବିଷାରିଗୁଡା |
| ୩୭ | ରଇତି | ୧୪୦୯ | ୦.୧୮୮ | ୦.୦୯୫ | ଜଙ୍ଗଲ | ସୁରୁ ଗାଦବା, ବୁଢା ଗାଦବା,ପି-ସୁକୁରା ଗାଦବା, ଜା-ଗାଦବା,ବା-ନିଜଗାଁ,ବିଷାରିଗୁଡା |
| ୪୧ | ରଇତି | ୧୪୧୦ | ୪.୬୪୫ | ୦.୧୨୦ | ଜଙ୍ଗଲ | ଗୋଲା ମାଠ ପଡିଆ, ପି-ଭଗବାନ ମାଠ ପଡିଆ,ଜା-ଭୂମିଆ,ବା-ନିଜଗାଁ |
| ୫୧ | ରଇତି | ୧୪୦୩ | ୧.୬୬୯ | ୦.୪୫୦ | ଜଙ୍ଗଲ | ଗୋବର୍ଦ୍ଧନ ସଉରିଆ,ପି-ରଘୁନାଥ ସଉରିଆ,ଜା-ହରିଜନ,ବା-ନିଜଗାଁ |
| ୫୮ | ରଇତି | ୧୦୧୨ | ୨.୩୧୨ | ୦.୬୫୪ | ଜଙ୍ଗଲ | ସାଧି ପାମିଆ,ପି-ଶାଡି ପାମିଆ,ଜା-ଗାଦବା,ବା-ନିଜଗାଁ ବିଷାରିଗୁଡା |
| ୬୪ | ରଇତି | ୧୪୬୬ | ୧.୫୬୪ | ୧.୧୪୨ | ଜଙ୍ଗଲ | ଚନ୍ଦ୍ର ନାୟକ, ପି-ରାମଚନ୍ଦ୍ର ନାୟକ, ଜା-ରଣା,ବା-କୋରାପୁଟ |
| ୬୬ | ରଇତି | ୧୪୦୧ | ୧.୬୧୨ | ୧.୬୨୫ | ଜଙ୍ଗଲ | ଚନ୍ଦ୍ର ମାଟାମ,ପି-ଲକ୍ଷ୍ମୁ ମାଟାମ,ଜା-ଭକ୍ତ,ବା-ନିଜଗାଁ, ଗାଙ୍ଗିନିଗୁଡା, |
| ୮୨ | ରଇତି | ୧୩୬୯ | ୧.୬୨୫ | ୦.୪୯୧ | ଜଙ୍ଗଲ | ଡାଲ ପୁଜାରୀ, ପି-ଡମ୍ବରୁ ପୁଜାରୀ,ଜା-ଭୂମିଆ,ବା-ନିଜଗାଁ |
| ୮୨ | ରଇତି | ୧୩୬୮/ ୨୮୯୮ | ୦.୨୯୨ | ୦.୨୦୮ | ଜଙ୍ଗଲ | ଡାଲ ପୁଜାରୀ, ପି-ଡମ୍ବରୁ ପୁଜାରୀ,ଜା-ଭୂମିଆ,ବା-ନିଜଗାଁ |
| ୯୮ | ରଇତି | ୧୪୬୮ | ୨.୫୨୨ | ୦.୧୪୧ | ଜଙ୍ଗଲ | ଡମ୍ବରୁ ନାୟକ, ଚୈତନ୍ୟ ନାୟକ, ତ୍ରିନାଥ ନାୟକ, ପି-ଗୁରୁ ପୂର୍ଣ୍ଣୀ ନାୟକ, ଜା-ରଣା, ବା-କୋରାପୁଟ |
| ୩୪୨/ ୨୯୩ | ରଇତି | ୧୦୨୨ | ୫.୬୩୩ | ୦.୩୬୫ | ଜଙ୍ଗଲ | ଭଗବାନ ମାଝୀ ପି-ଲକ୍ଷ୍ମଣ ମାଝୀ, ବଂଶୀ ମାଝୀ, ସ୍ୱା-ଭଗବାନ ମାଝୀ, ଜା-ଗାଦବ, ବା-ଦୁର୍ଗି(ଲମତା ପୁଟ) |
| ୧୦୦ | ରଇତି | ୧୩୮୦ | ୩.୫୪୬ | ୦.୦୬୬ | ଧାନ ଅଣଜଳସେଚିତ ଡ ଏକ | ଡମ୍ବରୁ ଶିଶା, ବୁଦ୍ରା ଶିଶା,ସନ୍ତୁ ଶିଶା,ପି-ସୁରୁମୁର୍ତ୍ତୀ ଶିଶା, ସୁରୁବାରି ଶିଶା, ସ୍ୱା-ସୁରୁମୁର୍ତ୍ତୀ ଶିଶା,ଜା-ଗାଦବା,ବା-ନିଜଗାଁ |
| ୧୦୦ | ରଇତି | ୧୩୮୧ | ୨.୫୨୦ | ୨.୦୦୩ | ଧାନ ଅଣଜଳସେଚିତ ଡ ଏକ | ଡମ୍ବରୁ ଶିଶା, ବୁଦ୍ରା ଶିଶା,ସନ୍ତୁ ଶିଶା,ପି-ସୁରୁମୁର୍ତ୍ତୀ ଶିଶା, ସୁରୁବାରି ଶିଶା, ସ୍ୱା-ସୁରୁମୁର୍ତ୍ତୀ ଶିଶା,ଜା-ଗାଦବା,ବା-ନିଜଗାଁ |
| ୧୦୩ | ରଇତି | ୧୩୭୨ | ୪.୮୪୩ | ୦.୨୧୩ | ଜଙ୍ଗଲ | ଡମ୍ବରୁ ଭଲି, ପି-ତ୍ରିନାଥ ଭଲି,ଜା-ଭୂମିଆ,ବା-ଭରିପୁଟ |
| ୧୦୯ | ରଇତି | ୧୪୬୪ | ୦.୫୬୧ | ୦.୦୮୨ | ଜଙ୍ଗଲ | ତ୍ରିନାଥ ନାୟକ,ପି-ସୁରେନ୍ଦ୍ର ନାୟକ, ଭଗବତି ନାୟକ,ସ୍ୱା-ସୁରେନ୍ଦ୍ର ନାୟକ,ଜା-ଭୂମିଆ,ବା-ନିଜଗାଁ ବିଷାରିଗୁଡା |
| ୧୦୯ | ରଇତି | ୧୪୬୫ | ୦.୨୨୦ | ୦.୦୩୨ | ଜଙ୍ଗଲ | |
| ୧୧୬ | ରଇତି | ୧୦୨୨ | ୫.୩୩୭ | ୦.୪୭୫ | ଜଙ୍ଗଲ | ଚନ୍ଦନା ମୁର୍ଭିଆ,ଚନ୍ଦ୍ରମା ମୁର୍ଭିଆ,ପି-ବୁଦ୍ଧୁ ମୁର୍ଭିଆ,ସୁନାରୁ ମୁର୍ଭିଆ,ଜମାଇ ମୁର୍ଭିଆ,ଭଗବତି ମୁର୍ଭିଆ,ପି-ଜଗନ୍ନାଥ ମୁର୍ଭିଆ,ଜମୁନା ମୁର୍ଭିଆ,ସ୍ୱା-ଜଗନ୍ନାଥ ମୁର୍ଭିଆ,ଚନ୍ଦ୍ରଗାରି ମୁର୍ଭିଆ,ରାମ ମୁର୍ଭିଆ,ଚକ୍ରଧର ମୁର୍ଭିଆ,ଚିନ ମୁର୍ଭିଆ,ସବିଆ ମୁର୍ଭିଆ,ପି-କେଶବ ମୁର୍ଭିଆ,ବଳରାମ ମୁର୍ଭିଆ,ପି-ବୁଢା ମୁର୍ଭିଆ,ଲକ୍ଷ୍ମୀ ମୁର୍ଭିଆ,ସ୍ୱା-ବୁଢା ମୁର୍ଭିଆ,ଜା-ଗାଦବା, ବା-ନିଜଗାଁ ବିଷାରିଗୁଡା |
| ୧୪୦ | ରଇତି | ୧୩୭୬ | ୨.୦୨୪ | ୦.୩୩୩ | ଜଙ୍ଗଲ | ଚନ୍ଦ୍ର ସଉରିଆ, ପି-ବୁଦ୍ରୁ ସଉରିଆ, ଜା-ହରିଜନ,ବା-ନିଜଗାଁ |
| ୧୬୦ | ରଇତି | ୧୦୨୬ | ୩.୪୪୨ | ୧.୧୫୮ | ଜଙ୍ଗଲ | ବଳରାମ ଗାଦବା, ଜଗବନ୍ଧୁ ଗାଦବା,ପି-ଶୁକୁରା ଗାଦବା,ପାର୍ବତୀ ଗାଦବା,ସ୍ୱା-ମାଧବ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୧୬୪ | ରଇତି | ୧୩୭୮ | ୨.୦୫୧ | ୧.୮୧୬ | ଜଙ୍ଗଲ | ଚକ୍ରଧର ଭଉଲିଆ, ପି-ରାମଚନ୍ଦ୍ର ଭଉଲିଆ, ଜା-ଗାଦବା,ବା ନିଜଗାଁ |
| ୧୯୧ | ରଇତି | ୧୪୭୧ | ୨.୬୫୬ | ୦.୦୫୨ | ଜଙ୍ଗଲ | ଜଗନ୍ନାଥ ଡିସାରୀ,ପି-ଲୋକନାଥ ଡିସାରୀ ଓରଫ ରଣା,ଜା-ରଣା,ବା-ନିଜଗାଁ(ବିଷାରିଗୁଡା) |
| ୨୦୮ | ରଇତି | ୧୩୭୪ | ୧.୯୨୦ | ୧.୧୮୩ | ଜଙ୍ଗଲ | ମଙ୍ଗଳା ଡେକୁ,ପି-ଅର୍ଜୁନ ଡେକୁ,ଜା-ଭୂମିଆ,ବା-ନିଜଗାଁ |
| ୨୪୦ | ରଇତି | ୧୩୭୬ | ୨.୦୩୯ | ୧.୨୯୯ | ଜଙ୍ଗଲ | ରଘୁନାଥ ସଉରିଆ,ପି-ଲକ୍ଷ୍ମଣ ସଉରିଆ, ଜା-ହରିଜନ,ବା-ନିଜଗାଁ |
| ୨୫୬ | ରଇତି | ୧୪୩୯ | ୦.୮୮୦ | ୦.୦୧୨ | ଧାନ ଅଣଜଳସେଚିତ ଡ ଦୁଇ | ରାମେଶ୍ୱର ସୁଆଡି,ସୁରୁ ସୁଆଡି,ଦାଶରାମ ସୁଆଡି,ପି-ଜମ୍ବୁଧର ସୁଆଡି,ଜମିନା ସୁଆଡି,ସ୍ୱା-ଜମ୍ବୁଧର ସୁଆଡି,ଶୁକଦେବ ସୁଆଡି,ସବିଆ ସୁଆଡି,ଅର୍ଜୁନ ସୁଆଡି,କୃଷ୍ଣ ସୁଆଡି,ସମରା ସୁଆଡି,ପି-ଭଗବାନ ସୁଆଡି,କୁସୁମା ସୁଆଡି,ସ୍ୱା-ଭଗବାନ ସୁଆଡି,ବୁଦ୍ରା ସୁଆଡି,ପି-ଧର୍ମୁଜଗ ସୁଆଡି,ଜା-ରଣା,ବା-ନିଜଗାଁ(ଗୁଡିଗୁଡା) |
| ୨୭୦ | ରଇତି | ୧୪୦୨ | ୧.୫୨୨ | ୧.୫୦୩ | ଜଙ୍ଗଲ | ଲକ୍ଷ୍ମଣ ମାଟାମ,ପି-ଲକ୍ଷ୍ମୁ ମାଟାମ,ଜା-ହରିଜନ,ବା-ନିଜଗାଁ |
| ୨୮୦ | ରଇତି | ୧୪୩୬ | ୧.୫୭୪ | ୧.୪୦୩ | ଜଙ୍ଗଲ | ଲୋକନାଥ ମାଟପଡିଆ, ଭଗବାନ ମାଟପଡିଆ, ହରିବନ୍ଧୁ ମାଟପଡିଆ,ପି-ଅର୍ଜୁନ ମାଟପଡିଆ, ଭିମ ମାଟପଡିଆ, ପି-ବଳରାମ ମାଟପଡିଆ, ପର୍ଶୁରାମ ମାଟପଡିଆ, ଚନ୍ଦ୍ର ମାଟପଡିଆ, ପି-ଧନୁ ମାଟପଡିଆ, ଜା-ଭୂଇଁ, ବା-ନିଜଗାଁ, ବିଷାରିଗୁଡା |
| ୨୮୬ | ରଇତି | ୧୪୬୬ | ୩.୧୮୮ | ୨.୬୨୯ | ଜଙ୍ଗଲ | ସଦନ ନାୟକ ପି-ଲଳିତ ନାୟକ,ଭଗବତି ନାୟକ,ସ୍ୱା-ଲଳିତ ନାୟକ,ଜା-ରଣା,ବା-କୋରାପୁଟ |
| ୩୨୬ | ରଇତି | ୧୩୮୫ | ୩.୪୮୪ | ୦.୫୨୨ | ଜଙ୍ଗଲ | ସୁକ୍ରା ଗାଦବା,ପଦଲାମ ଗାଦବା,ପି-ମସିଆ ଗାଦବା,ପରମାନନ୍ଦ ଗାଦବା,ପି-କମଲୁ ଗାଦବା,କୁସୁମା ଗାଦବା,ସ୍ୱା-କମଲୁ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୩୨୬ | ରଇତି | ୧୩୮୯ | ୩.୩୮୩ | ୦.୬୬୪ | ଜଙ୍ଗଲ | |
| ୩୩୬ | ରଇତି | ୧୦୨୩ | ୨.୫୦୮ | ୦.୨୪୦ | ଜଙ୍ଗଲ | ସୋମନାଥ ଗାଦବା,ବଳରାମ ଗାଦବା,ବିନ୍ଦୁ ଗାଦବା,ବୁଦ୍ରୁ ଗାଦବା,ପଙ୍କା ଗାଦବା,ପି-ମଙ୍ଗଳା ଗାଦବା, ଚନ୍ଦ୍ରମା ଗାଦବା,ସ୍ୱା-ମଙ୍ଗଳା ଗାଦବା,ଜା-ଗାଦବା,ବା-ନିଜଗାଁ |
| ୩୩୬ | ରଇତି | ୧୩୮୩ | ୦.୪୯୪ | ୦.୩୧୮ | ଜଙ୍ଗଲ | |
| ୩୩୬ | ରଇତି | ୧୩୮୪ | ୪.୬୪୪ | ୩.୨୮୮ | ଜଙ୍ଗଲ | |
| ୩୪୨/ ୨୪ | ରଇତି | ୧୪୩୩ | ୧.୫୫୪ | ୧.୦୯୪ | ଜଙ୍ଗଲ | ପାର୍ବତୀ ନାୟକ, ପି-ଭରତ ନାୟକ, ଜା-ଭୂଇଁ (ଭୂମିଆ), ବା-ନିଜଗାଁ ବିଷାରିଗୁଡା |
| ୩୪୨/ ୨୫ | ରଇତି | ୧୨୮୨ | ୨.୨୧୯ | ୧.୦୧୪ | ଧାନ ଅଣଜଳସେଚିତ ଡ ଦୁଇ | ଭରତ ନାୟକ, ପି-ପଦନ ନାୟକ, ଜା-ଭୂଇଁ(ଭୂମିଆ)ବା-ନିଜଗାଁ ବିଷାରିଗୁଡା |
| ୩୪୨/ ୨୫ | ରଇତି | ୧୨୮୬ | ୪.୨୨୫ | ୧.୧୬୦ | ଜଙ୍ଗଲ | |
| ୩୪୨/ ୨୫୪ | ରଇତି | ୧୪୩୩/ ୨୯୬୫ | ୩.୦୨୯ | ୦.୨୧୪ | ଜଙ୍ଗଲ | ଲକ୍ଷ୍ମଣ ଗାଦବା ପି-ସୁକ ଗାଦବା, ଜା-ଗାଦବା, ବା-ବିଷାରିଗୁଡା |
| | | ମୋଟ | | ୩୫.୮୬୧ | | |
| ଗୋଚର ପରିବର୍ତ୍ତନ ନିମନ୍ତେ ଦେୟକାରୀ ଜମି | | | | | | |
| ୧୬ | ରଇତି | ୧୪୩୬ | ୦.୮୦୬ | ୦.୫୮୯ | ଜଙ୍ଗଲ | କୃଷ୍ଣ ନାୟକ,ରାମଚନ୍ଦ୍ର ନାୟକ,ମଧୁ ନାୟକ, ଗୋବର୍ଦ୍ଧନ ନାୟକ,ପି-ଚନ୍ଦ୍ର ଶେଖର ନାୟକ,ଜା-ଭୂମିଆ,ବା-ନିଜଗାଁ, ବିଷାରିଗୁଡା |
| ୬୫ | ରଇତି | ୧୪୩୧ | ୨.୧୪୯ | ୨.୧୪୯ | ଜଙ୍ଗଲ | ଡମ୍ବା ନାୟକ, କନକ ନାଏକ, ପି-ଡାଲିଆ ନାୟକ, ଜା-ଭୂମିଆ,ବା-ନିଜଗାଁ ବିଷାରିଗୁଡା |
| ୮୫ | ରଇତି | ୧୪୬୬ | ୩.୧୫୩ | ୩.୧୫୩ | ଜଙ୍ଗଲ | ଜମୁନା ଗାଦବା,ପି-ସମରା ଗାଦବା,ଜା-ଗାଦବା,ବା-ନିଜଗାଁ ବିଷାରିଗୁଡା |
| ୨୫୬ | ରଇତି | ୧୪୩୯ | ୦.୮୮ | ୦.୮୬୮ | ଧାନ ଅଣଜଳସେଚିତ ଡ ଦୁଇ | ରାମେଶ୍ୱର ସୁଆଡି,ସୁରୁ ସୁଆଡି,ଦାଶରାମ ସୁଆଡି,ପି-ଜମ୍ବୁଧର ସୁଆଡି,ଜମୁନା ସୁଆଡି,ସ୍ୱା-ଜମ୍ବୁଧର ସୁଆଡି,ଶୁକଦେବ ସୁଆଡି,ସବିଆ ସୁଆଡି,ଅର୍ଜୁନ ସୁଆଡି,କୃଷ୍ଣ ସୁଆଡି,ସମରା ସୁଆଡି,ପି-ଭଗବାନ ସୁଆଡି,କୁସୁମା ସୁଆଡି,ସ୍ୱା-ଭଗବାନ ସୁଆଡି,ବୁଦ୍ରା ସୁଆଡି,ପି-ଧର୍ମୁଜଗ ସୁଆଡି,ଜା-ରଣା,ବା-ନିଜଗାଁ ଗୁଡିଗୁଡା |
| ୨୫୬ | ରଇତି | ୧୪୫୯ | ୩.୬୦୮ | ୩.୬୦୮ | ଧାନ ଅଣଜଳସେଚିତ ଡ ଏକ | ରାମେଶ୍ୱର ସୁଆଡି,ସୁରୁ ସୁଆଡି,ଦାଶରାମ ସୁଆଡି,ପି-ଜମ୍ବୁଧର ସୁଆଡି,ଜମୁନା ସୁଆଡି,ସ୍ୱା-ଜମ୍ବୁଧର ସୁଆଡି,ଶୁକଦେବ ସୁଆଡି,ସବିଆ ସୁଆଡି,ଅର୍ଜୁନ ସୁଆଡି,କୃଷ୍ଣ ସୁଆଡି,ସମରା ସୁଆଡି,ପି-ଭଗବାନ ସୁଆଡି,କୁସୁମା ସୁଆଡି,ସ୍ୱା-ଭଗବାନ ସୁଆଡି,ବୁଦ୍ରା ସୁଆଡି,ପି-ଧର୍ମୁଜଗ ସୁଆଡି,ଜା-ରଣା,ବା-ନିଜଗାଁ ଗୁଡିଗୁଡା |
| ୨୮୦ | ରଇତି | ୧୪୩୬ | ୧.୫୭୪ | ୦.୧୭୧ | ଜଙ୍ଗଲ | ଲୋକନାଥ ମାଟପଡିଆ, ଭଗବାନ ମାଟପଡିଆ, ହରିବନ୍ଧୁ ମାଟପଡିଆ,ପି-ଅର୍ଜୁନ ମାଟପଡିଆ, ଭିମ ମାଟପଡିଆ, ପି-ବଳରାମ ମାଟପଡିଆ, ପର୍ଶୁରାମ ମାଟପଡିଆ, ଚନ୍ଦ୍ର ମାଟପଡିଆ, ପି-ଧନୁ ମାଟପଡିଆ, ଜା-ଭୂଇଁ (ଭୂମିଆ), ବା-ନିଜଗାଁ ବିଷାରିଗୁଡା |
| ୩୪୨/ ୨୦ | ରଇତି | ୧୪୩୨ | ୧.୪୧୬ | ୧.୪୧୬ | ଜଙ୍ଗଲ | ସୋମନାଥ ନାଏକ,ପି-ଡମ୍ବୁ ନାଏକ,ଜା-ଭୂଇଁ (ଭୂମିଆ), ବା-ନିଜଗାଁ ବିଷାରିଗୁଡା |
| ୩୪୨/ ୨୪ | ରଇତି | ୧୪୨୨ | ୦.୫୮୩ | ୦.୫୮୩ | ଧାନ ଅଣଜଳସେଚିତ ଡ ଏକ | ପାର୍ବତୀ ନାୟକ, ପି-ଭରତ ନାୟକ, ଜା-ଭୂଇଁ (ଭୂମିଆ), ବା-ନିଜଗାଁ ବିଷାରିଗୁଡା |
| ୩୪୨/ ୨୪ | ରଇତି | ୧୪୩୩ | ୧.୫୫୪ | ୦.୨୪୬ | ଜଙ୍ଗଲ | ପାର୍ବତୀ ନାୟକ, ପି-ଭରତ ନାୟକ, ଜା-ଭୂଇଁ (ଭୂମିଆ), ବା-ନିଜଗାଁ ବିଷାରିଗୁଡା |
| ୩୪୨/ ୨୪ | ରଇତି | ୧୨୨୬ | ୧.୧୨୬ | ୧.୧୨୬ | ଜଙ୍ଗଲ | ପାର୍ବତୀ ନାୟକ, ପି-ଭରତ ନାୟକ, ଜା-ଭୂଇଁ (ଭୂମିଆ), ବା-ନିଜଗାଁ ବିଷାରିଗୁଡା |
| ୩୪୨/ ୨୫ | ରଇତି | ୧୨୨୫ | ୧.୪୨୮ | ୧.୪୨୮ | ଜଙ୍ଗଲ | ଭରତ ନାୟକ, ପି-ପଦନ ନାୟକ, ଜା-ଭୂଇଁ(ଭୂମିଆ), ବା-ନିଜଗାଁ ବିଷାରିଗୁଡା |
| ୩୪୨/ ୨୫ | ରଇତି | ୧୨୨୪ | ୩.୫୨୯ | ୩.୫୨୯ | ଜଙ୍ଗଲ | ଭରତ ନାୟକ, ପି-ପଦନ ନାୟକ, ଜା-ଭୂଇଁ(ଭୂମିଆ), ବା-ନିଜଗାଁ ବିଷାରିଗୁଡା |
| ୩୪୨/ ୩୧୨ | ରଇତି | ୧୨୨୬/ ୩୨୨୩ | ୧.୬୨୯ | ୧.୫୬୫ | ଜଙ୍ଗଲ | ଭଗବାନ ମୁଣ୍ଡାଗୁଡିଆ ପି-ବଳରାମ ମୁଣ୍ଡାଗୁଡିଆ, ଜା-ଗାଦବା, ବା-ବିଷାରିଗୁଡା, ଦାଣ୍ଡୁଆଗୁଡା, କୁହୁରା |
| | | | ମୋଟ | ୨୦.୪୮୧ | | |
| ଅଧିଗ୍ରହଣ ନିମନ୍ତେ ମୋଟ ଚାହିଁଥିବା ଜମି | | | | | | - |
| ରେଳପଥ ପ୍ରକଳ୍ପ ନିମନ୍ତେ ଚାହିଁଥିବା ଜମି | | | | | | ୩୫.୮୬୧ |
| ଗୋଚର ପରିବର୍ତ୍ତନ ନିମନ୍ତେ ଦେୟକାରୀ ଜମି | | | | | | ୨୦.୪୮୧ |
| ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | | | | | | - |
| | | ମୋଟ | | | | ୫୬.୩୪୨ |

OIPR-24221/14/0002/2526

**Special Land Acquisition Officer**
**Jeypore-Malkangiri New B.G. Rail**
**Link Project-cum-Tahasildar, Boipariguda**

# ଜଗନ୍ନାଥଙ୍କ ପୁଷ୍ୟାଭିଷେକ ଓ ରାଜାଧିରାଜ ବେଶ



ଏରସମା,୪।୧(ସମିସ): ଏରସମା ବ୍ଲକ ଅନ୍ତର୍ଗତ ଭିତରଅନ୍ଧାରୀ ପଞ୍ଚାୟତର ରସକଡ଼ାପୁର ଗ୍ରାମର ବିଶର ଶ୍ରୀକ୍ଷେତ୍ରରେ କୋଟି କୈବଲ୍ୟନାଥ ଶ୍ରୀଶ୍ରୀ ଜଗନ୍ନାଥଙ୍କ ପବିତ୍ର ପୁଷ୍ୟାଭିଷେକ ଏବଂ ରାଜାଧିରାଜ ବେଶ ଅବସରରେ ସାଧୁ ସନ୍ଥ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଶରଶ୍ରୀକ୍ଷେତ୍ରର ଅଧିକାରୀ ରାମଚନ୍ଦ୍ର ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରାମାୟଣୀ ପଣ୍ଡିତ ଅଭୟ କୁମାର ଦାଶଙ୍କ ମଞ୍ଚ ସଂଚାଳନରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପୂଜ୍ୟପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ଶିଷ୍ୟ ଜ୍ୟୋତିର୍ବିଦ ଡ. ଅରୁଣ କୁମାର ପାଣି, ମୁଖ୍ୟବକ୍ତା ଭାବେ ବାବା ମୁରଲୀ ମନୋହର ଦାଶ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଧ୍ୱଜରାଜ ଖଣ୍ଡୁଆଳ, ପ୍ରବଚିକା ମଧୁସ୍ମିତା ଖଣ୍ଡୁଆଳ, ଅଧିକାରୀ ଅଶୋକ କୁମାର ଦାଶ, ବାବା ଗୌରାଙ୍ଗ ଚରଣ ଦାଶ, ବିସ୍ମୟବାଳକ ସାଇ ମେଘରାଜ, ସାରଦା ପ୍ରସାଦ ମଲ୍ଲ, ବିଚିତ୍ର ସ୍ୱାଇଁ, ବିଜୟ କୁମାର ଦାଶ ପ୍ରମୁଖ ଯୋଗଦାନ କରି ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ କଥା ରଖିଥିଲେ। ଜ୍ୟୋତିର୍ବିଦ ଡ. ଅରୁଣ ପାଣି ବିଶର କ୍ଷେତ୍ରର ଇତିହାସ ଏବଂ ଶ୍ରୀକ୍ଷେତ୍ର ସହ ସମ୍ପର୍କ ଉପରେ ତଥ୍ୟ ରଖିଥିଲେ।

## ଐତିହ୍ୟ ପଦଯାତ୍ରାର ଦ୍ୱାଦଶତମ ସଂସ୍କରଣ

# ମୁଚୁକୁନ୍ଦ ସୋମନାଥ ମନ୍ଦିର ପରିଦର୍ଶନ

ଜଗତସିଂହପୁର,୪।୧(ସମିସ)




ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଦ୍ୱାଦଶତମ ସଂସ୍କରଣ ଖୁବ୍ ସୁନ୍ଦର ଏବଂ ଚିତ୍ତାକର୍ଷକ ଭାବରେ ଆଜି ସମ୍ପନ୍ନ ହୋଇଛି। ଐତିହ୍ୟାନୁରାଗୀ ବନ୍ଧୁମାନେ ଜଗତସିଂହପୁର ସହରରେ ଥିବା ପ୍ରାଚୀନ "ମୁଚୁକୁନ୍ଦ ସୋମନାଥ ମନ୍ଦିର' ପରିଦର୍ଶନରେ ଯାଇଥିଲେ। ଏହି ମନ୍ଦିରଟି ବହୁ ପ୍ରାଚୀନ ନ ହେଲେ ବି ମୋଗଲ ପରବର୍ତ୍ତୀ ମରହଟ୍ଟା ଶାସନ କାଳରେ ନିର୍ମାଣ ହୋଇଥିବା ଅନୁମାନ କରାଯାଏ। ପଥର ନିର୍ମିତ ପୀଢ଼ ଶୈଳୀର ବିମାନ ଓ ଜଗମୋହନକୁ ନେଇ ମନ୍ଦିରଟି ନିର୍ମାଣ ହୋଇଛି। ମନ୍ଦିରର ଉଚ୍ଚତା ପ୍ରାୟ ତିରିଶି ଫୁଟ ହେବ। ମନ୍ଦିର ଗର୍ଭଗୃହରେ ଥିବା ଶିବଲିଙ୍ଗ ଓ ନବଗ୍ରହଙ୍କ ପାଟ ପଥର କିନ୍ତୁ ବହୁତ ପୁରୁଣା। ଆଜିର ଆଲୋଚନାରେ, ଆଲୋଚକ ମାନେ ସୋମନାଥ ମନ୍ଦିରର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଜଗତସିଂହପୁର ଗୁରୁକୁଳ ମଠର ପ୍ରତିଷ୍ଠାତା ମୁଚୁକୁନ୍ଦ ଗୋସ୍ୱାମୀ ଗୁଜୁରାଟର କମା ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ ଓ ବ୍ରତୋପନୟନ ଦିନ ତ୍ରିରେଖା ଅତିକ୍ରମ କରି ବ୍ରହ୍ମଚାରୀ ହୋଇଥିଲେ। ସୋମନାଥଙ୍କ ଭକ୍ତ ମୁଚୁକୁନ୍ଦ ଶ୍ରୀଜଗନ୍ନାଥଙ୍କର ମାହାତ୍ମ୍ୟ ଶୁଣି ଦର୍ଶନ ନିମିତ୍ତ ଶ୍ରୀକ୍ଷେତ୍ର ଆସିଥିଲେ। ସେ ସ୍ୱପ୍ନାବିଷ୍ଟ ହୋଇ ସୋମନାଥ ମନ୍ଦିର ପଛପଟୁ ଏକ ଶିବଲିଙ୍ଗ ଲାଭ କରିଥିଲେ। ଆଉ ସେଇ ଶିବଲିଙ୍ଗଟି କିପରି ସମୟର ସ୍ରୋତରେ ଭାସି ଆସି, ବିଧିର ବିଧାନ ରୂପେ ଅଳକା ନଦୀ ତୀରରେ ସ୍ଥାପିତ ହୋଇଥିଲା ତାହାର କିମ୍ବଦନ୍ତୀ ବିଷୟରେ ଅତିଥିଗଣ ଆଲୋଚନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ପ୍ରଭାଂଶୁ ସାମନ୍ତରାୟଙ୍କ ଦିଗଦର୍ଶନରେ ଆଜିର କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। କଟକ, ଜଗତସିଂହପୁର, ତଥା ପୁରୀରୁ ଆସିଥିବା ପ୍ରାୟ ୨୫ ଜଣ ଐତିହ୍ୟାନୁରାଗୀ ବନ୍ଧୁ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ସଂଯୋଜକ ଶ୍ରୀକାନ୍ତ ସିଂହ, ଅନୁଷ୍ଠାନର ବୟୋଜ୍ୟେଷ୍ଠ ସଦସ୍ୟ ବିଶ୍ୱରଞ୍ଜନ ଦେହୁରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉତ୍କଳ ମହାନ୍ତି, ବସନ୍ତ ମଞ୍ଜରୀ ଦାସ, ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ପ୍ରମୁଖ ସଦସ୍ୟ ତ୍ରିଲୋଚନ ସ୍ୱାଇଁ, ସମ୍ବିତ ସିଂହ, ଦେବାଶିଷ ପାତ୍ର, ଦିନେଶ ସ୍ୱାଇଁ, ରତିରଞ୍ଜନ ପଣ୍ଡା, ବିକାଶ ସ୍ୱାଇଁ, ହୃଦାନନ୍ଦ ବେହେରା ଆଦି କାର୍ଯ୍ୟକର୍ତ୍ତାମାନେ ଆଜିର କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।

# ମହାଦେବ ସେନା ଫାଉଣ୍ଡେସନର ନୂତନ କାର୍ଯ୍ୟାଳୟ




ପାରାଦୀପ,୪।୧(ସମିସ): ମହାଦେବ ସେନା ଫାଉଣ୍ଡେସନ ଟ୍ରଷ୍ଟ, ଓଡ଼ିଶା ପକ୍ଷରୁ ଟ୍ରଷ୍ଟର ୧୦ମ ଶାଖା କାର୍ଯ୍ୟାଳୟ ପାରାଦୀପଗଡ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇଥିଲେ। ଉକ୍ତ ଟ୍ରଷ୍ଟ ପାରାଦୀପ ଅଞ୍ଚଳରେ ଥିବା ସମସ୍ତ ଶୈବ ପୀଠର ସୁରକ୍ଷା ଓ ବିକାଶ କରିବା ସହିତ ଗୋଶାଳା ନିର୍ମାଣ କରି ଅସୁସ୍ଥ, ରୋଗଗ୍ରସ୍ତ ଓ ଦୁର୍ଘଟଣାରେ ଶିକାର ହେଉଥିବା ଗୋରୁଗାଈଙ୍କ ସେବା କରିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ୍ତ ଦାସ, ସମ୍ପାଦକ ଗୌତମ ବେହେରା, ମନ୍ମଥ ସାହୁ, ବାବା ଧନେଶ୍ୱର ଦାସ, ହୃଷୀକେଶ ମହାନ୍ତି, ଶରତ ସାହୁ, ରଞ୍ଜନ ଜେନା, ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହାରଥା, ବିଚିତ୍ର ପ୍ରଧାନ, ପ୍ରଭାତ ସାହୁ, ସୋମନାଥ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ।

# ଶିକ୍ଷାବିତ ନୀଳମଣି ପାଣି ସମ୍ବର୍ଦ୍ଧିତ




ବାଲିକୁଦା,୪।୧(ସମିସ): ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ରଣପୁର ଗ୍ରାମର ଶିକ୍ଷାବିତ ତଥା ସାହିତ୍ୟିକ ନୀଳମଣି ପାଣିଙ୍କୁ ଶ୍ରୀକ୍ଷେତ୍ର ପୁରୀରେ "ଶ୍ରୀକ୍ଷେତ୍ର ରତ୍ନ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ନପୂର୍ଣ୍ଣା ଥିଏଟରରେ ଅନୁଷ୍ଠିତ ଓଡିଶା ଆର୍ଟ ଏଣ୍ଡ କଲଚର ଓ ସଂଗୀତ ମୂର୍ଚ୍ଛନା ତରଫରୁ ଅନୁଷ୍ଠାନର ସଭାପତି ବସନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡିଶା ସଂସ୍କୃତି ବିଭାଗ ଅତିରିକ୍ତ ସଚିବ ଡ. ତ୍ରିଲୋଚନ ବରାଳ, ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଐତିହାସିକ ଓ ଗବେଷକ ଡ. ଅନିଲ ଧୀର, ବ୍ୟଙ୍ଗକବି ଡ. ସମ୍ପଦ ରଥ, ସଂଗୀତ ନିର୍ଦ୍ଦେଶକ ଦିନେଶ କୁମାର ପ୍ରମୁଖ ଯୋଗଦେଇ ଶ୍ରୀଯୁକ୍ତ ପାଣିଙ୍କୁ ଶ୍ରୀକ୍ଷେତ୍ର ରତ୍ନ ସମ୍ମାନରେ ସମ୍ମାନିତ କରିଥିଲେ।

# ଅର୍ଥନୀତି ବିଭାଗର ଆଲୋଚନାଚକ୍ର

ପାରାଦୀପ, ୪।୧ (ସମିସ): ପାରାଦୀପ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ଡିଜିଟାଲ ବ୍ୟାଙ୍କିଙ୍ଗ ଆଣ୍ଡ ସାଇବର ସିକ୍ୟୁରିଟି ସମ୍ପର୍କରେ ଆଜି ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଶୀର୍ଷକ ଆଲୋଚନାଚକ୍ରରେ ବ୍ୟାଙ୍କ୍ ଅଫ ଇଣ୍ଡିଆ ଭୁବନେଶ୍ୱରର ମହାପରିଚାଳକ ଶ୍ୟାମଳ କୁମାର ଦାସ ଏବଂ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱରର ଆଞ୍ଚଳିକ ପରିଚାଳକ ପୀୟୂଷ ରଞ୍ଜନ ସ୍ୱାଇଁ ବକ୍ତା ଭାବେ ଯୋଗଦେଇ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଜଗମୋହନ ମିଶ୍ର ଅତିଥି ପରିଚୟ ଓ ବିଷୟ ବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗର ଅଧ୍ୟାପିକା କବିତା ପ୍ରଧାନ ଉଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଶେଷରେ ବିଭାଗର ଅଧ୍ୟାପକ ସୁଜିତ୍ କୁମାର ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ।

# ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ଜଗତସିଂହପୁର,୪।୧(ସମିସ): ଜଗତସିଂହପୁର ଜିଲ୍ଲାର ତରିକୁନ୍ଦସ୍ଥିତ ନବକୃଷ୍ଣ ଚୌଧୁରୀ ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର କଲେଜ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ପ୍ରତିଷ୍ଠାତା ବୀରକିଶୋର ରାଉତରାୟ ମୁଖ୍ୟଅତିଥି ଏବଂ ବୃନ୍ଦାବନ ଚନ୍ଦ୍ର ଡିଗ୍ରୀ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରତାପ କୁମାର ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚନାଚକ୍ରର ବିଷୟବସ୍ତୁ ଆତ୍ମନିର୍ଭରଶୀଳ ଭାରତ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ସଂଗୀତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅଧ୍ୟାପକ ସୁନୀଲ କୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଦୀପ୍ତିମୟୀ ସେଠୀ, ଶୁଭଶ୍ରୀ ଇପସିତା ଦାସ, ଦୁଷ୍ମନ୍ତ ବେହେରା, ଶିବ ପ୍ରସାଦ ମିଶ୍ର, ସାରଦା ପ୍ରସାଦ ସାହୁ, ବିଶ୍ୱନାଥ ସାହୁ, ସନ୍ତୋଷ ନାୟକ, ମନୀଷା ଆଚାର୍ଯ୍ୟ, ମନୋରମା ସାହୁ ଏବଂ ସନ୍ତୋଷ କରଣଙ୍କ ସମେତ ଛାତ୍ରଛାତ୍ରୀ ଏହି ଆଲୋଚନା ଚକ୍ରରେ ଭାଗ ନେଇଥିଲେ।

# ନାଟ୍ୟକାର ଗୋପାଳ ଛୋଟରାୟଙ୍କ ସ୍ମୃତିସଭା



ଜଗତସିଂହପୁର,୪।୧(ସମିସ): ଜଗତସିଂହପୁର ବ୍ଲକ ଅଧୀନ ପୁରୁଣାଗଡ଼ ଠାରେ ଅବସ୍ଥିତ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରଫୁଲ୍ଲ ପାଠାଗାର ପରିସରରେ ଆଜି ରାଜ୍ୟସ୍ତରୀୟ ଗୋପାଳ ଛୋଟରାୟ ସ୍ମୃତିସଭା ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ପ୍ରଫୁଲ୍ଲ ପାଠାଗାର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାରନ କରିଥିଲେ। ମୁଖ୍ୟଅତିଥି ଭାବେ ନାଟ୍ୟକାର ମହେନ୍ଦ୍ର ଆଚାର୍ଯ୍ୟ ଓ ମୁଖ୍ୟବକ୍ତା ଭାବେ ନାଟ୍ୟକାର ଉତ୍ତମ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଥିଏଟର ନାଟକର ବିଭିନ୍ନ ଦିଗ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଶ୍ୱଜିତ ଦାସ ନାଟକ ଓ ଚଳଚ୍ଚିତ୍ର ଉପରେ ଆଲୋଚନା କରିଥିଲେ। ପ୍ରାବନ୍ଧିକ ତଥା ସ୍ତମ୍ଭକାର ଅଭିରାମ ବିଶ୍ୱାଳ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରସନ୍ନ ଦାଶ ପ୍ରମୁଖ ଆଲେଶଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ପତି ଓ ଲକ୍ଷ୍ମୀଧର ପ୍ରଧାନ, ସମ୍ପଦ ବେହେରା, ରମାକାନ୍ତ ସାମନ୍ତରାୟ, ବିଭୁତି ଲେଙ୍କା, ବଂଶୀଧର ବେହେରା ଏଥିରେ ଅଂଶଗ୍ରହଣ କରିଥିଲା ବେଳେ ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ମା'ଜାଗୁଲାଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ବଡ଼ିଜଙ୍ଗା ଏକାଦଶ ଟିମ୍ ଚାମ୍ପିଅନ

ତିର୍ତ୍ତୋଲ,୪।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ଅଲଣା ଗ୍ରାମ ମା' ଜାଗୁଲାଇ କ୍ରିକେଟ ପଡ଼ିଆରେ ତୃତୀୟ ବର୍ଷର ପଞ୍ଚମ ସଟ୍ ବାଉଣ୍ଡରି ଧମାକା ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ରାଜ୍ୟ ମହିଳା ମୋର୍ଚ୍ଚା ସଦସ୍ୟା ପ୍ରତିମା ମହାନ୍ତି ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଟିମ୍ ଭାଗ ନେଇଥିବା ବେଳେ ଫାଇନାଲରେ ବଡ଼ିଜଙ୍ଗା ଏକାଦଶ ଟିମ୍ ଡାଇମଣ୍ଡ ଏକାଦଶକୁ ରାଇ ଚାମ୍ପିଅନ ହୋଇଥିଲା। ଡାଇମଣ୍ଡ ଏକାଦଶ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୫୧ ରନ୍ ସଂଗ୍ରହ କରିଥିଲା। ଜବାବରେ ବଡ଼ିଜଙ୍ଗା ଏକାଦଶ ୭ ଓଭରରେ ଆବଶ୍ୟକୀୟ




ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ସମାଜସେବୀ ପ୍ରଶାନ୍ତ ପଣ୍ଡା ଓ ଚନ୍ଦନ ମଲ୍ଲିକ ଯୋଗଦେଇ ବିଜେତା ଓ ଉପବିଜେତା ଟିମ୍‌କୁ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ପାୟାର ଭାବେ ନାରାୟଣ ପଲାଇ ଓ ଦେବଦର୍ଶୀ ଶାଶ୍ୱତ ପଲାଇ ଖେଳ ପରିଚାଳନା କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଜଗତସିଂହପୁର,୪।୧(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମହିଳୋ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମନୋରମା ଦାଶଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ପ୍ରୀତିପ୍ରଭା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ଲୋକନାଥ ବଳ, ଡ. ବୈଜୟନ୍ତୀମାଳା ଶତପଥୀ, ଡ. ବିଷ୍ଣୁପ୍ରିୟା ଦାସ, କୋଟିଆଁ ସାଧନକେନ୍ଦ୍ରର ପ୍ରାକ୍ତନ ସିଆର୍‌ସିସି ପ୍ରଦୀପ କୁମାର ରଥ, ନବକାକଳିର ସମ୍ପାଦକ ଶିକ୍ଷାବିତ୍ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ସମାଜସେବୀ ହେମନ୍ତ ରଥ, ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ପ୍ରାକ୍ତନ ସରପଞ୍ଚ ଚିତ୍ତରଞ୍ଜନ ରଥ, ତିର୍ତ୍ତୋଲ ବ୍ଲକ୍ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଶିକ୍ଷକନେତା ଚୈତନ୍ୟ ରାଉତ, ପ୍ରାକ୍ତନ ବିଇଓ ବାଇଧର ତ୍ରିପାଠୀ, ଶିକ୍ଷକନେତା ଗୌରାଙ୍ଗ ଚରଣ ଦାଶ, ବାବୁଲି ସ୍ୱାଇଁ, ନରେଶ ଜେନା, ମାତୃପ୍ରସାଦ ଶତ୍ରୁଜିତ ଏବଂ ଉମାକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଦୀପ୍ତ କୁମାର ପାଲ, ବଂଶୀଧର ବେହେରା, ନୀଳକଣ୍ଠ ଦାଶ, ଶେଷଦେବ ଛୋଟରାୟ, ପୁରୁଷୋତ୍ତମ ଦାସ, ନିର୍ମଳା ସାହୁ, ପଣ୍ଡିତ ବାସବ ନନ୍ଦ, ଶ୍ରାବଣୀ ଜେନା, ଜୟଶ୍ରୀ ମିଶ୍ର, ନିରଞ୍ଜନ ନାୟକ, ହୃଦାନନ୍ଦ ସ୍ୱାଇଁ କବିତା ପାଠ କରିଥିଲେ। ଏଥିରେ ଗଣେଶ ଚନ୍ଦ୍ର ସ୍ୱାଇଁ, ମଧୁଛନ୍ଦା ଆଚାର୍ଯ୍ୟ, ପ୍ରଣତିକା ମହାନ୍ତି, ରଞ୍ଜନପ୍ରଭା ସ୍ୱାଇଁ, କାଳନ୍ଦୀ ଚରଣ ସ୍ୱାଇଁ ଓ ପ୍ରଜ୍ଞା ପରିଡ଼ା ପ୍ରମୁଖ ସହଯୋଗ କରିଥିବା ବେଳେ ମନୋରଞ୍ଜନ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ନନ୍ଦ ଶାନ୍ତିପାଠ କରିଥିଲେ।

# ଏନ୍‌ସିସି ଆଲୁମିନି ଆସୋସିଏସନର ସ୍ୱଚ୍ଛତା ଅଭିଯାନ



ପାରାଦୀପ,୪।୧(ସମିସ): ପାରାଦୀପ ଏନ୍‌ସିସି ଆଲୁମୁନି ଆସୋସିଏସନ୍ ପକ୍ଷରୁ ୭୯ତମ ସ୍ୱଚ୍ଛତା ଅଭିଯାନ ପାରାଦୀପ ସମୁଦ୍ର ବେଳାଭୂମିରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ କଲେଜ ଏନ୍‌ସିସି କ୍ୟାଡେଟ୍, ଆଲୁମିନି ସଦସ୍ୟ ଏବଂ କୁଜଙ୍ଗ ବନାଞ୍ଚଳ କର୍ମଚାରୀମାନେ ମିଳିତ ଭାବେ ବେଳାଭୂମି ସଫେଇ କରିଥିଲେ। ଏଥିସହିତ ଏକକ ବ୍ୟବହୃତ ପ୍ଲାଷ୍ଟିକ ବନ୍ଦ କରିବା, ଅଳିଆକୁ ଉପଯୁକ୍ତ ସ୍ଥାନରେ ପକାଇବା ଏବଂ ବେଳାଭୂମି ସହ ପରିବେଶକୁ ସୁନ୍ଦର ଓ ସବୁଜିମାମୟ ରଖିବା ପାଇଁ ପର୍ଯ୍ୟଟକମାନଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏନ୍‌ସିସି ଆଲୁମିନି ଆସୋସିଏସନ୍ ପ୍ରତ୍ୟେକ ରବିବାର ସ୍ୱଚ୍ଛତା ଅଭିଯାନ ସହ ରକ୍ତଦାନ ଶିବିର ଓ ବିଭିନ୍ନ ସରକାରୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସଙ୍ଗଠନର ବହୁ ସଦସ୍ୟ ଯୋଡି ହୋଇଥାନ୍ତି।

# ବିଦ୍ୟାଳୟରେ କ୍ରୀଡ଼ାର ଆବଶ୍ୟକତା ଅପରିହାର୍ଯ୍ୟ



ଜଗତସିଂହପୁର,୪।୧(ସମିସ)

ବିଦ୍ୟାଳୟରେ ଶିକ୍ଷାଗ୍ରହଣ ସହିତ ଛାତ୍ରଛାତ୍ରୀଙ୍କ ମାନସିକ, ଶାରୀରିକ ଏବଂ ବୌଦ୍ଧିକ ବିକାଶ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ମହାକାଳେଶ୍ୱର ଠାରେ ଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲର ନବମ ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେଇ ଅତିଥିମାନେ ମତପ୍ରକାଶ କରିଛନ୍ତି। ଏହି କ୍ରୀଡ଼ା ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ୩ ତାରିଖରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କ୍ରୀଡ଼ା ସଂଗଠକ ତଥା ପିଟି ଉଷା ସ୍ପୋର୍ଟ୍ସ କ୍ଲବର ସଂପାଦକ ପ୍ରିୟରଞ୍ଜନ ରାୟ ଯୋଗଦେଇ ସାମ୍ପ୍ରତିକ ସମୟରେ କ୍ରୀଡାର ଗୁରୁତ୍ୱ ସମସ୍ତେ ଉବଲବ୍ଧି କରୁଥିବା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଇଂ.ସୁଧାଂସୁ ଶେଖର ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀ ଶିକ୍ଷା ଅଧ୍ୟୟନ ସହିତ ବିଭିନ୍ନ କ୍ରୀଡ଼ା ଅଭ୍ୟାସ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

ସେହିପରି ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଅରୁଣ କୁମାର ମହାରଣା ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚେୟାରମ୍ୟାନ ଇଂ.ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଆଲୋକ ରଂଜନ ଦାସ, ସାମ୍ବାଦିକ ଦୁର୍ଯ୍ୟୋଧନ ମହାରଣା, ଶିକ୍ଷକ ନେତା ଅରୁଣ କୁମାର ମହାରଣା, ପଲି ସରପଞ୍ଚ କୌଶଲ୍ୟା ଦାସ, ସାମ୍ବାଦିକା ଲିଲନପ୍ରଭା ପାଢ଼ି ପ୍ରମୁଖ ଯୋଗଦେଇଥିଲେ। ଏହି କ୍ରୀଡା ଉତ୍ସବକୁ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ରାଜଶ୍ରୀ ବସ୍ତିଆ, ସବିତା ମହାରଣା, ବିଭୁପ୍ରସାଦ ବେହେରା, ପ୍ରଶାନ୍ତ କୁମାର ବେହେରା, ମନୋଜ କୁମାର ଜେନା, କସର ସାହା, ପ୍ରତିଭା ନାୟକ, ସସ୍ମିତା ରାୟ, ସସ୍ମିତା ସିଂ, ନିର୍ମଳା ସାହୁ, ରସ୍ମିତା ମହାରଣା, କର୍ମ.ରୀ ତବାସୁମ ଆରା, ରଂଜିତା ଭୋଇ, ଉଲ୍ଲାସ ଭୋଇ ପ୍ରମୁଖ ପରି.ଳନା କରିଥିଲେ।

# ମୋନାଲିସା ସାହିତ୍ୟ ପତ୍ରିକା ଉନ୍ମୋଚିତ




ପାରାଦୀପ,୪।୧(ସମିସ): ସାହିତ୍ୟକୁ ବାଦ୍ ଦେଇ ସୁନ୍ଦର, ସମ୍ବେଦନ, ମୂଲ୍ୟବୋଧ ଭିତ୍ତିକ ସମାଜର ପରିକଳ୍ପନା କରାଯାଇପାରିବନାହିଁ। ଏଥିପାଇଁ ପତ୍ରପତ୍ରିକାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୋନାଲିସା ପତ୍ରିକା ଉନ୍ମୋଚନ ଉତ୍ସବରେ ମତପ୍ରକାଶ ପାଇଛି। ପୌରପାଳିକା ସମ୍ମିଳନୀ କକ୍ଷରେ ପାରାଦୀପର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୋନାଲିସା ସାହିତ୍ୟ ସଂସଦ ଆୟୋଜିତ ନବବର୍ଷ କବିତାପାଠ ଓ ସାହିତ୍ୟ ଆଲୋଚନା ଆସରରେ ବିଶିଷ୍ଟ ସୃଜନ ସାଧକ ପ୍ରଶାନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ଯୁଗଯୁଗ ଧରି ସାହିତ୍ୟ ମଣିଷର ଭାବାବେଗକୁ ବହନ କରି ଦିଗ୍‌ଦର୍ଶନ ଦେଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ ସାହିତ୍ୟ ମାନବ ସମାଜର ସହଯାତ୍ରୀ ପରି ଜୀବନ ଓ ଜଗତର ଜୟଗାନ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି କାନମାସ ସଂପାଦକ ଶ୍ରୀମନ ନାରାୟଣ ମିଶ୍ର, ମେଘମହ୍ଲାର ସଭାପତି ଡ. କେଶବ ଚନ୍ଦ୍ର ଦଳାଇ, ଶ୍ରମିକନେତା ଅନନ୍ତ କୁମାର ଦାସ ପ୍ରେମ, ପ୍ରକୃତି ଓ ପ୍ରାର୍ଥନା ସାହିତ୍ୟର ମୂଳ ଭିତ୍ତିଭୂମି ବୋଲି କହିଥିଲେ। ଏଇ ଅବସରରେ ଅତିଥିମାନେ ସଂଘମିତ୍ରା ସ୍ୱାଇଁଙ୍କ ସଂପାଦିତ ପତ୍ରିକା 'ମୋନାଲିସା'କୁ ଉନ୍ମୋଚନ କରିଥିଲେ। କବି ପ୍ରଭାତୀ ମାଝୀ ଓ ତୁଳସୀ ବରାଳଙ୍କ ସଂଯୋଜନାରେ ନଳିନୀ ପ୍ରଭା ସାହୁ, ଉର୍ମିଳା ମହାନ୍ତି, ବିଜୟ ନାୟକ, କଳ୍ପନା ବେହେରା, ବାବାଜୀ ନାୟକ, ନିମାଁଇ ମହାପାତ୍ର, ବିଷ୍ଣୁପ୍ରିୟା ମହାନ୍ତି, ଭାଗ୍ୟଶ୍ରୀ ପ୍ରଧାନ, ରବୀନ୍ଦ୍ର କୁମାର ଦାସ, ଗୋଲାପରାଣୀ ସାହୁ, ଆରତି ଦାଶ, ସବ୍ୟସାଚୀ ତ୍ରିପାଠୀ ପ୍ରମୁଖ ନବବର୍ଷ ଶୀର୍ଷକରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ରମେଶ ଚନ୍ଦ୍ର ବହିରା ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକ ନିଖୋଜ ଅଭିଯୋଗ



ଗଁଦିଆ, ୪।୧(ସମିସ): ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅନ୍ତର୍ଗତ କରମୂଳ ଗ୍ରାମର କୋଦଣ୍ଡଧର ମଲିକଙ୍କ ପୁଅ ଆକାଶ କୁମାର ମଲିକ (୩୦) ନିଖୋଜ ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଆକାଶ ଗତ ୩୦ ତାରିଖ ଏକ ନୀଳ ରଙ୍ଗର ଫୁଲ ପ୍ୟାଣ୍ଟ ଓ ଧଳା ରଙ୍ଗର ଟି-ଶାର୍ଟ ପିନ୍ଧି ସାଇକେଲରେ ଘରୁ ବାହାରିଥିଲେ। କିନ୍ତୁ ସେ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଏ ନେଇ ବାହା କୋଦଣ୍ଡଧର ଯୋରନ୍ଦା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଜାରି ଆରମ୍ଭ କରିଛି।

## ରାଜକିଶୋର ହେଲେ ଢେଙ୍କାନାଳ ରେଡକ୍ରସ୍ ସୋସାଇଟିର ଉପାଧ୍ୟକ୍ଷ



ଢେଙ୍କାନାଳ, ୪।୧(ସମିସ): ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, ଢେଙ୍କାନାଳ ଶାଖାର ବାର୍ଷିକ ସାଧାରଣ ପରିଷଦ ଓ କାର୍ଯ୍ୟକାରିଣୀ ବୈଠକରେ ରୋଟାରିଆନ୍ ରାଜକିଶୋର ବେହେରାଙ୍କୁ ଉପାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ରାଜକିଶୋର ପୂର୍ବରୁ ଭାରତୀୟ ରେଡକ୍ରସ୍ ସୋସାଇଟିର ଆଜୀବନ ସଦସ୍ୟ ଏବଂ ପାର୍ଟନ୍ ଭାବେ କାର୍ଯ୍ୟ କରିଆସୁଛନ୍ତି। ସେ ସ୍କୁଲ୍ ଶିକ୍ଷା ସମୟରେ ରାଷ୍ଟ୍ରପତି ସ୍କାଉଟ୍ ଓ ମହାବିଦ୍ୟାଳୟ ଶିକ୍ଷା ସ୍ତରରେ ଜାତୀୟ ସେବା ଯୋଜନା (ଏନଏସଏସ)ରେ ଉତ୍କର୍ଷତା ପ୍ରତିପାଦନ କରି ଜାତୀୟସ୍ତରରେ ସମ୍ମାନିତ ହେବା ସହ ରୋଟାରିଆନ୍ ଭାବେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ପଦରେ ଅଛନ୍ତି। ସେ ଢେଙ୍କାନାଳ ଜିଲ୍ଲା ରକ୍ତଦାତା ଓ ଅନୁପ୍ରେରକ ସଂଘ ସଦସ୍ୟ ଥାଇ ଶତାଧିକ ଥର ରକ୍ତଦାନ କରି ରାଜ୍ୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଅଧୀନ ଜାତୀୟ ଅଙ୍ଗ ଓ ଚର୍ମତନ୍ତୁ ପ୍ରତ୍ୟାରୋପଣ ସଂସ୍ଥାନ ନାଟୋ ସହ ନିଜ ଶରୀର ଦାନ ନିମନ୍ତେ ଅଙ୍ଗୀକାରପତ୍ର ସ୍ୱାକ୍ଷର କରିଛନ୍ତି। ଢେଙ୍କାନାଳ ଜିଲ୍ଲାରେ ଭାରତୀୟ ରେଡକ୍ରସ୍ ଶାଖା କାର୍ଯ୍ୟକ୍ରମକୁ ଲୋକାଭିମୁଖୀ ଓ ଅଧିକ କ୍ରିୟାଶୀଳ କରିବାକୁ ସେ ଢେଙ୍କାନାଳ ଜିଲ୍ଲାପାଳ ତଥା ଜିଲ୍ଲା ରେଡ୍‌କ୍ରସ୍ ଶାଖା ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଛନ୍ତି।

## ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



ଢେଙ୍କାନାଳ, ୪।୧(ସମିସ): ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ଗାୟତ୍ରୀ ମନ୍ଦିରରେ ଗାୟତ୍ରୀ ପରିବାର ପକ୍ଷରୁ ଦୁଇଦିନ ବ୍ୟାପୀ ବାର୍ଷିକୋତ୍ସବ ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଯାଉଁଳି ପୋଖରୀଠାରୁ ପୂଜାର୍ଚ୍ଚନା କରାଯାଇ ୫୧ ମହିଳାଙ୍କ ଦ୍ୱାରା କଳସଯାତ୍ରା କରାଯାଇଥିଲା। ରବିବାର ଗାୟତ୍ରୀ ମାତାଙ୍କ ପଞ୍ଚକୁଣ୍ଡୀୟ ଗାୟତ୍ରୀ ହବନ, ପୂର୍ଣ୍ଣାହୁତି ଓ ପ୍ରସାଦସେବନ ଅନୁଷ୍ଠିତ ହୋଇଥିଲା। ଗାୟତ୍ରୀ ପରିବାର ତରଫରୁ ଶିବପ୍ରସାଦ ଶତପଥୀ, ଗୋପିନାଥ ସାହୁ, ସନ୍ତୋଷ କୁମାର ଅଗ୍ରୱାଲ, ବସନ୍ତ ମଞ୍ଜରୀ ମିଶ୍ର, ଦେବରାଜ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

## ଦିବସବ୍ୟାପୀ ଚୌପ୍ରହର ନାମଯଜ୍ଞ



ପରଜଙ୍ଗ, ୪।୧(ସମିସ): ପରଜଙ୍ଗ ବ୍ଲକ ଗଡ଼ପରଜଙ୍ଗ ବାୟା ପାଗଳା ମଠ ପ୍ରାଙ୍ଗଣରେ ଚଳିତ ମାସ ପୌଷ ପୂର୍ଣ୍ଣିମା ଅବସରରେ ସାଧୁ ଗୋଷ୍ଠୀଙ୍କ ପକ୍ଷରୁ ଦିବସ ବ୍ୟାପୀ ଚୌପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ମଠର ମୁନା ବାବା, ରଘୁନାଥପୁରର ସନ୍ତୋଷ ଚୈତନ୍ୟ ବାବା, ପାଟରପଦା ମଠର କୃଷ୍ଣକରୁଣା ଦାସ ବାବା, କଙ୍କିଳୀ ଅନନ୍ତ ବାବା ଓ ସାନ କପିଳାସ ପଥରଗଡ଼ର ପଙ୍କଜ ବାବା ଉପସ୍ଥିତ ରହି ନାମଯଜ୍ଞ ପରିଚାଳନା କରିଥିଲେ। ମଠ ପରିଚାଳନା କମିଟି ମୁଖ୍ୟ ଅଶୋକ କୁମାର ଦଳବେହେରଙ୍କ ସହ ଗ୍ରାମ ସଭାପତି ଶାନ୍ତନୁ କୁମାର ସାମଲ, ସଦସ୍ୟ ରଞ୍ଜନ ଦଳବେହେରା, ସୁବ୍ରତ ପରିଡ଼ା, ଫିରୋଜ ଦଳବେହେରା, ବିନୟ ଦଳବେହେରା, ଅଭୟ କୁମାର ସାହୁ, ଦୁଷ୍ମନ୍ତ ସାମଲ, ଦିଲ୍ଲୀ ଦାନୀ, ଚାଣ୍ଡି ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ନଗର ସଙ୍କୀର୍ତ୍ତନ ଓ ଦଧିଭାଣ୍ଡ ଭଞ୍ଜନ ହେବା ସହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା।


## ବେଆଇନ ମୁଗୁନି ପଥର ଖଣିରେ ବିସ୍ଫୋରଣ ଘଟଣା

# ୮ ଘଣ୍ଟା ପରେ ୨ ମୃତଦେହ ଉଦ୍ଧାର

ଢେଙ୍କାନାଳ/ଖଜୁରିଆକଟା, ୪।୧(ସମିସ)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଅନ୍ତର୍ଗତ ନିମିଧା ପଞ୍ଚାୟତ ଗୋପାଳପୁର ଗ୍ରାମ ନିକଟରେ ଏକ ବେଆଇନ କଳାମୁଗୁନି ପଥର ଖଣିରେ ବିସ୍ଫୋରଣ ଘଟି ଶନିବାର ଅପରାହ୍ନରେ କେତେଜଣ ଶ୍ରମିକ ବଡ଼ ବଡ଼ ପଥର ଖଣ୍ଡ ତଳେ ଚାପିହୋଇ ରହିଯାଇଥିଲେ। ବହୁ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଏହି ଖବର ପ୍ରସାରିତ ହେବା ପରେ ଜିଲ୍ଲା ପ୍ରଶାସନ, ପୁଲିସ ପହଞ୍ଚି ତଦନ୍ତ କରିଥିଲେ। ଅଗ୍ନିଶମ ଓ ଓଡ୍ରାଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଉକ୍ତ ପଞ୍ଚାୟତ ହାତୀପ୍ରବଣ ଅଞ୍ଚଳ ହୋଇଥିବା ଏବଂ ରାତି ହୋଇଯାଇଥିବାରୁ ସର୍ଚ୍ଚ ଅପରେସନ ସମ୍ଭବ ହୋଇପାରି ନ ଥିଲା। ରବିବାର ପୂର୍ବାହ୍ନ ସାଢ଼େ ୭ଟାରେ ଜିଲ୍ଲାପାଳ ଆଶିଶ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଡିଏଫଓ ସୁମିତ କରଙ୍କ ସହ ଅଗ୍ନିଶମ ବିଭାଗର ୫ଜଣ ଦକ୍ଷ ଅଧିକାରୀ, ଢେଙ୍କାନାଳ, ଖଜୁରିଆକଟା, ହିନ୍ଦୋଳ ରୋଡ, ଅଗ୍ନିଶମ ବିଭାଗ କର୍ମଚାରୀ, ଓଡ୍ରାଫ ଟିମ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଶୀତ ଓ ପ୍ରବଳ କୁହୁଡ଼ି ସତ୍ତ୍ୱେ ୪ଟି ହାଇଡ୍ରା ମେସିନ, ୪ଟି ପାୱାରପ୍ୟାକ୍ ସହ ପଥର ଖୋଳା ମେସିନ ଦ୍ୱାରା ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଦୀର୍ଘ ୮ ଘଣ୍ଟାର ଅପରେସନ ପରେ ୨ ଶ୍ରମିକଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଥିଲେ। ମୃତ ଶ୍ରମିକ ଦ୍ୱୟଙ୍କ ମଧ୍ୟରୁ ଜଣଙ୍କ ନାମ ଅଭି ସିଂ ବୋଲି ଜଣାପଡ଼ିଥିବା ବେଳେ ଅନ୍ୟଜଣଙ୍କୁ ଚିହ୍ନଟ କରାଯାଇପାରି ନାହିଁ। ମୃତ ଶ୍ରମିକଙ୍କ ଘର କେନ୍ଦୁଝର ଏବଂ ମୟୂରଭଞ୍ଜ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେହିପରି ଆହତ ଶ୍ରମିକମାନଙ୍କୁ ବିଭିନ୍ନ ସ୍ଥାନରେ ଲୁଚାଇ ରଖାଯାଇଥିବା କିମ୍ବା ଅନ୍ୟତ୍ର ନେଇ ପଳାଇ ଯାଇଥିବା ଜଣାପଡ଼ିଛି। ଖଣି ମାଲିକଙ୍କ ଲିଜ୍ ଅବଧି ଅଗଷ୍ଟ ମାସରୁ ଶେଷ ହୋଇଥିବା ବେଳେ ସେ ବେଆଇନ ଭାବେ ଏହି ଖଣିରୁ ପଥର ଉତ୍ତୋଳନ କରି କୋଟି କୋଟି ଟଙ୍କା ଉପାର୍ଜନ କରୁଥିଲେ ବୋଲି ଜଣାପଡ଼ିଛି।

ଅନ୍ୟପଟେ ଏହି ବନ୍ଦ ଖଣି କିପରି ଚାଲୁଥିଲା, ସେ ନେଇ ପ୍ରଶାସନ, କିମ୍ବା ଖଣି ବିଭାଗ କାହିଁକି ଚୁପ ରହିଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ାପଡ଼ା ଓ ହିନ୍ଦୋଳ ତହସିଲ ଅଞ୍ଚଳରେ ୪୦୦ରୁ ଊର୍ଦ୍ଧ୍ୱ ବେଆଇନ ଖଣି ଚାଲୁଥିଲେ ମଧ୍ୟ ପ୍ରଶାସନ ଓ ଖଣି ବିଭାଗର କେତେକ ଅସାଧୁ କର୍ମଚାରୀଙ୍କ ଯୋଗୁଁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଓଡ଼ାପଡ଼ା ତହସିଲ ଅନ୍ତର୍ଗତ ବିଭିନ୍ନ ଖଣି ଖାଦାନରେ ମୃତ୍ୟୁବରଣ କରୁଥିବା ଶ୍ରମିକମାନଙ୍କୁ ଖଣି ମାଲିକମାନେ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିଙ୍କ ଛାତ୍ରଛାୟା ତଳେ ରହି ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ହାତ କରି ଗାଡ଼ି ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଦର୍ଶାଇ ଘଟଣାକୁ ରଫାଦଫା କରିଦେବାର ଅନେକ ନଜିର ରହିଛି। ଯାହା ଫଳରେ ପ୍ରକୃତ ଦୋଷୀ ଖସି ଯାଉଥିବା ଅଭିଯୋଗ ହୋଇ ଆସୁଛି।



## ମାଉଣ୍ଟ ଆବୁରେ ଆଇଆଇଏମସି ଛାତ୍ରଛାତ୍ରୀଙ୍କ ଇଣ୍ଟର୍ଣ୍ଣସିପ

### ● ଫଟୋଗ୍ରାଫି, ଭିଡିଓଗ୍ରାଫି ଓ ସିନେମାଟୋଗ୍ରାଫିରେ ତାଲିମ



ଢେଙ୍କାନାଳ, ୪।୧(ସମିସ): ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଛାତ୍ରଛାତ୍ରୀମାନେ ରାଜସ୍ଥାନ ମାଉଣ୍ଟ ଆବୁସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତିକ କେନ୍ଦ୍ରରେ ପିଏମ ଟିଭି ଚାନେଲ ଗୋଡଲିଉଡ୍ ଷ୍ଟୁଡିଓରେ ଇଣ୍ଟର୍ଣ୍ଣସିପ କରିଛନ୍ତି। ଅନୁଷ୍ଠାନର ଇଂରାଜୀ ସାମ୍ବାଦିକତା, ଓଡ଼ିଆ ସାମ୍ବାଦିକତା ଓ କର୍ପୋରେଟ କମ୍ୟୁନିକେସନ ଏବଂ ବ୍ରାଣ୍ଡ ମ୍ୟାନେଜମେଣ୍ଟର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ହୋଇଥିଲା। ସାମ୍ବାଦିକତାରେ ନୀତିଶାସ୍ତ୍ର, ସମୟର ଆବଶ୍ୟକତା, ଛାତ୍ରଛାତ୍ରୀମାନେ ବ୍ୟବହାରିକ ଏବଂ ଆଧ୍ୟାତ୍ମିକ ଯୋଗାଯୋଗ ସହିତ ବୈଷୟିକ ପାଠ୍ୟକ୍ରମ ଉପରେ ଗୁଣାତ୍ମକ ତାଲିମ ଉପରେ ସେମାନଙ୍କ ଅଭିଜ୍ଞତା ଉପସ୍ଥାପନ କରିଥିଲେ। ଛାତ୍ରଛାତ୍ରୀମାନେ ଡିସେମ୍ବର ୨୨ରୁ ଜାନୁଆରୀ ୨ ତାରିଖ ଯାଏ ସେଠାରେ ୧୧ ଦିନିଆ ଶୀତକାଳୀନ ଇଣ୍ଟର୍ଣ୍ଣସିପ୍ ସମୟରେ ସମାଧାନ ସାମ୍ବାଦିକତା, ସାମ୍ବାଦିକତାରେ ନୀତିଶାସ୍ତ୍ର, ଆଧ୍ୟାତ୍ମିକ ଯୋଗାଯୋଗ ଏବଂ ସାମ୍ବାଦିକତା, ଫୋଟୋଗ୍ରାଫି, ଭିଡିଓଗ୍ରାଫି ଏବଂ ସିନେମାଟୋଗ୍ରାଫି, ଗୁଣାତ୍ମକ ବିଷୟବସ୍ତୁ ସୃଷ୍ଟି, ସାମାଜିକ ଗଣମାଧ୍ୟମ, ଟିଭି ପାଇଁ ସ୍କ୍ରିପ୍ଟ ଲେଖା, ଗଣମାଧ୍ୟମରେ କାହାଣୀ କହିବା, କମ୍ୟୁନିଟି ରେଡିଓ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ବିଷୟରେ ଶିକ୍ଷାଲାଭ କରିଥିଲେ। କାର୍ଯ୍ୟକ୍ରମରେ ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରେଶ ବର୍ମା, ପିଏମ ଟିଭି ଚ୍ୟାନେଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିକେ ହରିଲାଲ, ବିକେ ରାକେଶ, ବିକେ ସିଥଲ ଏବଂ ଉତ୍ତରପ୍ରଦେଶର ପ୍ରମୁଖ ଶାସନ ସଚିବ ବିକେ ସୀତାରାମ ମୀନା, ରାଜସ୍ଥାନର ଜିଲ୍ଲା ଜଜ ଏବଂ ରେଡିଓ ମଧୁବନ୍ ସୋସିଆଲ୍ ମିଡିଆ ମୁଖ୍ୟ ବିକେ ଗୁପ୍ତା ଏବଂ ଅନ୍ୟମାନେ ଉପସ୍ଥିତ ରହି ଶିକ୍ଷା ପ୍ରଦାନ କରିଥିଲେ। ବ୍ରହ୍ମକୁମାରୀ ସଂସ୍ଥାର ଆନ୍ତର୍ଜାତିକ କେନ୍ଦ୍ର ସେକ୍ରେଟାରୀ ଜେନେରାଲ ବିକେ କରୁଣା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରି ସାମ୍ବାଦିକତାରେ ଏଥିକ୍ସକୁ କାମରେ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଆଇଆଇଏମସିର ଛାତ୍ରଛାତ୍ରୀ ବୈଶାଳୀ ଦୋଷଡ଼, ଶ୍ରେୟାଶୀ ସହାହୀ, ଅଂଶୁ ଆନନ୍ଦ, ବନାନୀ ମଣ୍ଡଳ, ମେଘା ସିଂ, ଆରାଧନା ଦାସ, ଦୀପିକା ଦୁବେ ଓ ପ୍ରିନ୍ସ ମିଶ୍ର ଇଂରାଜୀ ସାମ୍ବାଦିକତା ପାଠ୍ୟକ୍ରମର ସହାକାରୀ ପ୍ରଫେସର ବିରଞ୍ଚିନାରାୟଣ ସେଠଙ୍କ ସହ ସେଠାକୁ ଯାଇଥିଲେ। ଏହି ତାଲିମ ସେମାନଙ୍କୁ ଦ୍ୱିତୀୟ ସେମିଷ୍ଟାର ପାଠ ପାଇଁ ଉପକାରୀ ହେବ ବୋଲି ଛାତ୍ରୀ ଆରାଧନା ଦାଶ ଓ ଶ୍ରେୟାଶ୍ରୀ ସହାହୀ ମତ ଦେଇଛନ୍ତି। ଛାତ୍ରଛାତ୍ରୀମାନେ ମାଉଣ୍ଟ ଆବୁସ୍ଥିତ ଜ୍ଞାନ ସରୋବର, ପାଣ୍ଡବଭବନ, ଆରାବଳୀ ପର୍ବତରେ ଥିବା ଗୁରୁଶିଖର ମନ୍ଦିର, ପିସପାର୍କ ଓ ଦିଲୱାର୍ଡ ମନ୍ଦିର ଓ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀ ବୁଲି ଫଟୋଗ୍ରାଫି କରିଥିଲେ। ଡାଇରେକ୍ଟର ବିକେ ହରିଲାଲ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଢେଙ୍କାନାଳ, ୪।୧(ସମିସ): ସଦର ବ୍ଲକ କାକୁଡ଼ିଭାଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାକୁଡ଼ିଭାଗ କ୍ଲଷ୍ଟର ଶିକ୍ଷକଶିକ୍ଷୟିତ୍ରୀଙ୍କ ତରଫରୁ ଶିମିଳିପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଖୁଣ୍ଟିଆଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ରସାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସଦର ବିଆରସିସି ଦେବବ୍ରତ ନାଥ, ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ବିଷ୍ଣୁ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସାମଲ, ପ୍ରାକ୍ତନ ସିଆରସିସି ନୃସିଂହ ଚରଣ ପତି, କମିଟି ସଭାପତି ଶ୍ରୀନିବାସ ବେହେରା ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କର କର୍ମମୟ ଜୀବନ ଓ ଗୁଣାବଳି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରାଜେଶ ମହାନ୍ତି, ଶରତ ବେହେରା, ନାରଦ ସାହୁ, ଚାରୁଲତା ସାହୁ ଓ ଆର୍ଯ୍ୟବାଳା ସାହୁ ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀଙ୍କ ସମ୍ପର୍କରେ ନିଜର ଅନୁଭୂତି ବଖାଣିବା ସହିତ ତାଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। ଶ୍ରୀମତୀ ଖୁଣ୍ଟିଆ ନିଜର ମେଳାପୀ, କର୍ତ୍ତବ୍ୟପରାଣୟତା, ଛାତ୍ର ବତ୍ସଳତା ଓ ମିଷ୍ଟଭାଷୀ ଗୁଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। କ୍ଲଷ୍ଟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ ଓ ସ୍ୱର୍ଣ୍ଣପ୍ରଭା ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ଦାଶ ମଞ୍ଚ ସଞ୍ଚାଳନ କରିଥିଲେ। ସିଆରସିସି ଅର୍ଜୁନ ନାୟକଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଦିଲ୍ଲୀପ ସାହୁ, ସୌରଭ ରାୟ, ମିନତୀ ସାହୁ, ଆଶୀର୍ବାଦ ଧଳ ଓ ରୂପଶ୍ରୀ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଜିଲ୍ଲାସ୍ତରୀୟ ପୁଲିସ ଖେଳକୁଦ ପ୍ରତିଯୋଗିତା ଉଦଯାପିତ



ଢେଙ୍କାନାଳ, ୪।୧(ସମିସ): ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ ଅନୁଷ୍ଠିତ ଢେଙ୍କାନାଳ ଜିଲ୍ଲାସ୍ତରୀୟ ଦ୍ୱିତୀୟ ପୁଲିସ ଖେଳକୁଦ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ବନଖଣ୍ଡ ଅଧିକାରୀ ସୁମିତ କର, ଏସପି ଅଭିନବ ସୋନକର ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଢେଙ୍କାନାଳ ଅଗ୍ନିଶମ ବିଭାଗ, ବନବିଭାଗ, ଅବକାରୀ ବିଭାଗ, ପ୍ରଥମ ବାଟାଲିଅନ, ହୋମଗାର୍ଡ ଏବଂ ପୁଲିସ ବିଭାଗ କର୍ମଚାରୀଙ୍କ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ରବିବାର ପୁରୁଷ ଓ ମହିଳା ବିଭାଗ ୧୦୦ ମିଟର ଦୌଡ଼, ଡିସକସ ଥ୍ରୋ, ଜାଭଲିନ ଥ୍ରୋ, ଲମ୍ବଡିଆଁ, ଉଚ୍ଚଡିଆଁ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଜିଲ୍ଲା ଏପିଆର ଏବଂ ଓଏସଏପି ବାଟାଲିୟନ ମଧ୍ୟରେ ଫାଇନାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସଶସ୍ତ୍ର ଆରକ୍ଷୀ ବାହିନୀ ଏପିଆର ଦଳ ୩୨ରନରେ ବିଜୟୀ ହୋଇଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ଢେଙ୍କାନାଳ, ୪।୧(ସମିସ): ସ୍ଥାନୀୟ ଲକ୍ଷ୍ମୀଧର ମ୍ୟୁନିସିପାଲଟି ଉଚ୍ଚ ବିଦ୍ୟାଳୟର ୨୦୦୨ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ଯତନନଗରସ୍ଥିତ ୱାଟରପାର୍କରେ ଅନୁଷ୍ଠିତ ହୋଇଛି। ଏଥିରେ ୪୨ଜଣ ବନ୍ଧୁ ପରିବାର ସହ ଯୋଗଦେଇଥିଲେ। ବନ୍ଧୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଳା ସାହୁ, ନିରୁପମା ସାହୁ, ରଶ୍ମିତା ଦାସ, ମମତା ସାହୁ, ଜୟନ୍ତୀ ପରିଡ଼ା, ପ୍ରଦୀପ କୁମାର ମହାପାତ୍ର, ସମରେନ୍ଦ୍ର ସାହୁ, ଗୋପିନାଥ ସାହୁ, ପଦ୍ମଲୋଚନ ସାହୁ, ତପନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ବଜରଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ସରାଙ୍ଗ ଚାମ୍ପିଅନ



ପରଜଙ୍ଗ, ୪।୧(ସମିସ): ପରଜଙ୍ଗ ବ୍ଲକ ରୋଡ଼ ଗ୍ରାମରେ ଆୟୋଜିତ ବଜରଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଦଶ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ। ଆୟୋଜକ ରୋଡ଼ କ୍ରିକେଟ କ୍ଲବ ଓ ସରାଙ୍ଗ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ସରାଙ୍ଗ ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଅତିଥି ଭାବେ ପରଜଙ୍ଗର ସମାଜସେବୀ ପ୍ରଶାନ୍ତ କୁମାର ଦଳବେହେରା, ଧ୍ରୁବଚରଣ ଆଚାର୍ଯ୍ୟଙ୍କ ସମେତ ରୋଡ଼ ସରପଞ୍ଚ ବିଶ୍ୱଜିତ ନାୟକ ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ଟ୍ରଫି ତଥା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।

## ଅମରଜ୍ୟୋତି କପ କ୍ରିକେଟ: ଦଶୀପୁର ଚାମ୍ପିଅନ

କାମାକ୍ଷାନଗର, ୪।୧(ସମିସ)



କଙ୍କଡ଼ାହାଡ଼ ବ୍ଲକ ଦଶୀପୁର ଗ୍ରାମ ଖେଳପଡ଼ିଆରେ ଅମରଜ୍ୟୋତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୪୦ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ଦଶୀପୁର କ୍ରିକେଟ କ୍ଲବ ଓ ଭେଜିଆ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେଇଥିଲା। ଦଶୀପୁର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଦଶୀପୁର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୨୫ ରନ କରିଥିଲା। ଜବାବରେ ଭେଜିଆ ଦଳ ୮ ଓଭରରେ ୫୦ ରନ କରିବାକୁ ସକ୍ଷମ ହୋଇଥିଲା। ଦଶୀପୁର ଦଳର ଲିଙ୍କନ ନାୟକ ଉଭୟ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ସେହିପରି ଶ୍ରେଷ୍ଠ ବୋଲର ଭାବେ ରୁଦ୍ର ସାହୁ, ଶ୍ରେଷ୍ଠ ଫିଲଡର ବିଭୁ ବେହେରା, ଶ୍ରେଷ୍ଠ ଅଲରାଉଣ୍ଡର ରୁଦ୍ର ସାହୁ, ଶ୍ରେଷ୍ଠ ଉଇକେଟକିପର ଭାବେ ଚିନୁ ଦାସ ବିବେଚିତ ହୋଇଥିଲେ।

ଅତିଥି ଭାବେ ପରଜଙ୍ଗ ବିଧାୟକ ପୁଅ ପୀୟୂଷ ବର୍ଦ୍ଧନ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ, ଦଶୀପୁର ସରପଞ୍ଚ ସୁଧୀର ପାଲ, କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟିଟୁନ ସାହୁ, ଜଣ୍ଟି ସେଠୀ ଖେଳ ପରିଚାଳନା କରିଥିଲେ। ସଞ୍ଜୟ ନାୟକ, ଶିଶିର ବିଶ୍ୱାଳ ଧାରାବିବରଣୀ ପ୍ରଦାନ କରିଥିଲେ। ପ୍ରଶାନ୍ତ ସ୍ୱାଇଁ, ସଞ୍ଜୟ ରାଉଳ, ପ୍ରକାଶ ସ୍ୱାଇଁ ସ୍କୋର ସିଟ୍ ପରିଚାଳନା କରିଥିଲେ। ଅମରଜ୍ୟୋତି କ୍ରିକେଟ କ୍ଲବର ରିଣ୍ଟୁ ସାହୁ, ଲିଙ୍କନ ନାୟକ, ଶିବୁ ନାୟକ, ସୁଶୀଳ ନାଏକ, ଶିଶିର ସ୍ୱାଇଁ, ରୁଦ୍ର ସାହୁ, ବିଜୟ ନାୟକ, ବଣ୍ଟି ସାହୁ, ନିରଞ୍ଜନ ସ୍ୱାଇଁ, ସାର୍ଥକ ସାହୁ, କିଶୋରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଆଶ୍ୱାସ ଭବନ ଉଦଘାଟନ କଲେ ଉପମୁଖ୍ୟମନ୍ତ୍ରୀ

ଢେଙ୍କାନାଳ/କାମାକ୍ଷାନଗର, ୪।୧(ସମିସ): ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶନିବାର ଢେଙ୍କାନାଳ ଗସ୍ତ କରି କାମାକ୍ଷାନଗର ଗୋଦରିବିଲିଠାରେ ଆଶ୍ୱାସ ଭବନର ଉଦଘାଟନ କରିଛନ୍ତି। ସ୍ୱିଜରଲାଣ୍ଡର ବାସଏଡ୍ ସଂସ୍ଥା ଏବଂ ଓଡ଼ିଶା ସରକାରଙ୍କ ସହଯୋଗରେ ଏହି ଭବନର ନିର୍ମାଣ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତିଭୂଷଣ ପ୍ରଧାନ, ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ଅଭିନବ ସୋନକର, ସ୍ୱିଜରଲାଣ୍ଡ ବାସଏଡ୍‌ର ପ୍ରତିନିଧି ଶଶାଙ୍କ ମହାନ୍ତି, ଟ୍ରଷ୍ଟି ଦୀପକ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳର ଏନଜିଓ 'ଶୋଭା' ପକ୍ଷରୁ ପରିଚାଳନା କରାଯିବାକୁ ଥିବା ଏହି ଆଶ୍ୱାସ ଭବନରେ ବିଶେଷ ଭାବେ ସ୍ୱାସ୍ଥ୍ୟସେବାକୁ ପ୍ରାଧାନ୍ୟ ଦିଆଯିବ। ଥେରାପିକ ଚିକିତ୍ସା ମାଧ୍ୟମରେ ସୁବିଧାରେ ଲୋକଙ୍କ ପକ୍ଷାଘାତ ଓ ମେରୁଦଣ୍ଡ ସମସ୍ୟା ଜନିତ ରୋଗର ପ୍ରତିଷେଧକ ବ୍ୟବସ୍ଥା ଏଠାରେ କରାଯିବ। ଜନ୍ମରୁ ଯେଉଁ ପିଲାଙ୍କ ଶରୀରରେ ବକ୍ରଦୋଷ ତଥା ଅନ୍ୟାନ୍ୟ ଶାରୀରିକ ତ୍ରୁଟି ରହିଛି ତାହାକୁ ଏହି ଆଶ୍ୱାସ ଭବନରେ ଥେରାପିକ ଚିକିତ୍ସା ସାହାଯ୍ୟରେ ଭଲ କରାଯିବାକୁ ଚିକିତ୍ସା ଜାରି ରହିବ। ବିନା ମୂଲ୍ୟରେ ଲୋକଙ୍କୁ ଏହି ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିରଞ୍ଜନ ମହାପାତ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ ଉଦ୍‌ଯାପିତ

# ଅଦିନିଆ ରଥଯାତ୍ରା ସନାତନ ଧର୍ମ ସିଦ୍ଧାନ୍ତକୁ ଅପମାନ

ପୁରୀ, ୪।୧(ସମିସ): ଅଦିନିଆ ରଥଯାତ୍ରା ହେଉଛି ମହାପ୍ରଭୁଙ୍କ ପରମ୍ପରା, ସଂସ୍କୃତିର ବଡ଼ ବ୍ୟତିକ୍ରମ। ସନାତନ ଧର୍ମ ସିଦ୍ଧାନ୍ତକୁ ଅପମାନ। ଏହାକୁ କୌଣସି ଜଗନ୍ନାଥପ୍ରେମୀ ସହ୍ୟ କରିବା ଉଚିତ ନୁହେଁ। କାରଣ ରଥଯାତ୍ରା ପାଳନର ତିଥି ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାରା ନିର୍ଦ୍ଧାରିତ। ଏହାକୁ ଅମାନ୍ୟ କରିବା ଅର୍ଥ ମହାପ୍ରଭୁଙ୍କ ଆଦେଶକୁ ଖଣ୍ଡନ କରିବା ବୋଲି କହିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ।



ସ୍ଥାନୀୟ ଟାଉନ ହଲ୍‌ରେ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡ ୱାଇଡ୍ ପକ୍ଷରୁ ଅନୁଷ୍ଠିତ ତ୍ରିଦିବସୀୟ ତୃତୀୟ 'ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ'ର ରବିବାର ଉଦ୍‌ଯାପନୀ ଅବସରରେ ଗଜପତି ମହାରାଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ମହାପ୍ରଭୁ ମହର୍ଷି ବେଦବ୍ୟାସଙ୍କ ମାଧ୍ୟମରେ ରଥଯାତ୍ରା ତିଥି ନିଜେ ସ୍ଥିର କରିଛନ୍ତି। ଅଦିନିଆ ରଥଯାତ୍ରାକୁ ବନ୍ଦ କରିବା ଦିଗରେ ବିଦେଶରେ ରହୁଥିବା ଓଡ଼ିଆମାନେ ପ୍ରୟାସ କରନ୍ତୁ। ଏହା କରା ନଗଲେ, ଜଗନ୍ନାଥ ସଂସ୍କୃତି, ପରମ୍ପରା ବିକୃତ ହେବା ସହ ନଷ୍ଟ ହୋଇଯିବ। ଏହା ଆଗାମୀ ପିଢ଼ି ପାଇଁ ବଡ଼ ବିପଦ। ଅଦିନିଆ ରଥଯାତ୍ରାକୁ ରୋକ୍ ଲଗାଇବା ପାଇଁ ପ୍ରବାସୀ ଓଡ଼ିଆମାନେ ଦାୟିତ୍ୱ ନିଅନ୍ତୁ ବୋଲି ଗଜପତି ମହାରାଜା ଆହ୍ୱାନ ଦେଇଛନ୍ତି।

ଶ୍ରୀଜଗନ୍ନାଥ ଧାମ ପ୍ରସଙ୍ଗରେ ଗଜପତି କହିଥିଲେ, ସ୍ୱୟଂ ପରମବ୍ରହ୍ମ ଶ୍ରୀକ୍ଷେତ୍ରରେ ବିରାଜମାନ କରିଛନ୍ତି। ମହାପ୍ରଭୁଙ୍କର ଏହା ମୂଳ ପୀଠ। ତେଣୁ ଏହାକୁ ଧାମ କୁହାଯାଇଛି। ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଯେଉଁ ଲୀଳା କରିଛନ୍ତି, ଦୀଘାରେ କ'ଣ ସେହି ଲୀଳା କରୁଛନ୍ତି କି? ତେଣୁ ଦୀଘାକୁ ଧାମ କୁହାଯାଇପାରିବ ନାହିଁ। ସାରା ବିଶ୍ୱରେ ଯେଉଁଠି ଜଗନ୍ନାଥ ମନ୍ଦିର ରହିଛି ତାହାକୁ ଆମେ ଧାମ କହିପାରିବା ନାହିଁ। ପ୍ରତ୍ୟେକ ଧର୍ମରେ ମୂଳପୀଠର ସ୍ୱତନ୍ତ୍ର ସ୍ଥାନ ଥାଏ। ଆମେ ଖାଲି ବାହାରେ ମହାପ୍ରଭୁଙ୍କ ନାମ ନେଲେ ଚଳିବ ନାହିଁ। ନିଜ ମନର ମଳିକୁ ଗୀତା, ଭାଗବତ ମାଧ୍ୟମରେ ସଫା କରି ମହାପ୍ରଭୁଙ୍କ ତତ୍ତ୍ୱ ବିଷୟରେ ଜାଣି ଏହାର ବହୁଳ ପ୍ରଚାର କରିବାକୁ ପଡ଼ିବ ବୋଲି ଗଜପତି ମହାରାଜା ଆହ୍ୱାନ ଦେଇଛନ୍ତି। ସନ୍ଥ ମାଧବାନନ୍ଦ ସରସ୍ୱତୀ କହିଛନ୍ତି, ଜନ୍ମାଷ୍ଟମୀ ଓ ଶ୍ରୀରାମ ନବମୀ ଯଦି ନିର୍ଦ୍ଦିଷ୍ଟ ତିଥିରେ ପାଳନ ହେଉଛି, ତେବେ ମହାପ୍ରଭୁଙ୍କ ରଥଯାତ୍ରା ଅଦିନରେ କାହିଁକି? ଜଗନ୍ନାଥ ତତ୍ତ୍ୱକୁ ବୁଝି ଆମକୁ ଆମ ଶ୍ରୀଜଗନ୍ନାଥ ସଂସ୍କୃତି ପାଇଁ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ। ମହନ୍ତ ରାମଚରଣ ଦାସ କହିଛନ୍ତି, ଏ ଧାମ ମହାପ୍ରଭୁଙ୍କ ଶରୀର।

### 'ଦୀଘାକୁ ଧାମ କୁହାଯାଇପାରିବ ନାହିଁ'

ଏଠି ଚାଲିଲେ ପରିକ୍ରମା। ଏଠି ଶୋଇଲେ ସମାଧି। ଏଠି ବେତ ମାଡ଼ ଖାଇବାକୁ ବି ଭକ୍ତ ପଇସା ଦିଅନ୍ତି। ଶ୍ରୀମନ୍ଦିର, ଶ୍ରୀନୀଳଚକ୍ରକୁ ଚାହିଁଦେଲେ ମୁକ୍ତି। ତେଣୁ, ଏହି ଧାମ ଅତୁଳନୀୟ ଓ ଅଦ୍ୱିତୀୟ ବୋଲି ସେ କହିଛନ୍ତି।

ଆମେରିକାରୁ ଆସିଥିବା ଚିକିତ୍ସକ ଡ. ପଞ୍ଚାନନ ଶତପଥୀ, ଦୁବାଇରୁ ଆସିଥିବା ହିମାଂଶୁ ମହାପାତ୍ର କହିଥିଲେ, ଶ୍ରୀକ୍ଷେତ୍ର ବ୍ୟତିରେକ ଅନ୍ୟ କ୍ଷେତ୍ରକୁ ଜଗନ୍ନାଥ ଧାମ କହିବା ଅଜ୍ଞତା। ମହାପ୍ରଭୁ ହିଁ ଆମ ମାଧ୍ୟମରେ ଏହି ଅଜ୍ଞାନ ସେମାନଙ୍କର ଦୂର କରନ୍ତୁ। ଅନୁଷ୍ଠାନର ଟ୍ରଷ୍ଟି ଡ. ହରପ୍ରସନ୍ନ ଦାସ, ଭଗବାନ ପଣ୍ଡା, ସଂଗ୍ରାମ କେଶରୀ ପଟ୍ଟନାୟକ, ମନୋଜ କୁମାର ପାତ୍ର, ରମେଶ ଚନ୍ଦ୍ର ବିଶ୍ୱାଳ, ସୁକାନ୍ତ କୁମାର ସାହୁ, ସ୍ୱାତୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବେଶ୍ୱର ବୈଠାରୁ ସଂଗୀତ ପରିବେଷଣ କରିଥିଲେ। ଡ. ଗୁରୁପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଜମିବାଡ଼ିକୁ ନେଇ ବିବାଦ

# ଦାଦାର ଶାବଳ ମାଡ଼ରେ ପୁତୁରା ମୃତ

କେନ୍ଦ୍ରାପଡ଼ା, ୪।୧(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚକ୍ରୋଡ଼ା ପଞ୍ଚାୟତର ନରିଲୋ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଛି। ଦାଦାର ଶାବଳ ମାଡ଼ରେ ପୁତୁରାର ମୃତ୍ୟୁ ଘଟିଛି। ମୃତକ ହେଲେ, ଉପେନ୍ଦ୍ର ଓଝା ଓରଫ୍ ପିନୁ। ଏହି ଘଟଣାରେ ଉପେନ୍ଦ୍ରଙ୍କ ବାପା ସରୋଜକାନ୍ତ ଓଝା ଓ ମା' ସଂଯୁକ୍ତା ଓଝା ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଉପେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପୁଲିସ ନଂ ୭/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଉମାକାନ୍ତ ଓଝା (୨୫) ଓ ପ୍ରଣତି ଓଝା (୪୮)ଙ୍କୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ରାଜକିଶୋର ଓଝାଙ୍କୁ ପୁଲିସ୍ ପଚରାଉଚରା ଜାରି ରଖିଥିବା ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।



ସୂଚନା ମୁତାବକ, ସରୋଜ ଓ ତାଙ୍କ ସାନ ଭାଇ ରାଜକିଶୋର ମଧ୍ୟରେ ଦୀର୍ଘ ଦିନ ଧରି ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ସରୋଜକାନ୍ତ ନୂଆ ଘର ତିଆରି କରୁଥିବାରୁ ବିବାଦ ଉଗ୍ରରୂପ ନେଇଥିଲା। ଶନିବାର ରାତିରେ ବିବାଦ ସମାଧାନ ଉଦ୍ଦେଶ୍ୟରେ ଗ୍ରାମର କିଛି ଭଦ୍ରଲୋକଙ୍କ ଉପସ୍ଥିତିରେ ଲକ୍ଷ୍ମୀନାରାୟଣ ମଣ୍ଡପରେ ବୈଠକ ବସିଥିଲା। କିନ୍ତୁ ସଭାର ନିଷ୍ପତ୍ତିକୁ ମାନିବାକୁ ଅସ୍ୱୀକାର କରି ରାଜକିଶୋର ଉଠି ଚାଲିଯାଇଥିଲେ। ପରେ ରାଜକିଶୋର, ପତ୍ନୀ ପ୍ରଣତି, ପୁଅ ଉମାକାନ୍ତ ଓରଫ୍ ଲିପୁନି ଓ ଝିଅ ତପିନା କଟୁରି, ଭୁଜାଲି, ଶାବଳ ଓ ଲୁହାରଡ୍ ଧରି ସରୋଜଙ୍କ ନିର୍ମାଣାଧୀନ ଘରକୁ ଭାଙ୍ଗିବା ସହ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାକୁ ନଷ୍ଟ କରିଦେଇଥିଲେ। ଖବର ପାଇ ସରୋଜ, ପତ୍ନୀ ସଂଯୁକ୍ତା ଓ ପୁଅ ଉପେନ୍ଦ୍ର ପହଞ୍ଚି ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ସେମାନଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ତିନିଜଣଯାକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ି ଚିତ୍କାର କରିଥିଲେ। ଗ୍ରାମବାସୀ ଘଟଣାସ୍ଥଳକୁ ଧାଇଁ ଆସିବାରୁ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇଥିଲେ।

ଗ୍ରାମବାସୀଙ୍କଠାରୁ ଖବର ପାଇ ପୁଲିସ ସେଠାରେ ପହଞ୍ଚିଥିଲା। ତିନିଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ମୃତ ଉପେନ୍ଦ୍ରଙ୍କ ପତ୍ନୀ ସୁଷମା ଓଝାଙ୍କ ଏତଲା ଆଧାରରେ କେନ୍ଦ୍ରାପଡ଼ା ସଦର ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି।

# ପ୍ରଦୂଷଣ ରୋକିବ ଗୋବର: ମନ୍ତ୍ରୀ

ଭୁବନେଶ୍ୱର, ୪।୧(ସମିସ): ପ୍ରଦୂଷଣ ରୋକିବ ଗାଈ ଗୋବର। ଗୋବର କାଠର ବହୁଳ ବ୍ୟବହାର କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏହାଦ୍ୱାରା ପ୍ରଦୂଷଣରେ ରୋକ୍ ଲଗାଇବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଶବ ଦାହ ପାଇଁ ଗୋବର କାଠ ବ୍ୟବହାର କରାଯାଉଛି। ନୂଆପଡ଼ା, ଚୌଦ୍ୱାର, ଅନୁଗୋଳ ଓ ସତୀଚଉରା ଶ୍ମଶାନରେ ଗୋବରରେ ଶବଦାହ କରାଯାଉଛି। ପୁରୀ ସ୍ୱର୍ଗଦ୍ୱାରରେ ଗୋବର କାଠ ବ୍ୟବହାର ନେଇ ଆଲୋଚନା ହୋଇଛି। ଅପରପକ୍ଷେ, ଏହାଦ୍ୱାରା ଆଉ ଗଛ ମଧ୍ୟ କାଟିବାକୁ ପଡ଼ିବ ନାହିଁ। ସାଧାରଣତଃ ଶବଦାହ ପାଇଁ ଲୋକେ ଗଛ ଉପରେ ନିର୍ଭରଶୀଳ। କିନ୍ତୁ ଗୋବର କାଠର ବ୍ୟବହାର ଦ୍ୱାରା ଗଛ କାଟିବା ବନ୍ଦ ହେବା ସହ ଜଙ୍ଗଲ ସଂରକ୍ଷଣ ମଧ୍ୟ ହୋଇପାରିବ। ଗୋବର ଆମର ଧାର୍ମିକ ଭାବନା ସହିତ ଜଡ଼ିତ। କମ ବ୍ୟୟରେ ଏହାକୁ ଉପଯୋଗ କରିହେବ। ଆଗକୁ ଏହାର ଆହୁରି ପ୍ରଚାରପ୍ରସାର ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି। ଏହାବ୍ୟତୀତ, ରାଜ୍ୟରେ ବର୍ତ୍ତମାନ ଏମ୍‌ଏସ୍‌ଏମ୍‌ଇରେ ଦୁଇଜଣ ଉଦ୍ୟୋଗୀ ଗୋବରରୁ ରଙ୍ଗ ତିଆରି କରୁଛନ୍ତି। ଏହାର ଆଦୃତ ବଢ଼ିଚାଲିଥିବା ନେଇ ମନ୍ତ୍ରୀ କହିଛନ୍ତି।

ପୀତବାସ ପଣ୍ଡା ହତ୍ୟା ମାମଲା

# କୋର୍ଟରେ ୧୬୬୭ ପୃଷ୍ଠାର ଚାର୍ଜସିଟ୍ ଦାଖଲ

ବ୍ରହ୍ମପୁର, ୪।୧ (ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୁଲିସ ନିର୍ଦ୍ଧାରିତ ସମୟ ପୂର୍ବରୁ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି। ମାମଲାର ତଦନ୍ତ ଜାରି ରହିଥିବା କାରଣରୁ ପୁଲିସ ପକ୍ଷରୁ ତଥା ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ମାମଲାରେ ଏହି ପ୍ରାଥମିକ ଚାର୍ଜସିଟ୍ ଦାଖଲ କରାଯାଇଥିବା ଜଣାପଡ଼ିଛି। ପରବର୍ତ୍ତୀ ତଦନ୍ତ ପରେ ଫାଇନାଲ୍ ଚାର୍ଜସିଟ୍ ଦାଖଲ କରାଯିବ ବୋଲି କହିଛନ୍ତି ଟାଉନ୍ ଏସଡିପିଓ ତଥା ତଦନ୍ତକାରୀ ଅଧିକାରୀ ପ୍ରିୟସ ରଂଜନ ଛୋଟରାୟ। କରାଯାଇଥିବା ଜଣାପଡ଼ିଛି। ସେଥିମଧ୍ୟରେ ସରକାରୀ ପିପିଙ୍କ କପି ସହିତ ୧୬ଜଣ ଅଭିଯୁକ୍ତଙ୍କ କପି, ୫ଶହ ପୃଷ୍ଠା ବିଶିଷ୍ଟ କେସ୍ ଡାଏରୀ ବା ସିଡି, ବିଭିନ୍ନ ଅଭିଯୁକ୍ତଙ୍କ ସିଡିଆର ବା କଲ୍ ଡିଟେଲ ରେକର୍ଡ, ସିଜର ଲିଷ୍ଟ ସହିତ ୧୨୨ ସାକ୍ଷୀମାନଙ୍କ ବୟାନକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏତେ ସଂଖ୍ୟାରେ ତଥ୍ୟକୁ ପ୍ରସ୍ତୁତ କରିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଭାବେ ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ନୂତନ ପ୍ରିଣ୍ଟର ଓ ଜେରକ୍ସ' ମେସିନ କିଣାଯାଇଥିବା ଜଣାପଡ଼ିଛି।

- ସଂଲଗ୍ନ ହୋଇଛି ଅଧିକ ୨୮ ହଜାରରୁ ଅଧିକ ପୃଷ୍ଠାର ନଥିପତ୍ର
- କଡ଼ା ସୁରକ୍ଷା ମଧ୍ୟରେ ୨ଟି ଟ୍ରଙ୍କରେ କୋର୍ଟରେ ଦାଖଲ କଲେ ତଦନ୍ତ ଅଧିକାରୀ
- ଚାର୍ଜସିଟ୍ ପ୍ରସ୍ତୁତ ପାଇଁ କିଣାଯାଇଛି ଦେଢ଼ଲକ୍ଷ ଟଙ୍କାର ପ୍ରିଣ୍ଟର ଓ ଜେରକ୍ସ ମେସିନ

ଏହି ଘଟଣାରେ ପୁଲିସ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର୍ ପିଣ୍ଟୁ ଦାଶଙ୍କ ସମେତ ମୋଟ ୧୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଭାରତୀୟ ନ୍ୟାୟ ସଂହିତାର ନିୟମ ପ୍ରକାରେ ଅଭିଯୁକ୍ତଙ୍କୁ ଗିରଫ କରିବାର ୯୦ଦିନ ମଧ୍ୟରେ ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବା ଜରୁରୀ।



ଜାନୁଆରୀ ୧୮ରେ ୯୦ ଦିନ ପୂର୍ତ୍ତି ହେଉଥିବା ବେଳେ ପୁଲିସ ତାହା ପୂର୍ବରୁ ଚାର୍ଜସିଟ୍ ଦାଖଲ କରିଛି। ରବିବାର ଅପରାହ୍ଣ ପ୍ରାୟ ୪ଟାରେ ୪ଟି ଗାଡ଼ିରେ କଡ଼ା ସୁରକ୍ଷା ମଧ୍ୟରେ ଟାଉନ୍ ଏସ୍‌ଡିପିଓ, ଜଣେ ଡିଏସପି ଓ ଦୁଇଜଣ ବରିଷ୍ଠ ଇନ୍ସପେକ୍ଟର୍‌ଙ୍କ ଉପସ୍ଥିତିରେ ପ୍ରାଥମିକ ଚାର୍ଜସିଟ୍‌କୁ ସିଏସଆଇଙ୍କ ନିକଟରେ ଦାଖଲ କରାଯାଇଥିଲା। ଏହାକୁ ଆସନ୍ତାକାଲି ଅର୍ଥାତ୍ ୫ତାରିଖରେ ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ଦାଖଲ କରାଯିବ।

ପୁଲିସ ପକ୍ଷରୁ ଦାଖଲ ହୋଇଥିବା ଏହି ପ୍ରାଥମିକ ଚାର୍ଜସିଟ ପ୍ରାୟ ୧୬୬୭ ପୃଷ୍ଠା ସମ୍ବଳିତ ହୋଇଥିବା ବେଳେ ଏଥିରେ ପ୍ରାୟ ୨୮ ହଜାର ପୃଷ୍ଠାର ଡକ୍ୟୁମେଣ୍ଟ ବା ନଥିପତ୍ରକୁ ସଂଲଗ୍ନ

ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ବିକ୍ରମ ପଣ୍ଡାଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି, ବ୍ରହ୍ମପୁରରେ ଯଦିଓ ପୂର୍ବରୁ ଅନେକ ଚର୍ଚ୍ଚିତ ମାମଲା ହୋଇଛି ତେବେ ଏଭଳି ଚାର୍ଜସିଟ୍ କେବେ ଦେଖିବାକୁ ମିଳିନଥିଲା। ବର୍ତ୍ତମାନ ପୁଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ କେବଳ କୋର୍ଟକୁ ବିଭ୍ରାନ୍ତ କରିବା ଓ ମାମଲାକୁ ଗଡ଼ାଇବା ବ୍ୟତୀତ ଅନ୍ୟ କିଛି ନୁହେଁ। ମାମଲାର ବିଚାରଣା ବେଳେ ପୁଲିସକୁ ପ୍ରମାଣିତ କରିବା କଷ୍ଟକର ବ୍ୟାପାର ହେବ। ସେପଟେ ମାମଲାରେ ସରକାରଙ୍କ ପକ୍ଷରୁ ନିଯୁକ୍ତ ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ମଧ୍ୟ ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ମାମଲାରେ ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ ଚଳାଇଛି। ୧୬ଜଣ ଅଭିଯୁକ୍ତ ଓ ବହୁ ସାକ୍ଷୀ ରହିଥିବାରୁ ସବୁ ତଥ୍ୟ ଓ ପ୍ରମାଣକୁ ସଂଗ୍ରହ କରି ଏହି ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି। ତଦନ୍ତ ଶେଷ ପରେ ପରବର୍ତ୍ତୀ ବା ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିବ। ଚାର୍ଜସିଟ ଦାଖଲ ପରେ ମାମଲାର ବିଚାରଣା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି।



ଗୋଧୂଳି ବେଳାର ବେଳାଭୂମି ମାର୍ଗ (ଫଟୋ-ଅନିଲ, ପୁରୀ)

ମରିଗଲା ମାନବିକତା

# ମୃତଦେହ ସଂସ୍କାର ପାଇଁ ମନାକଲେ ପଡ଼ୋଶୀ

ବିଞ୍ଝାରପୁର, ୪।୧(ସମିସ): ବିଞ୍ଝାରପୁର ଅଞ୍ଚଳରେ ଜମିବାଡି ବିବାଦ ଯୋଗୁଁ ହଜିଗଲା ମାନବିକତା। ମୃତ୍ୟୁର ପ୍ରାୟ ଚବିଶ ଘଣ୍ଟାରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଶ୍ମଶାନକୁ ସଂସ୍କାର ପାଇଁ ଛାଡ଼ିଲେନି ପଡୋଶୀ। ଯାହାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ ମୃତକଙ୍କ ପରିବାର ଲୋକେ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଶାସନ୍ଦା ପଞ୍ଚାୟତରେ। ସୂଚନା ଅନୁଯାୟୀ ଶାସନ୍ଦା ଗ୍ରାମର ସେକ୍ ଅବଦୁଲ ରସିଦଙ୍କ ମା'ଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ମୃତଦେହକୁ କବର ଦେବା ପାଇଁ କବରସ୍ଥାନକୁ ନେବା ପାଇଁ ପରିବାର ଲୋକେ ପ୍ରସ୍ତୁତି ହେଉଥିଲେ। କିନ୍ତୁ ସେହି ଗ୍ରାମର କିଛି ଲୋକ ଏହାକୁ ବାରଣ କରିଥିଲେ। କାରଣ ପୂର୍ବରୁ ଉଭୟଙ୍କ ମଧ୍ୟରେ ଜମିଜମାକୁ ନେଇ କିଛି ବିବାଦ ଲାଗିରହିଥିଲା। ତେଣୁ ସମସ୍ୟାର ସମାଧାନ ପାଇଁ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରିବା ପରେ ସକାଳୁ ସକାଳୁ ବିଞ୍ଝାରପୁର ଥାନାରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବିଞ୍ଝାରପୁର ପୁଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା କିଛି ସୁଫଳ ମିଳିନଥିଲା। ଶେଷରେ ମୃତ୍ୟୁର ପ୍ରାୟ ତିରିଶ ଘଣ୍ଟା ପରେ ପରିବାର ଲୋକେ ନିଜ ଜାଗାରେ ମୃତଶରୀରକୁ କବର ଦେଇଥିଲେ। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ କବର ସ୍ଥାନଟି ଜଣଙ୍କ ବ୍ୟକ୍ତିଗତ ଜାଗା ହୋଇଥିବାରୁ ସେ ଏହି ବ୍ୟକ୍ତିଙ୍କୁ ସେ ସ୍ଥାନରେ କବର ଦେବାକୁ ବାରଣ କରିଥିଲେ।

ରାଇରଙ୍ଗପୁର ଉପଖଣ୍ଡ ହସ୍‌ପିଟାଲ

# ଉଦ୍‌ଘାଟନର ୨ ବର୍ଷ ପରେ ଜରାଜୀର୍ଣ୍ଣ କୋଠା

ରାଇରଙ୍ଗପୁର, ୪।୧ (ସମିସ): ଆଦିବାସୀ ବହୁଳ ରାଇରଙ୍ଗପୁରସ୍ଥିତ ଉପଖଣ୍ଡ ହସ୍ପିଟାଲରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସହ ସରକାରୀ କୋଠା ଅବସ୍ଥା ମଧ୍ୟ ଶୋଚନୀୟ ହେବାରେ ଲାଗିଛି। ଉଦ୍‌ଘାଟନକୁ ୨ ବର୍ଷ ବିତିଥିବା କେଉଁଠି କାନ୍ଥରେ ପାଣି ଜମୁଛି ତ କେଉଁଠି ଶିଉଳି ଲାଗି ଗଛ ଉଠିଲାଣି। ରକ୍ଷଣାବେକ୍ଷଣ ଅଭାବରୁ ସରକାରୀ ତହବିଲର କୋଟି କୋଟି ଟଙ୍କା ପାଣିରେ ପଡ଼ିଲା ବୋଲି ଅଭିଯୋଗ ହେଉଛି।

ରାଇରଙ୍ଗପୁରବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଉପଖଣ୍ଡ ହସ୍ପିଟାଲରେ ତତ୍କାଳୀନ

- କାନ୍ଥରେ ଜମୁଛି ପାଣି, ଉଠିଲାଣି ଗଛ
- ପାଣିରେ ପଡ଼ିଲା ସରକାରଙ୍କ କୋଟି କୋଟି ଟଙ୍କା

ସରକାର ସମୟରେ ନୂତନ କରି ୧୦୦ ଶଯ୍ୟା ବିଶିଷ୍ଟ ବିଲ୍ଡିଂ ନିର୍ମାଣ କରାଯାଇଥିଲା। ୨ ବର୍ଷ ମଧ୍ୟରେ ହେବ ଲୋକାର୍ପଣ ହୋଇ କାର୍ଯ୍ୟକ୍ଷମ ହୋଇଛି। ଉକ୍ତ କୋଠାରେ ସାଧାରଣ ରୋଗୀ ଚିକିତ୍ସା ସମେତ ପ୍ରସୂତି ଓ ଶିଶୁ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। କାର୍ଯ୍ୟକ୍ଷମ ହେବା ପରେ ରକ୍ଷଣାବେକ୍ଷଣ ନେଇ ସରକାରୀ ସ୍ତରରେ କୋଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ କିମ୍ବା ଠିକା ସଂସ୍ଥା ତିଳେ ହେଲେ ମନ ଦେଉନାହାନ୍ତି। ଫଳରେ ଉକ୍ତ କୋଠା କାନ୍ଥରେ ପାଣି ଜମି ରହୁଛି। ଏମିତିକି ଶୌଚାଳୟ ପାଇପ ଫାଟି ସବୁବେଳେ ପାଣି ନିର୍ଗତ ହେବାରେ ଲାଗିଛି। ଶୌଚାଳୟ ଆବର୍ଜନା ପାଣି ଜମିବାରୁ ହସ୍ପିଟାଲ ପରିସରରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଯଦ୍ୱାରା ମଶା, ମାଛି ଆଦି ବଂଶ ବିସ୍ତାର ହୋଇ ରୋଗୀ ଓ ସ୍ଥାନୀୟ ଲୋକଙ୍କୁ ସଂକ୍ରମିତ କରୁଛି। ରକ୍ଷଣାବେକ୍ଷଣ ଅଭାବରୁ କାନ୍ଥ ଚାରିଆଡ଼େ ଅନାବନା ଘାସରେ ଭର୍ତ୍ତି ହୋଇଛି। ଅନେକ ସ୍ଥାନରେ ପ୍ଲାଷ୍ଟର ଛାଡ଼ି ଯାଇଛି। ବାହାର ଅବସ୍ଥା ଏଭଳି ଥିବା ବେଳେ ଭିତର ଅବସ୍ଥା କ'ଣ ଥିବ,



ତାହା ସହଜରେ ଅନୁମାନ କରାଯାଇପାରିବ। ଉକ୍ତ କୋଠାଟି ନିର୍ମାଣର ୨ ବର୍ଷରେ ଏପରି ଅବସ୍ଥା ହେବା ନିର୍ମାଣ କାର୍ଯ୍ୟର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରୋଗୀଙ୍କ ଚିକିତ୍ସା ପାଇଁ ଥିବା ସରକାରୀ କୋଠାର ଏଭଳି ଅବସ୍ଥା ନେଇ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ଏହାର ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗ କରିବାକୁ ଥିବା ବେଳେ ଅନୁଦାନ ଅଭାବରୁ ନିର୍ମାଣ ହୋଇପାରୁନାହିଁ।

# ଜବାହର ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍

## କର୍ମଚାରୀଙ୍କ ସମେତ ୩-୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ଖୋର୍ଦ୍ଧା, ୪।୧(ସମିସ): ଖୋର୍ଦ୍ଧା ପୌରପରିଷଦ ଅଧୀନ ଗୁରୁଜଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ବ୍ୟାପୁଛି ଜଣ୍ଡିସ୍। ବିଦ୍ୟାଳୟରେ ଶତାଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଛନ୍ତି। ୩ ଦିନ ହେଲା ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ଜଣେ କର୍ମଚାରୀଙ୍କ ସମେତ ୩୫ରୁ ୪୦ଜଣ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ପିଲାଙ୍କୁ ଘରକୁ ପଠାଇ ଦିଆଯାଇଥିବା ସ୍କୁଲ ପକ୍ଷରୁ କୁହାଯାଇଛି। ଅପରପକ୍ଷେ, ଜଣ୍ଡିସ୍ ଯୋଗୁଁ ଛାତ୍ରଛାତ୍ରୀ ଓ ଅଭିଭାବକ ଭୟଭୀତ ହୋଇପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ହଷ୍ଟେଲ ଛାଡ଼ିସାରିଲେଣି ବୋଲି ବିଦ୍ୟାଳୟ ଉପାଧ୍ୟକ୍ଷ ନୃସିଂହନାଥ ଚକ୍ର ସୂଚନା ଦେଇଛନ୍ତି। ସେହିପରି ପିଲାମାନେ ବ୍ୟବହାର କରୁଥିବା ପାଣିର ନମୁନା ପରୀକ୍ଷଣ ପାଇଁ ଭୁବନେଶ୍ୱର ଗବେଷଣାଗାରକୁ ପଠାଯାଇଛି।

ସେପଟେ, ଦୂଷିତ ପାଣି ବ୍ୟବହାର ଏବଂ ସ୍କୁଲ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋବୃତ୍ତି ଯୋଗୁ ଜଣ୍ଡିସ୍ ବ୍ୟାପିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଆଗକୁ ବାର୍ଷିକ ପରୀକ୍ଷା ରହିଥିବାରୁ ଏଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଏବେ ଚିନ୍ତାରେ ପଡ଼ିଛନ୍ତି।

ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ୫୭୦ ଛାତ୍ରଛାତ୍ରୀ ହଷ୍ଟେଲରେ

- ହଷ୍ଟେଲ ଛାଡ଼ିଲେଣି ୧୭୦ରୁ ଅଧିକ ଛାତ୍ରଛାତ୍ରୀ
- ପରୀକ୍ଷଣ ପାଇଁ ଲାବୋରେଟୋରୀ ଗଲା ପାଣି ନମୁନା



ରହି ପଢୁଛନ୍ତି। ଗତ କିଛି ଦିନ ହେଲା ପିଲାଙ୍କ ଦେହ ଖରାପ ହେଉଥିଲା। ରବିବାର ୨୦ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ହୋଇ ଫେରିବା ପରେ ଘଟଣା ଜଣାପଡ଼ିଛି। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କ ପରିବାରଲୋକଙ୍କୁ ଡକାଇ ଘରକୁ ପଠାଇବା ବ୍ୟବସ୍ଥା କରିଛନ୍ତି। ଦୂଷିତ ପାନୀୟଜଳ ବ୍ୟବହାରରୁ ଯୋଗୁଁ ପିଲାଙ୍କୁ ଜଣ୍ଡିସ ଆକ୍ରାନ୍ତ ହୋଇଥିବା କିଛି ଅଭିଭାବକ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଆଜି ଜଣଙ୍କ ପରେ ଜଣେ ଅଭିଭାବକ ତାଙ୍କ ପିଲାଙ୍କୁ ଘରକୁ ନେଉଥିବା ବେଳେ ୧୭୦ରୁ ଉର୍ଦ୍ଧ୍ୱ ପିଲା ଆଜି ତାଙ୍କ ଅଭିଭାବକଙ୍କ ସହ ଘରକୁ ପଳାଇଥିବା ଜଣାଯାଇଛି।

ଏ ସମ୍ପର୍କରେ ଉପାଧ୍ୟକ୍ଷ ଶ୍ରୀ ଚକ୍ର କହିଛନ୍ତି, ଗତ ଛୁଟିରେ ପିଲାମାନେ ଘରକୁ ଯାଇ ଫେରିଥିଲେ। ସେଥିରୁ ଜଣଙ୍କ ଦେହ ଖରାପ ଥିଲା। ପରୀକ୍ଷା ପରେ ତାଙ୍କ ପାଖରେ ଜଣ୍ଡିସ୍ ଲକ୍ଷଣ ଦେଖାଦେଇଥିଲା। ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କିଛି ଛାତ୍ରଛାତ୍ରୀ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏଥିସହିତ ପିଲାଙ୍କୁ ପରିବେଶ ସ୍ୱଚ୍ଛତା ଉପରେ ସଚେତନ କରାଯାଉଛି। ଆସନ୍ତାକାଲିଠାରୁ ପିଲାଙ୍କ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ପିଲାଙ୍କୁ ଅବହେଳା କରାଯାଉଥିବା କଥାକୁ ଅସ୍ୱୀକାର କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଧ୍ୟାନ ଦିଆଯାଉଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ପରିସରକୁ ଏକ ସ୍ୱାସ୍ଥ୍ୟ ଟିମ୍ ପଠାଇ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଲାଗି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯାଇଥିବା ଜେଏନ୍‌ଭିର ସ୍ୱାସ୍ଥ୍ୟକର୍ମୀ ଶାନ୍ତିଲତା ବସ୍ତିଆ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ଧୈର୍ଯ୍ୟର ସହ କାମ କରନ୍ତୁ । ଅଚାନକ ଖୁସି ଖବର ପାଇବେ । ମାନସମ୍ମାନ ବୃଦ୍ଧି ପାଇବ ।

**ବୃଷ:** ଅଟକି ଥିବା କାମ ପୂରା ହେବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବିଦେଶ ଯାତ୍ରା କରିପାରନ୍ତି । ବ୍ୟୟ ଅଧିକ ହେବ । ଆଇଟି କର୍ମଚାରୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ ।

**ମିଥୁନ:** ସୁସମ୍ବାଦ ମିଳିପାରେ । ଧନପ୍ରାପ୍ତି ଯୋଗ ରହିଛି । ପ୍ରତ୍ୟେକ କ୍ଷେତ୍ରରେ ମାନସମ୍ମାନ ଓ ପ୍ରଶଂସିତ ହେବେ । ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ । ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ । ଅତିଥି ସତ୍କାର କରିପାରନ୍ତି । ଗୁରୁଜନଙ୍କ ପରାମର୍ଶ ମାନି ଚାଲିବା ଭଲ ।

**ସିଂହ:** କାମଚାପ ଅଧିକ ରହିବ । ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ । କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି । ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ପ୍ରେମ ବ୍ୟାପାରରେ ସଫଳ ହେବେ ।

**ତୁଳା:** ଘର ମାହୋଲ ଶାନ୍ତିପୂର୍ଣ୍ଣ ରହିବ । କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି । ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ । ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ଦରକାର । ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ । ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ । ଘର କାମରେ ବ୍ୟସ୍ତ ରହିପାରନ୍ତି ।

**ଧନୁ:** ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ । ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ । ଶତ୍ରୁଠାରୁ ଦୂରେଇ ରହିବା ଭଲ ।

**ମକର:** ଟଙ୍କା ନେଣଦେଣ କାର୍ଯ୍ୟରେ ଅନ୍ୟ ଉପରେ ଅଧିକ ଭରସା କରନ୍ତୁନି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ । ମନକୁ ଆୟତ୍ତରେ ରଖିବା ଭଲ । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ । ହାତେ ମାପି ଚାଖଣ୍ଡେ ଚାଲିବା ଭଲ ।

**ମୀନ:** କର୍ମକ୍ଷେତ୍ରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ । ପ୍ରେମ ବ୍ୟାପାରରେ ଦିନଟି ଭଲରେ ବିତିବ । ବୈବାହିକ ଜୀବନ ସୁଖମୟ ହେବ ।

## ଆଜିର ଇତିହାସ

- ୧୭୩୧- ମସ୍କୋ ସହରରେ ପ୍ରଥମ ଥର ଷ୍ଟ୍ରିଟ୍ ଲାଇଟ୍ ଜଳିଲା ।
- ୧୮୫୦-କାଲିଫର୍ଣ୍ଣିଆରେ ଷ୍ଟକ୍ ଏକ୍ସଚେଞ୍ଜର ଆରମ୍ଭ ହେଲା ।
- ୧୯୬୨- ଆମେରିକା କ୍ୟୁବାଠାରୁ ରାଜନୈତିକ ସମ୍ପର୍କ ଛିନ୍ନ କଲା ।
- ୧୯୭୨- ବାଂଲାଦେଶର ନେତା ଶେଖ ମୁଜିବୁର ରେହମାନ୍‌ଙ୍କୁ ନଜରବନ୍ଦୀରୁ ମୁକ୍ତ କରି ଦିଆଗଲା ।
- ୨୦୧୪- ଭାରତୀୟ ସଂସ୍ଥାର ଉପଗ୍ରହ ଜି-ସ୍ୟାଟ୍ ୧୪ ସଫଳତା ପୂର୍ବକ ତା'ର କକ୍ଷରେ ସ୍ଥାପିତ ହେଲା ।

## ଫ୍ୟାଟ୍ ଜେଲ୍

ଚୀନ୍‌ରେ ଏବେ ଏକ ନୂଆ ଟ୍ରେଣ୍ଡ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏଠାରେ ଫ୍ୟାଟ୍ ପ୍ରିଜନ ବା ଫ୍ୟାଟ୍ ଜେଲ୍ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଏହା ଏମିତି ଏକ ଜେଲ୍, ଯେଉଁଠାରେ ମୋଟା ଲୋକ ଓଜନ କମ୍ କରିବା ପାଇଁ କଡ଼ା ନିୟମ ପାଳନ କରି ଜେଲ୍ ଭଳି ଜୀବନ ଅତିବାହିତ କରନ୍ତି । ତେବେ ଏହି ଜେଲ୍‌ର ମୂଳ ଉଦ୍ଦେଶ୍ୟ ହେଉଛି ମୋଟା ଲୋକଙ୍କୁ ପତଳା କରାଇବା । ଏଠାରେ ଲୋକେ ପ୍ରତିଦିନ ୧୨ ଘଣ୍ଟା ବ୍ୟାୟାମ କରନ୍ତି । ସେହିପରି ଏହି ଜେଲ୍‌ରେ ରହିବା ପାଇଁ ଲୋକଙ୍କୁ ବହୁ ଟଙ୍କା ମଧ୍ୟ ଦେବାକୁ ପଡୁଛି । ଏଠାରେ ସେମାନଙ୍କୁ ଛୋଟ ବେଡ୍ ସହ ଦିନକୁ ତିନିଥର ଖାଇବାକୁ ଦିଆଯାଏ । ସାମାଜିକ ଗଣମାଧ୍ୟମରେ ଅନେକ ଇନ୍‌ଫ୍ଲୁଏନ୍‌ସର ଦାବି କରିଛନ୍ତି ଯେ, ଏହି କ୍ୟାମ୍ପରେ ରହି ସେମାନେ ପ୍ରତି ସପ୍ତାହରେ ୧୦ କିଲୋ ଓଜନ ହ୍ରାସ କରିଛନ୍ତି । ତେବେ ଏହା କଠୋର ହେଲେ ବି ଏହାକୁ ଫିଟ୍‌ନେସ୍‌ର ପ୍ରଭାବୀ ଉପାୟ ବୋଲି କେତେ ଜଣ କହିଛନ୍ତି । ସେହିପରି ଆଉ କିଛି ଜଣ ଏହାକୁ ମାନସିକ ଏବଂ ଶାରୀରିକ ଉତ୍ପୀଡ଼ନ ବୋଲି ବି କହୁଛନ୍ତି । ଏହି କ୍ୟାମ୍ପରେ ରହୁଥିବା ଲୋକଙ୍କ ଦିନଚର୍ଯ୍ୟା ସକାଳ ସାଢ଼େ ସାତଟାରୁ ଆରମ୍ଭ ହୁଏ । କ୍ୟାମ୍ପରେ ଥିବା ସମସ୍ତ ସଦସ୍ୟଙ୍କର ଏକାକାଳୀନ ଓଜନ ମପାଯାଏ । ଏହାପରେ ଏରୋବିକ୍ସ, ୱେଟ୍ ଟ୍ରେନିଂ, ହାଇ ଇଣ୍ଟେନ୍ସିଟି ୱାର୍କ ଆଉଟ୍ ଏବଂ ସ୍ପିନ୍ କ୍ଲାସ୍ କରାଯାଏ । ସନ୍ଧ୍ୟାରେ ପୁଣି ସେମାନଙ୍କର ଓଜନ ମପାଯାଏ । ଏହି ଜେଲ୍‌ର ଚାରିପାର୍ଶ୍ୱକୁ ଉଚ୍ଚ ବାଡ଼ ଏବଂ ତାଲାରେ ବନ୍ଦ କରାଯାଇଛି । ଏହା ପ୍ରତିସମୟରେ ମଧ୍ୟ ବନ୍ଦ ରହିଥାଏ । ତେବେ ଏହି ଜେଲ୍‌ରୁ ବାହାରକୁ ବାହାରିବା ଲାଗି ଲୋକଙ୍କୁ ଉଚିତ କାରଣ କହିବାକୁ ପଡ଼ିଥାଏ । କ୍ୟାମ୍ପର ଅଧିକାରୀମାନେ ଏଠାରେ ରହୁଥିବା ଲୋକଙ୍କ ଜିନିଷ ଯାଞ୍ଚ କରନ୍ତି । କେହି ଯଦି ଚିପ୍ସ, ମିଠା ଏବଂ ଓଜନ ବୃଦ୍ଧି କରୁଥିବା କିଛି ଖାଦ୍ୟ ଆଣନ୍ତି, ତାହାକୁ ରଖି ଦିଆଯାଏ । ବିଶେଷଜ୍ଞମାନଙ୍କ ମତରେ, ଚୀନ୍‌ରେ ଦ୍ରୁତ ଗତିରେ ବଢ଼ୁଥିବା ମୋଟାପା, ପରିବର୍ତ୍ତିତ ଜୀବନଶୈଳୀ ଏବଂ 'ପତଳା ଦେଖାଯିବା'ର ସାମାଜିକ ଚାପ ଏଭଳି ବ୍ୟବସାୟକୁ ପ୍ରୋତ୍ସାହିତ କରୁଛି । ଏଥିଯୋଗୁଁ ଓଜନ ହ୍ରାସ କରୁଥିବା ଉଦ୍ୟୋଗଗୁଡ଼ିକ କୋଟି କୋଟି ଟଙ୍କା ଆୟ କରୁଛନ୍ତି । କିଛି ଲୋକ ଏହି 'ଫ୍ୟାଟ୍ ଜେଲ'କୁ ଜୀବନ ପରିବର୍ତ୍ତନକାରୀ ଅଭିଜ୍ଞତା ବୋଲି କହୁଥିବା ବେଳେ ଅନେକ ଏହାକୁ ସ୍ୱାସ୍ଥ୍ୟ ପାଇଁ ବିପଦ ବୋଲି ବିବେଚନା କରୁଛନ୍ତି । ତେବେ ଫିଟନେସ୍ ନାଁରେ ଏପରି କଠୋରତା କେତେ ଦୂର ଯଥାର୍ଥ ବୋଲି ବି ଅନେକେ କହିଛନ୍ତି । ସେହିପରି ଆଉ କେତେ ଜଣ ଏହା ଏକ ନୂତନ ପ୍ରକାରର ଶୋଷଣ ବୋଲି କହୁଛନ୍ତି ।





## ଜାତୀୟ ପକ୍ଷୀ ଦିବସ

ପ୍ରତିବର୍ଷ ଜାନୁଆରି ୫ ତାରିଖକୁ 'ଜାତୀୟ ପକ୍ଷୀ ଦିବସ' ଭାବେ ପାଳନ କରାଯାଏ । ଭାରତୀୟ ସଂସ୍କୃତି ଓ ଜନଜୀବନରେ ପକ୍ଷୀର ସ୍ଥାନ ସ୍ୱତନ୍ତ୍ର । ବେଦ, ପୁରାଣଠାରୁ ଆରମ୍ଭ କରି ଆଧୁନିକ ସାହିତ୍ୟରେ ସବୁଠି ପକ୍ଷୀ ସମ୍ପର୍କରେ ବର୍ଣ୍ଣନା ରହିଛି । ସାରା ବିଶ୍ୱରେ ପକ୍ଷୀମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଏହାକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି । ପକ୍ଷୀଙ୍କ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜାତୀୟ ପକ୍ଷୀ ଦିବସ ପାଳନ କରାଯାଏ । ପକ୍ଷୀଙ୍କ ଉପସ୍ଥିତି ସ୍ଥାନୀୟ ପରିବେଶର ସୁସ୍ଥତାକୁ ସୂଚିତ କରିଥାଏ, ତେଣୁ ସେମାନଙ୍କୁ ପରିବେଶର ବାରୋମିଟର ବା ମାପକାଠି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଦିବସ ପକ୍ଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ବିପଦ, ବେଆଇନ କାରବାର, ରୋଗ ଏବଂ ଜଳବାୟୁ ପରିବର୍ତ୍ତନର ବିପରୀତ ପ୍ରଭାବ ବିଷୟରେ ସଚେତନତା ଜାଗ୍ରତ କରେ । ପକ୍ଷୀମାନେ ପ୍ରାକୃତିକ ସନ୍ତୁଳନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ସେମାନେ ବିଭିନ୍ନ ପ୍ରକାରର ଗଛର ଫଳ ଖାଇ ତା'ର ମଞ୍ଜି ପକାଇ ଦିଅନ୍ତି ଯାହା ନୂତନ ବୃକ୍ଷ ସୃଷ୍ଟିରେ ସହାୟକ ହୋଇଥାଏ । ସେମାନେ ଶସ୍ୟହାନି କରୁଥିବା କୀଟମାନଙ୍କୁ ଖାଇଥାନ୍ତି । ଏହି ଦୃଷ୍ଟିକୋଣରୁ ପକ୍ଷୀମାନେ ଆମ ସମାଜର ଅମୂଲ୍ୟ ଅଂଶ । ଏହି ପକ୍ଷୀମାନଙ୍କ ମଧ୍ୟରୁ କିଛି ଶାକାହାରୀ ତ କିଛି ମାଂସାହାରୀ ହୋଇଥାନ୍ତି । ଶାକାହାରୀ ପକ୍ଷୀମାନେ ଫୁଲ, ଫଳ ଆଦି ଖାଇଥାନ୍ତି । ସେହିଭଳି ଶାଗୁଣା, ଚିଲ ଆଦି ମାଂସାଶୀ ପକ୍ଷୀମାନେ ମୃତ ପଶୁମାନଙ୍କ ମାଂସ ଖାଇଥାନ୍ତି । ଯାହାଦ୍ୱାରା ପରିବେଶ ସୁରକ୍ଷିତ ରହେ । ଇତିହାସ ପୃଷ୍ଠାରେ ପକ୍ଷୀମାନେ ଖବର ପହଞ୍ଚାଇବାର ସାହାଯ୍ୟ କରିବାର ଦୃଷ୍ଟାନ୍ତ ମଧ୍ୟ ରହିଅଛି । ପାରା, କପୋତ ପରି ପକ୍ଷୀମାନେ ଏପରି କାର୍ଯ୍ୟ କରିବା କଥା ନଜିର ରହିଛି । ବିଶ୍ୱରେ ଏପରି କୌଣସି ସ୍ଥାନ ନାହିଁ, ଯେଉଁଠି ପକ୍ଷୀ ଦେଖିବାକୁ ମିଳନ୍ତି ନାହିଁ । କେତେକ ପକ୍ଷୀଙ୍କ ଆଗମନରେ ଆମେ ପାଣିପାଗର ପରିବର୍ତ୍ତନ ବିଷୟରେ ସୂଚନା ପାଇଥାଉ । ପ୍ରାକୃତିକ ବାସସ୍ଥାନ କ୍ଷୟ, ଅବାଧ ପକ୍ଷୀ ଶିକାର ଯୋଗୁଁ ପକ୍ଷୀ ସଂଖ୍ୟା ହ୍ରାସ ପାଉଥିବାବେଳେ ଏବେ ଜଳବାୟୁ ପରିବର୍ତ୍ତନ ଏଥିପ୍ରତି ପ୍ରତ୍ୟକ୍ଷ ବିପଦ ଭାବେ ଉଭା ହୋଇଛି । ପକ୍ଷୀ ଜଗତର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ ।

## 'କଲ୍‌କି ୨୮୯୮ ଏଡି ୨'ର ସୁଟିଂ ଆରମ୍ଭ କରିବେ ପ୍ରଭାସ



ସୁପରଷ୍ଟାର୍ ପ୍ରଭାସଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଥାନ୍ତି । ଆକ୍ସନ୍ ଫିଲ୍ମ ଦ୍ୱାରା ଦର୍ଶକଙ୍କ ହୃଦୟ ଜିତିଥିବା ପ୍ରଭାସ ତାଙ୍କର ଆଗାମୀ ଫିଲ୍ମ 'ଦ ରାଜା ସାବ୍'ରେ ପୂରାପୂରି ଅଲଗା ଭୂମିକାରେ ଦେଖାଯିବେ । ଏହା ଆସନ୍ତା ଜାନୁଆରୀ ୯ ରେ ରିଲିଜ୍ ହେବ । ଇତିମଧ୍ୟରେ ତାଙ୍କ ଫିଲ୍ମ 'କଲ୍‌କି ୨୮୯୮ ଏଡି ୨'କୁ ନେଇ ଖବର ଆସିଛି । ଏହାର ସୁଟିଂ ଆସନ୍ତା ଫେବୃଆରୀରେ ଆରମ୍ଭ ହୋଇପାରେ ବୋଲି ଜଣାପଡ଼ିଛି । ଏବେ ପ୍ରଭାସ, ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ 'ସ୍ପିରିଟ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏହାପରେ ସେ 'କଲ୍‌କି ୨'ର ସୁଟିଂ ଆରମ୍ଭ କରିବେ । ଦୀପିକା ପାଦୁ୍ୟକୋନ୍ 'କଲ୍‌କି ୨'ରୁ ବାଦ୍ ପଡ଼ିବା ପରେ ଏଥିରେ ଆଲିଆ ଭଟ୍ଟ କିମ୍ବା ପ୍ରିୟଙ୍କା ଚୋପ୍ରା ପ୍ରଭାସଙ୍କ ବିପକ୍ଷରେ ନଜର ଆସିପାରନ୍ତି ବୋଲି କୁହାଯାଉଛି । ଅନ୍ୟପକ୍ଷରେ 'କଲ୍‌କି ୨୮୯୮ ଏଡି ୨'ରେ ପ୍ରଭାସ ଡବଲ୍ ରୋଲରେ ଦେଖାଯିବେ । ନାଗ୍ ଅଶ୍ୱିନ୍ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଫିଲ୍ମର ବଜେଟ୍ ରହିଛି ୭୦୦ କୋଟି । ଏହା ୨୦୨୮ ରେ ରିଲିଜ୍ ହୋଇପାରେ ବୋଲି ଆଶା କରାଯାଉଛି ।

## କେଉଁ ଜିନିଷ ଦେଖିବା ଶୁଭ



ହିନ୍ଦୁ ଧର୍ମରେ ଗରୁଡ଼ ପୁରାଣର ବିଶେଷ ମହତ୍ତ୍ୱ ଅଛି । ଏହି ପୁରାଣରେ କିଛି ଜିନିଷକୁ ଦେଖିବା ଶୁଭ ବୋଲି କୁହାଯାଇଛି । କେଉଁ ଜିନିଷ ଦର୍ଶନ ଦ୍ୱାରା ଶୁଭ ଫଳ ମିଳେ, ସେ ସମ୍ପର୍କରେ ଜାଣିବା ।

**ଗୋମୂତ୍ର:** ଶାସ୍ତ୍ରରେ ଗୋମୂତ୍ରକୁ ଔଷଧୀୟ ଗୁଣର ଭଣ୍ଡାର ବୋଲି କୁହାଯାଇଛି । ଧାର୍ମିକ ମାନ୍ୟତା ଅଛି, ଗୋମୂତ୍ରରେ ମା' ଗଙ୍ଗା ବାସ କରନ୍ତି । ଗରୁଡ଼ ପୁରାଣ ଅନୁସାରେ, ଏହାର ସେବନ ନ କରିପାରିଲେ, ପବିତ୍ର ଭାବରେ ଏହାର ଦର୍ଶନ କରିବା ମନ ଓ ଆତ୍ମାକୁ ଶୁଦ୍ଧ କରିଥାଏ ।

**ଗୋବର:** ସନାତନ ଧର୍ମରେ ଗାଈ ଗୋବରକୁ ପବିତ୍ର ବୋଲି କୁହାଯାଇଛି । ଏହାକୁ ମାଙ୍ଗଳିକ କାର୍ଯ୍ୟରେ ବି ବ୍ୟବହାର କରାଯାଏ । କୌଣସି ପୂଜା ପୂର୍ବରୁ ଗୋବରରେ ଭୂମିକୁ ଲିପିବା ଶୁଭର ପ୍ରତୀକ ଭାବେ ବିବେଚନା କରାଯାଏ । ଗୋବର ଦର୍ଶନ ଦ୍ୱାରା ନକାରାତ୍ମକ ଶକ୍ତିରୁ ମୁକ୍ତି ମିଳିଥାଏ ଏବଂ ପୁଣ୍ୟ ପ୍ରାପ୍ତି ହୁଏ ।

**ଗୋଦୁଗ୍ଧ:** ଆୟୁର୍ବେଦରେ ଗୋଦୁଗ୍ଧକୁ ଅମୃତ ସମାନ କୁହାଯାଇଛି । ଶାସ୍ତ୍ର ଅନୁସାରେ, ପାତ୍ରରେ ରଖାଯାଇଥିବା ଶୁଦ୍ଧ ଗୋଦୁଗ୍ଧ ଦର୍ଶନ ଦ୍ୱାରା ସୌଭାଗ୍ୟ ଜାଗ୍ରତ ହୁଏ ।

**ଗୋଧୂଳି:** ଗୋଧୂଳିକୁ ଅତ୍ୟନ୍ତ ପବିତ୍ର ବୋଲି କୁହାଯାଇଛି । ମାନ୍ୟତା ଅଛି, ଗୋଧୂଳି ଦର୍ଶନ ଦ୍ୱାରା ଅଜାଣତରେ ହୋଇଥିବା ପାପ ନାଶ ହୋଇଥାଏ ।

**ଗୋଶାଳା:** ଗାଈ ରହିବା ସ୍ଥାନ ବା ଗୋଶାଳା ଅତ୍ୟନ୍ତ ପୂଜନୀୟ ସ୍ଥାନ । ଗୋଶାଳାର ସେବା କରିବା ଏକ ମହାନ କାର୍ଯ୍ୟ । ସେବା ନ କରିପାରିଲେ ଶ୍ରଦ୍ଧାପୂର୍ବକ ଏହାର ଦର୍ଶନ କରିବା ଶୁଭ । ଏହା ମାନସିକ ଶାନ୍ତି ପ୍ରଦାନ କରେ ।

**ଗୋଖୁର:** କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କିମ୍ବା ଯାତ୍ରାକୁ ଯିବା ପୂର୍ବରୁ ଗାଈ ଖୁରା (ଗାଈ ଚରଣ) ଦର୍ଶନ କଲେ କିମ୍ବା ଏହାର ଧୂଳି ମଥାରେ ଲଗାଇଲେ ସଫଳତା ମିଳିଥାଏ ବୋଲି ବିଶ୍ୱାସ ରହିଛି ।

## ଆସ୍ଥା

### ନଖ ଆକାରରୁ ଜଣାପଡ଼େ ବ୍ୟକ୍ତିତ୍ୱ



ହସ୍ତରେଖା ଶାସ୍ତ୍ର ଅନୁସାରେ, ହାତ ରେଖା ବ୍ୟତୀତ ନଖର ଆକାରରୁ ବି ବ୍ୟକ୍ତିତ୍ୱ ତଥା ଭବିଷ୍ୟତ ବାବଦରେ ଜାଣି ହୁଏ । ସମୁଦ୍ର ଶାସ୍ତ୍ର ଅନୁସାରେ, ନଖର ଆକାର ଏବଂ ଏହାର ଚମକ ଅନେକ କିଛି ଜଣାଏ ।

**ଚଉଡ଼ା ନଖ:** ଯେଉଁ ବ୍ୟକ୍ତିଙ୍କ ନଖ ସ୍ୱାଭାବିକ ଭାବେ ଚଉଡ଼ା, ସେମାନଙ୍କୁ ସକ୍ଷମ ବୋଲି ବିବେଚନା କରାଯାଏ । ଏଭଳି ଲୋକ ଗଭୀରରେ ସବୁ କିଛି ଚିନ୍ତା କରିଥାନ୍ତି । ଠିକ୍ ସମୟରେ ସଠିକ ନିର୍ଣ୍ଣୟ ନେବାର କ୍ଷମତା ଥାଏ । ବୁଝିବିଚାରି ପ୍ରତ୍ୟେକ କାର୍ଯ୍ୟ କରି ସଫଳ ହୋଇଥାନ୍ତି ।

**ଗୋଲାକାର ନଖ:** ଗୋଲାକାର ନଖ ଥିବା ବ୍ୟକ୍ତିବିଶେଷ ଦୃଢ଼, ସଂକଳ୍ପବାନ, ଶକ୍ତିବାନ ହୋଇଥାନ୍ତି । ଏଭଳି ବ୍ୟକ୍ତିଙ୍କର ତୁରନ୍ତ ନିର୍ଣ୍ଣୟ ନେବାର କ୍ଷମତା ବେଶି । ସେମାନେ ସ୍ପଷ୍ଟବାଦୀ ଓ ପ୍ରଭାବଶାଳୀ ହୋଇଥାନ୍ତି ।

**ଲମ୍ବା ନଖ:** ଲମ୍ବା ନଖ ରଖିଥିବା ବ୍ୟକ୍ତି ସ୍ୱଭାବରେ କଳ୍ପନାଶୀଳ, ରୋମାଣ୍ଟିକ ହୋଇଥାନ୍ତି । ଅନ୍ୟ ଉପରେ ଶୀଘ୍ର ଭରସା କରନ୍ତି । ଶାନ୍ତି ଓ ସଦ୍‌ଭାବରେ ରହିବାକୁ ପସନ୍ଦ କରନ୍ତି ।

**ନଖରେ ଗୋଲାପି ଚମକ:** ନଖରେ ପ୍ରାକୃତିକ ଭାବେ ଗୋଲାପି ଚମକ ଥିବା ବ୍ୟକ୍ତି ଭାଗ୍ୟଶାଳୀ ହୋଇଥାନ୍ତି । ହସ୍ତରେଖା ଶାସ୍ତ୍ର ଅନୁସାରେ, ଏଭଳି ଲୋକ ଚିନ୍ତାଧାରା ସବୁବେଳେ ସକାରାତ୍ମକ ହୋଇଥାଏ । ଜୀବନରେ ସଦା ଉନ୍ନତି କରନ୍ତି । ସମାଜରେ ମାନସମ୍ମାନ ଏବଂ ପ୍ରତିଷ୍ଠା ପ୍ରାପ୍ତ ହୁଏ ।

## ଶ୍ରୀହରି ସ୍ତୋତ୍ରର ମହତ୍ତ୍ୱ



ଶ୍ରୀହରି ସ୍ତୋତ୍ର ଖୁବ୍ ପ୍ରଭାବଶାଳୀ । ଏହାକୁ ପାଠ କରିବା ଦ୍ୱାରା ସମସ୍ତ ଦୁଃଖର ନାଶ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏହି ସ୍ତୋତ୍ର ପାଠ କରିବା ଦ୍ୱାରା ଶ୍ରୀବିଷ୍ଣୁଙ୍କ ବିଶେଷ କୃପା ପ୍ରାପ୍ତି ହୁଏ । ତେବେ ଏହି ସ୍ତୋତ୍ର ପାଠ ପ୍ରତ୍ୟେକ ଗୁରୁବାର କରିବା ଉଚିତ ।

- ଶ୍ରୀହରି ସ୍ତୋତ୍ର ପାଠ କରିବା ଦ୍ୱାରା ରୋଗ ମୁକ୍ତ ରହିବେ ।
- ମାନସିକ ଅଶାନ୍ତି ଓ ଚିନ୍ତା ଦୂର ହୁଏ ।
- ଜୀବନଠୁ ଆରମ୍ଭ କରି ସକାରାତ୍ମକ ଚିନ୍ତାଧାରା ଆସେ ।
- ଜୀବନରେ କୌଣସି ବାଧା ରହେ ନାହିଁ ।
- ସମସ୍ତ ଗ୍ରହର ଶୁଭ ପ୍ରଭାବ ମିଳେ ।
- ଘରେ ସୁଖ ଶାନ୍ତି ବଜାୟ ରହେ ।

## ଭବିଷ୍ୟତ ଉପରେ ନାମକରଣର ପ୍ରଭାବ

ଭାରତୀୟ ସଂସ୍କୃତିରେ ପିଲାଙ୍କ ନାମକରଣ କେବଳ ଏକ ଔପଚାରିକ ପ୍ରକ୍ରିୟା ନୁହେଁ, ବରଂ ଏହା ହେଉଛି ଏକ ପବିତ୍ର ସଂସ୍କାର । ଜ୍ୟୋତିଷ ଶାସ୍ତ୍ରରେ ଏହାକୁ ନାମକରଣ ସଂସ୍କାର ବୋଲି କୁହାଯାଏ । ତେଣୁ ନାଁର ପ୍ରଭାବ ସ୍ୱଭାବ, ବ୍ୟକ୍ତିତ୍ୱ ଏବଂ ଭବିଷ୍ୟତ ଉପରେ ଗଭୀର ପ୍ରଭାବ ପକାଏ ।



ସାଧାରଣତଃ ଲୋକେ ପିଲାଙ୍କ ନାମ 'ରାମ', 'ଲକ୍ଷ୍ମଣ', 'ସୀତା' ଭଳି ଅନ୍ୟ ପବିତ୍ର ନାମରେ ରଖିବାକୁ ପସନ୍ଦ କରନ୍ତି । ହେଲେ 'କଂସ', 'ରାବଣ' ଭଳି ନାଁ ରଖିବାରୁ ଦୂରେଇ ରହନ୍ତି । ତେବେ ଏଭଳି ନାଁ ନ ରଖିବା ପଛରେ ବି ଧାର୍ମିକ ଏବଂ ଆଧ୍ୟାତ୍ମିକ କାରଣ ଅଛି । ବିଶ୍ୱାସ କରାଯାଏ, ନାଁର ଧ୍ୱନି ଓ ଏହାର ଅର୍ଥ ଜୀବନରେ ଶକ୍ତି ସଞ୍ଚାର କରେ । ସେହିପରି ପିଲାଙ୍କ ନାମକରଣ କରିବା ସମୟରେ ଏହାର ସିଧା ପ୍ରଭାବ ସେମାନଙ୍କ ଭାଗ୍ୟ ଏବଂ ଭବିଷ୍ୟତ ଉପରେ ପଡ଼ିଥାଏ । ପ୍ରତ୍ୟେକ ନାଁ ଭିତରେ ଏକ ବିଶେଷ ଅର୍ଥ ଓ ଶକ୍ତି ନିହିତ ଥାଏ । ଯଦି ନାମର ଅର୍ଥ ସକାରାତ୍ମକ ହୋଇଥାଏ, ତେବେ ଏହା ଶୁଭ ପ୍ରଭାବ ପକାଏ ।

ସେହିପରି ନକାରାତ୍ମକ ଅର୍ଥ ଯୁକ୍ତ ନାଁ ଜୀବନରେ ସମସ୍ୟା ସୃଷ୍ଟି କରେ । ଅଲଗା ତଥା ଆକର୍ଷଣୀୟ ଲାଗିବା ପାଇଁ ନାଁ ରଖିବା ଅନୁଚିତ । ନାଁ ଏମିତି ହେବା ଦରକାର, ଯାହାକି ସାର୍ଥକ, ଶୁଭ ଓ ସକାରାତ୍ମକ ଶକ୍ତିରେ ଭରପୂର ହୋଇଥିବ । ଯେଉଁ ନାଁରୁ ନକାରାତ୍ମକ ଭାବ ଉତ୍ପନ୍ନ ହୁଏ ଏବଂ ଯାହାର ଅର୍ଥ ଅସ୍ପଷ୍ଟ ହୋଇଥାଏ, ସେଭଳି ନାଁ ରଖିବା ଅନୁଚିତ ।

ଶାସ୍ତ୍ର ଅନୁସାରେ, ପିଲାଙ୍କ ନାଁ ଛୋଟ, ସରଳ ଏବଂ ଅର୍ଥପୂର୍ଣ୍ଣ ହେବା ଦରକାର । ଏହାସହିତ ଜନ୍ମ ସମୟର ନକ୍ଷତ୍ର ମଧ୍ୟ ନାମକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ନକ୍ଷତ୍ର ଅନୁସାରେ ରଖାଯାଉଥିବା ନାଁ ଜୀବନରେ ସନ୍ତୁଳନ ଓ ସଫଳତା ଆଣେ । ଏହାବାଦ୍ ଭବିଷ୍ୟତରେ ଯେଭଳି କୌଣସି ଧାର୍ମିକ ତଥା ସାମାଜିକ ସମସ୍ୟା ଉତ୍ପନ୍ନ ନ ହେବ, ନାମକରଣ ବେଳେ ବଂଶ ଓ ଗୋତ୍ର ଉପରେ ବି ଧ୍ୟାନ ଦେବା ଉଚିତ ।

## ଆଇପିଏଲ୍‌ରୁ ମୁସ୍ତାଫିଜୁର ବିଦା ହେବା ପରେ କ୍ଷୋଭ

# ଭାରତରେ ବିଶ୍ୱକପ୍ ଖେଳିବନି ବାଂଲାଦେଶ

ଢାକା,୪।୧(ଏଜେନ୍ସି)

ଭାରତ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ରାଜନୈତିକ ଓ କୂଟନୈତିକ ଲଢ଼େଇର ପ୍ରଭାବ ପଡ଼ିଛି କ୍ରିକେଟ ଖେଳ ଉପରେ। ଆଇପିଏଲ୍‌ରେ ସାମିଲ ହୋଇଥିବା ବାଂଲାଦେଶୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନଙ୍କୁ ବିସିସିଆଇ ନିର୍ଦ୍ଦେଶକ୍ରମେ କୋଲକାତା ନାଇଟ୍ ରାଇଡର୍ସ ବିଦା କରିବା ପରେ ବାଂଲାଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ଘଟଣାରେ ମଧ୍ୟବର୍ତ୍ତୀକାଳୀନ ସରକାର ଫେବୃଆରୀ-ମାର୍ଚ୍ଚରେ ଭାରତରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବା ଲାଗି କ୍ରିକେଟ ଦଳକୁ ମନା କରିଦେଇଛନ୍ତି। ଏହାର ଅର୍ଥ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ ଏବେ ଭାରତ ଆସିବ ନାହିଁ। ଭାରତ ପରିବର୍ତ୍ତେ ଅନ୍ୟ ସ୍ଥାନରେ ବା ଶ୍ରୀଲଙ୍କାରେ ଖେଳିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ସଂଗଠନ ଆଇସିସିକୁ ଅନୁରୋଧ କରିଛି। ଆଇସିସି ଏଥିରେ ଏଯାଏ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ। ପୂର୍ବରୁ ଦେଶ ଦେଶ ମଧ୍ୟରେ ରାଜନୈତିକ ତିକ୍ତତା ଯୋଗୁଁ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ସମ୍ପର୍କ ଏକପ୍ରକାର ଛିନ୍ନ ହୋଇଛି। କେହି କାହାରି ଦେଶକୁ ଖେଳିବାକୁ ଯାଉ ନାହାନ୍ତି। ଗତବର୍ଷ ଏଥିରେ ଆଉ ଏକ ନକରାତ୍ମକ ଅଧ୍ୟାୟ ଯୋଡି ହେବା ଫଳରେ ଆଇସିସି ଏବଂ ଏସିସି ଦ୍ୱାରା ଆୟୋଜିତ ହେଉଥିବା ଟୁର୍ଣ୍ଣାମେଣ୍ଟରେ ମଧ୍ୟ ଗୋଟିଏ ଦେଶ ଅନ୍ୟ ଦେଶକୁ ଖେଳିବାକୁ ଯିବେ ନାହିଁ। ଏଣୁ ଶ୍ରୀଲଙ୍କାରେ ପାକିସ୍ତାନ ତାହାର ସମସ୍ତ ବିଶ୍ୱକପ୍ ମ୍ୟାଚ୍, ଏପରିକି ଏହି ଦଳ ଯଦି ଫାଇନାଲକୁ ଯାଏ, ତେବେ କଲମ୍ବୋରେ ଖେଳିବ ବୋଲି ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଭଳି ବିବାଦରେ ଏବେ ବାଂଲାଦେଶ ସାମିଲ ହୋଇଛି। ବିବାଦର ସମାଧାନ କିପରି ହେବ ତାହା ଏବେଠାରୁ କହିବା ମୁସ୍କିଲ ହୋଇଥିଲେ ମଧ୍ୟ ସୁରକ୍ଷା



ପ୍ରତି ବିପଦ ଥିବା ଦର୍ଶାଇ ସରକାର ବାଂଲା କ୍ରିକେଟ ଦଳକୁ ଭାରତରେ ବିଶ୍ୱକପ୍ ଖେଳିବାକୁ ଅନୁମତି ଦେବ ନାହିଁ ବୋଲି ସ୍ପଷ୍ଟ କରିଛି। ଏହା ମଧ୍ୟରେ ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ବାଂଲାଦେଶ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳର ଅଧିନାୟକ ଜଣେ ହିନ୍ଦୁ ଖେଳାଳି ଲିଟନ ଦାସଙ୍କୁ ଦିଆଯାଇଛି। ଏଭଳି ସ୍ଥଳେ ବାଂଲାଦେଶ ଏକ ମାଷ୍ଟର କାର୍ଡ ଖେଳି ଭାରତକୁ ନିନ୍ଦିତ କରିବାକୁ ଯୋଜନା କରିଛି।

ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ଭାରତ ସହ ଥିବା କ୍ରିକେଟ ସମ୍ପର୍କକୁ ସଂକଟ ମଧ୍ୟକୁ ନେଇଯାଇଛି। ଗତ ଏକ ମାସ ମଧ୍ୟରେ ୪ଜଣ ହିନ୍ଦୁଙ୍କୁ ହତ୍ୟା କରିବା, ସଂଖ୍ୟା ଗରିଷ୍ଠ ମୁସ୍‌ଲିମ୍ ସମ୍ପ୍ରଦାୟ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ନିର୍ଯାତନା କରିବା ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ଏହା ବିରୋଧରେ ଭାରତରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଉଛି। ଏଭଳି ସମୟରେ ବିଶ୍ୱର ସର୍ବବୃହତ୍ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବା ଭାରତରେ ଖେଳାଯାଉଥିବା ଆଇପିଏଲ୍‌ରୁ ଏକାମାତ୍ର ବାଂଲାଦେଶୀ ଖେଳାଳି ମୁସ୍ତାଫିଜୁରଙ୍କୁ ବାଦ୍ ଦେବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ଏହାକୁ କୌଣସି ବଡ଼ ବିବାଦର ରୂପେ ନେବା ପୂର୍ବରୁ ବିସିସିଆଇ ଏହି ଖେଳାଳିଙ୍କୁ ବାଦ୍ ଦେବାକୁ ଏହାର ଫ୍ରାଞ୍ଚାଇଜ୍ କେକେଆର୍‌କୁ ନିର୍ଦ୍ଦେଶ ଦେଇଥିଲା। କେକେଆର୍ ତତ୍‌କ୍ଷଣାତ୍ ଏହାକୁ କାର୍ଯ୍ୟକାରୀ କରିବା ଫଳରେ ଭାରତରେ ବାଂଲାଦେଶ ଖେଳାଳିଙ୍କ ବିପଦ ରହିଛି ବୋଲି କ୍ରିକେଟ ବୋର୍ଡ ଅନୁଭବ କରିଥିଲେ। ଆଗକୁ ଟି-୨୦ ବିଶ୍ୱକପ୍ ଥିବାରୁ ଭାରତରେ ତାଙ୍କ ଦଳ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯିବ କି ନାହିଁ ସେ ସମ୍ପର୍କରେ ଆଲୋଚନା କରିବାକୁ କ୍ରିକେଟ ବୋର୍ଡ ନିର୍ଦ୍ଦେଶକଙ୍କ ଏକ ବୈଠକ ବସିଥିଲା। ଏଥିରେ କୌଣସି କଠୋର ନିଷ୍ପତ୍ତି ନ ନେବାକୁ ନିର୍ଦ୍ଦେଶକ ମାନେ ରାଜି ହୋଇଥିଲେ। କିନ୍ତୁ ଏହା ଜାଣିବା ପରେ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ଉପଦେଷ୍ଟା ଆସିଫ୍ ନଜରୁଲ୍ ଭାରତରେ ବିଶ୍ୱକପ୍ ଖେଳିବା ଲାଗି ବାଂଲାଦେଶ କ୍ରିକେଟ ଦଳକୁ ଅନୁମତି ଦିଆଯିବ ନାହିଁ ବୋଲି ବୋର୍ଡକୁ ଜଣାଇଦେଇଥିଲେ। ବାଂଲା କ୍ରିକେଟ ବୋର୍ଡ ଅନ୍ୟ କୌଣସି ଉପାୟ ନ ପାଇ ଭାରତରେ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ ଯିବ ନାହିଁ ଓ ଅନ୍ୟ କୌଣସି ନିରପେକ୍ଷ ଭେନ୍ୟୁରେ ଖେଳିବାକୁ ଆଇସିସିକୁ ଜଣାଇଦେଇଥିଲା। ବୋର୍ଡ ମଧ୍ୟ ମୁସ୍ତାଫିଜୁରଙ୍କୁ ଦିଆଯାଇଥିବା ନୋ ଅବଜେକ୍ସନ ସାର୍ଟିଫିକେଟକୁ ରଦ୍ଦ କରିଦେଇଥିଲେ। ଶାହରୁଖ ଖାନ୍‌ଙ୍କ ମାଲିକାନାରେ ଥିବା କେକେଆର ତାଙ୍କୁ ୯.୨ କୋଟି ଟଙ୍କାରେ କିଣିଥିଲା। ପୂର୍ବରୁ ଏଭଳି ସ୍ଥିତିରେ ପାକିସ୍ତାନ ଶ୍ରୀଲଙ୍କାରେ ସମସ୍ତ ମ୍ୟାଚ୍ ଖେଳିବ ବୋଲି ସ୍ଥିର ହୋଇଥିବାରୁ ବାଂଲାଦେଶ କ୍ରିକେଟ ବୋର୍ଡ ଏପରି ନିଷ୍ପତ୍ତି ନେବାକୁ ଉତ୍ସାହୀ ହୋଇଛି ବୋଲି କୁହାଯାଉଛି। ଏହାର ପରିଣାମ କ'ଣ ହେବ ତାହା ଜୟ ଶାହଙ୍କ ନେତୃତ୍ୱରେ ଗଠିତ ଆଇସିସି ନିଷ୍ପତ୍ତି ନେବ। ସେ ଯାହା ହେଉ ଏହି ବିଶ୍ୱକପ୍ ଯେ ସହଜରେ ଆୟୋଜନ ହେବ ନାହିଁ ତାହା ଏଭଳି ଘଟଣାରୁ ସ୍ପଷ୍ଟ ହୋଇଛି।



## ବିଶ୍ୱକପ୍‌ରେ ନେତୃତ୍ୱ ନେବେ ଲିଟନ ଦାସ

ଢାକା : ଆସନ୍ତା ଟି-୨୦ ବିଶ୍ୱକପ୍ ଲାଗି ଏକ ୧୫ ଜଣିଆ ବାଂଲାଦେଶ କ୍ରିକେଟ ଟିମ୍ ଘୋଷଣା କରିଛି। ଏହି ଟିମ୍‌ର ନେତୃତ୍ୱ ନେବେ ବାଂଲାରେ ମୁସ୍‌ଲିମ୍‌ଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥିବା ହିନ୍ଦୁ ସମ୍ପ୍ରଦାୟର ଖେଳାଳି ଲିଟନ ଦାସ। ଲିଟନଙ୍କ ନେତୃତ୍ୱରେ ଗଠିତ ଦଳକୁ ଫାଷ୍ଟ ବୋଲର ତସ୍କିନ ଅହମ୍ମଦ୍‌ଙ୍କ ପ୍ରତ୍ୟାବର୍ତ୍ତନ ଘଟିଛି। ଏହା ଫଳରେ ମୁସ୍ତାଫିଜୁର, ତାନଜିମ୍ ହାସନ, ଶୋରିଫୁଲ ଇସ୍‌ଲାମ ଓ ମହମ୍ମଦ୍ ସୈଫୁଦ୍ଦିନଙ୍କୁ ନେଇ ଶକ୍ତିଶାଳୀ ପେସ ବାହିନୀ ଗଠିତ ହୋଇଛି। ଲିଟନ, ତାନଜିଦ୍, ସୈଫ ହାସନ, ତୋହିଦ ହ୍ୟଦୟ, ଶମିମ ହାସନ ଓ ପରଭେଜ ହୋସେନ ବ୍ୟାଟିଂ ଭାର ସମ୍ଭାଳିବେ। କିନ୍ତୁ ୨୦୨୩ରୁ ଦଳରେ ନିରନ୍ତର ସାମିଲ ହୋଇ କ୍ରମାଗତ ୪୫ଟି ଟି-୨୦ ମ୍ୟାଚ୍ ଖେଳିଥିବା ଜେକର ଅଲିଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏବେ ସେ ଆଦୌ ଫର୍ମରେ ନାହାନ୍ତି। ଏହି ବିଶ୍ୱକପ୍‌ରେ ବାଂଲାଦେଶ ତାହାର ପ୍ରଥମ ୪ଟି ମ୍ୟାଚ୍ ଭାରତରେ ଖେଳିବ। ଏହା ମଧ୍ୟରୁ କୋଲକାତାରେ ୩ଟି ଓ ମୁମ୍ବଇରେ ଗୋଟିଏ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

### ମନୋନୀତ ଦଳ

ଲିଟନ ଦାସ (ଅଧିନାୟକ), ସୈଫ୍ ହାସନ, ତାନଜିଦ୍ ହାସନ, ପରଭେଜ ହୋସେନ, ତୌହିଦ ହୃଦୟ, ଶମିମ ହୋସେନ, ନୁରୁଲ ହାସନ (ୱିକେଟରକ୍ଷକ), ମାହେଦୀ ହାସନ, ରିଶାଦ୍ ହୋସେନ, ନାସୁମ ଅହମ୍ମଦ୍, ମୁସ୍ତାଫିଜୁର ରହମନ, ତାନଜିମ ହାସନ ସାକିବ୍, ତସ୍କିନ ଅହମ୍ମଦ୍, ମହମ୍ମଦ ସୈଫୁଦ୍ଦିନ୍, ଶୋରିଫୁଲ ଇସ୍‌ଲାମ୍।

## ବାଂଲାରେ ବନ୍ଦ ହେବ ଆଇପିଏଲ୍ ପ୍ରସାରଣ

ଭାରତରେ ଖେଳାଯିବାକୁ ଥିବା ବାଂଲାଦେଶର ସମସ୍ତ ଲିଗ୍ ମ୍ୟାଚ୍ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ଆଇସିସି ନିକଟରେ ଦାବି କରିଛି। ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବା ପରେ ଭାରତରେ ନିଜ ଖେଳାଳିଙ୍କ ଜୀବନ ପ୍ରତି ବିପଦ ଥିବାର ଦର୍ଶାଇ ବୋର୍ଡ ଏପରି କରିବାକୁ ନିଷ୍ପତ୍ତି ନେଇଛି। ମାର୍ଚ୍ଚ ୨୬ରୁ ଭାରତରେ ଖେଳାଯିବାକୁ ଥିବା ଆଇପିଏଲ୍‌ରେ ମୁସ୍ତାଫିଜୁର ବାଂଲାର ଏକମାତ୍ର ଖେଳାଳି ଥିଲେ। ତାଙ୍କୁ ୯.୨ କୋଟି ଟଙ୍କାରେ କୋଲକାତା ନାଇଟ୍ ରାଇଡର୍ସ କିଣିଥିଲା। ସେ ବିଦା ହେବା ପରେ ବାଂଲାଦେଶରେ ଆଇପିଏଲ୍‌ର ପ୍ରସାରଣ ବନ୍ଦ କରିବାକୁ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ଉପଦେଷ୍ଟା ଆସିଫ୍ ନଜରୁଲ୍ ଦେଶ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେ କୌଣସି ପରିସ୍ଥିତିରେ ବାଂଲାଦେଶ କ୍ରିକେଟ, କ୍ରିକେଟର ଓ ବାଂଲାଦେଶ ନାଗରିକଙ୍କ ଅପମାନ ବରଦାସ୍ତ କରିବୁ ନାହିଁ ବୋଲି ନଜରୁଲ କହିଛନ୍ତି। ନିକଟରେ ମୃତ୍ୟୁବରଣ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଯୋଗଦେବା, ଭାରତୀୟ କ୍ରିକେଟ ଦଳର ଗସ୍ତସୂଚୀ ଚୂଡାନ୍ତ ହେବା ପରେ ବାଂଲାଦେଶରେ ଏପରି ହଠାତ ପରିବର୍ତ୍ତନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମୁସ୍ତାଫିଜୁରଙ୍କୁ କାହିଁକି ଆଇପିଏଲ୍‌ରୁ ବାଦ୍ ଦିଆଗଲା ତାହାର ସ୍ପଷ୍ଟୀକରଣ ଦେବାକୁ ବିସିବି, ପ୍ରତିପକ୍ଷ ବିସିସିଆଇକୁ ମାଗିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ବାଂଲାଦେଶ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ଅମିନୁଲ ଇସ୍‌ଲାମ୍‌ଙ୍କୁ ମଧ୍ୟ ସର୍ବସାଧାରଣରେ କୌଣସି ମନ୍ତବ୍ୟ ଦେବା କିମ୍ବା ପ୍ରତିକ୍ରିୟା ଦେବାକୁ ମଧ୍ୟବର୍ତ୍ତୀ ସରକାରଙ୍କ ପକ୍ଷରୁ ବାରଣ କରାଯାଇଛି। ଭାରତରେ ମାତ୍ର ୪ଟି ଲିଗ୍ ମ୍ୟାଚ୍ ଫେବୃଆରୀ ୭, ୯, ୧୪ ଓ ୧୭ରେ ବାଂଲାଦେଶର ଖେଳିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ବିସିସିଆଇ ସୂତ୍ରରୁ ଜଣାଯାଇଛି ଏତେ ଅଳ୍ପ ସମୟ ମଧ୍ୟରେ ଭେନ୍ୟୁ ପରିବର୍ତ୍ତନ କରିବା ବିସିସିଆଇ କିମ୍ବା ଆଇସିସି ପକ୍ଷରେ କଷ୍ଟକର ନୁହେଁ ଏକ ଅସମ୍ଭବ କାମ। ବିମାନ ଟିକଟ, ହୋଟେଲ ରୁମ୍ ବୁକ୍ କରିବା, ପ୍ରସାରଣକାରୀ ସଂସ୍ଥା ଭେନ୍ୟୁକୁ ଯିବା ଅତ୍ୟନ୍ତ କଷ୍ଟକର। ଏହାକୁ କିପରି ସମାଧାନ କରାଯିବ ତାହା ଉପରେ ଆଇସିସି ନାକେଦମ ହେବା ନିଶ୍ଚିତ।

### ● ୧୫ ବର୍ଷରୁ କମ୍ ମହିଳା କ୍ରିକେଟ
## ଦ୍ୱିତୀୟ ମ୍ୟାଚ୍‌ରେ ହାରିଲା ଓଡ଼ିଶା

ଭୁବନେଶ୍ୱର,୪।୧(ସମିସ): ବିସିସିଆଇ ଦ୍ୱାରା ଆୟୋଜିତ ୧୫ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟର ଦ୍ୱିତୀୟ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି। ବିଦର୍ଭ କ୍ରିକେଟ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୩୨.୫ ଓଭରରେ ୧୦୨ ରନ୍ କରିଠତଲା। ଦଳ ପକ୍ଷରୁ ପ୍ରିୟାଂଶୀ ମହାରଣା ସର୍ବାଧିକ ୩୦ ଓ ଅନ୍ୱେଷା ସ୍ୱାଇଁ ୨୪ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଶିଖା କୋଲି ଓ ମୈତ୍ରେୟୀ ୩ଟି ଲେଖାଏଁ ୱିକେଟ ଦଖଲ କରିଥିଲେ। ଜବାବରେ ଉତ୍ତରାଖଣ୍ଡ ୨୮ ଓଭରରେ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୦୩ ରନ୍ ସଂଗ୍ରହ କରିନେଇଥିଲେ। ଦଳ ପକ୍ଷରୁ କାଭଲୀନ୍ ଅପରାଜିତ ୪୫ ଓ ପ୍ରଶ୍ରିତି ଧନରାଜ ୩୫ ରନ୍ କରି ଦଳକୁ ସହଜ ବିଜୟ ଭେଟି ଦେଇଥିଲେ। ଓଡ଼ିଶା ପକ୍ଷରୁ ଯାଜ୍ଞସେନୀ ସାହୁ ୨ଟି ଓ ଅନନ୍ୟା ଜେନା ଗୋଟିଏ ୱିକେଟ ପାଇଥିଲେ।

### ● ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ
## ଓଡ଼ିଶା ମହିଳା ଫୁଟ୍‌ବଲ୍ ଦଳ

ଭୁବନେଶ୍ୱର,୪।୧(ସମିସ): ଦାମନ ଓ ଡିଉଠାରେ ଆସନ୍ତାକାଲିଠାରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଲାଗି ଏକ ୧୨ ଜଣିଆ ଓଡ଼ିଶା ମହିଳା ଫୁଟବଲ ଦଳ ଭାଗ ନେଇଛନ୍ତି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସସ୍ମିତା ପରିଡ଼ା, ମଞ୍ଜୁ ଗଞ୍ଜୁ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଶିବାନ ମୁଣ୍ଡାରି, ସସ୍ମିତା ତନ୍ତି, ଅଙ୍କିତା ନାଏକ, ପ୍ରଜ୍ଞା କିସାନ, ସୁମିତ୍ରା ହେମ୍ବ୍ରମ୍, ସତ୍ୟବୀ ଖାଡିଆ, ଶୁଆନା ତମାଙ୍ଗ୍, କେ. ଅମ୍ବାଲିକା, ମନୀଷା ନାଏକ। ଗୀତାଞ୍ଜଳି ଖୁଣ୍ଟିଆ ଦଳର କୋଚ୍ ଓ ଗୋମତି ବାରା ମ୍ୟାନେଜର ଭାବେ ଦଳ ସହ ଯାଇଛନ୍ତି ବୋଲି ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ସୂତ୍ରରୁ ବିଳମ୍ବରେ ମିଳିଥିବା ଏକ ବିଜ୍ଞପ୍ତିରୁ ସୂଚନା ମିଳିଛି।

### ● ମହିଳା ପ୍ରିମିୟର ଲିଗ୍
## ଲାନିଂ ୟୁପି ୱାରିୟର୍ଜ ଅଧିନାୟିକା

ଲକ୍ଷ୍ନୌ,୪।୧(ଏଜେନ୍ସି): ଅଷ୍ଟ୍ରେଲିଆର କିଂବଦନ୍ତୀ ଖେଳାଳି ମେଗ୍ ଲାନିଂଙ୍କୁ ୟୁପି ୱାରିୟର୍ଜ ୨୦୨୬ ମହିଳା ପ୍ରିମିୟର ଲାଗି ଦଳର ଅଧିନାୟିକା ମନୋନୀତ କରିଛି। ଗତ ନିଲାମିରେ ୟୁପି ତାଙ୍କୁ ୧.୯ କୋଟି ଟଙ୍କାରେ କିଣିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ୨ଟି ଆଇସିସି ଦିନିକିଆ ଓ ୫ଟି ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଦଳର ସଦସ୍ୟ ରହିଥିବା ଲାନିଂଙ୍କ ନେତୃତ୍ୱରେ ଦଳ ଏଥର ବିଶେଷ ସଫଳତା ପାଇବ ବୋଲି ଆଶା କରାଯାଉଛି।

### ପୁରୁଷ ହକି ଇଣ୍ଡିଆ ଲିଗ୍
## ବିଜୟରୁ କଳିଙ୍ଗ ଲାନ୍ସର୍ସର ଅଭିଯାନ



ଚେନ୍ନଇ,୪।୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ଦମ୍‌ଦାର ବିଜୟରୁ ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବିଜୟ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ କଳିଙ୍ଗ ଲାନ୍ସର୍ସ ୪-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। କଳିଙ୍ଗ ଲାନ୍ସର୍ସ ପକ୍ଷରୁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଓ ଗୁରସାହିବଜିତ ସିଂହ ୨ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ଏହି ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସ ପ୍ରଥମେ ଗୋଲ ସ୍କୋର କରିଥିଲା। ତାରକା ଫରୱାର୍ଡ ଖେଳାଳି ଟମ ବୁନ୍ ଏହି ଗୋଲ ଦେଇ ରାଞ୍ଚିକୁ ଅଗ୍ରଣୀ କରାଇଥିଲେ। ମନଦୀପ ସିଂହ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ଦେଇଥିଲେ। କିନ୍ତୁ ଦଳ ଗୋଲ ଶୁଝାଇବାକୁ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ କଳିଙ୍ଗର ରକ୍ଷଣଭାଗ ଏହା କରିବାକୁ ଦେଇ ନ ଥିଲେ। ଶେଷ କ୍ୱାର୍ଟରରେ ଧମାକାଦାର ଖେଳ ଦେଖିବାକୁ ମିଳିଥିଲା। ଉଭୟ ଦଳ ଆକ୍ରମଣ ଓ ପ୍ରତ୍ୟାକ୍ରମଣ କରି ଖେଳରେ ଉତ୍କଣ୍ଠା ଭରିଥିଲେ। ଆର୍ଥର ଭାନ ଡୋରେନ୍‌ଙ୍କ ନେତୃତ୍ୱ କଳିଙ୍ଗ ଏହି ମ୍ୟାଚ୍ ଖେଳୁଛି। ପୂର୍ବରୁ ଅନୁଷ୍ଠିତ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ୩-୧ ଗୋଲରେ ଜେଏସଡବ୍ଲ୍ୟୁ ସୁରମା ହକି କ୍ଲବ୍‌କୁ ପରାସ୍ତ କରି ଟାଇଟଲ ଅଭିଯାନ ଆରମ୍ଭ କରିଛି।

### ମହିଳା ହକି ଇଣ୍ଡିଆ ଲିଗ୍
## ବେଙ୍ଗଲ ଟାଇଗର୍ସ ବିଜୟୀ



ରାଞ୍ଚି,୪।୧(ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍‌ର ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଶ୍ରାଚି ବେଙ୍ଗଲ ଟାଇଗର୍ସ ୧-୦ ଗୋଲରେ ଆୟୋଜକ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଅଗଷ୍ଟିନା ଗୋର୍ଜେଲାନି ଖେଳର ୩୭ତମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲଟି ସ୍କୋର କରିଥିଲେ। ବେଙ୍ଗଲ ଟାଇଗର୍ସ ଏହି ବିଜୟ ସହ ପୂରା ୩ ପଏଣ୍ଟ ପାଇ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଦଳ ମଧ୍ୟ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରାଞ୍ଚି ରୟାଲ୍ସ କ୍ରମାଗତ ଦ୍ୱିତୀୟ ବିଜୟ ପରେ ଏଠାରେ ପରାଜିତ ହୋଇଛି। ଏପରିକି ଦଳ ଡଜନେ ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଟିଏ ହେଲେ ଗୋଲ ଦେବାରେ ସମର୍ଥ ହୋଇନାହାନ୍ତି।

## ପଞ୍ଚମ ଆସେସ୍ ଟେଷ୍ଟ: ଇଂଲଣ୍ଡ ୨୧୧/୩

ସିଡ୍‌ନୀ,୪।୧(ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ସ୍ଥାନୀୟ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ଆଜିଠାରୁ ଆରମ୍ଭ ହୋଇଥିବା ୫ମ ତଥା ଶେଷ ଆସେସ ଟେଷ୍ଟର ପ୍ରଥମ ଦିନରେ ବର୍ଷା ଯୋଗୁଁ ମାତ୍ର ୪୫ ଓଭର ଖେଳ ସମ୍ଭବ ହୋଇଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଦଳ ଖେଳ ବନ୍ଦ ରହିଲା ବେଳକୁ ୩ ୱିକେଟରେ ୨୧୧ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ବରିଷ୍ଠ ଖେଳାଳି ଜୋ ରୁଟ୍ ୭୨ ଓ ହ୍ୟାରୀ ବ୍ରୁକ୍ ୭୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଏମାନେ ଅବିଭକ୍ତ ୪ର୍ଥ ୱିକେଟ ଯୋଡ଼ିରୁ ୧୫୪ ରନ୍ ଉଠାଇ ଦଳକୁ ଏକ ସହଜ ସ୍ଥିତିରେ ପହଞ୍ଚାଇଥିଲେ।

## ପେଞ୍ଚକ ସିଲାଟରେ ୮ ଓଡ଼ିଆ ଖେଳାଳି

ଭୁବନେଶ୍ୱର,୪।୧(ସମିସ): ଡିୟୁର ଘୋଗ୍ଲା ବିଚ୍‌ରେ ଚାଲିଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ପେଞ୍ଚାକ ସିଲାଟ କ୍ରୀଡ଼ା ପାଇଁ ୮ ଓଡ଼ିଆ ଖେଳାଳି ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଜାନୁଆରୀ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଟିମ୍ କୋଚ୍ ରଞ୍ଜିତ ନାୟକ ଓ ଅଂଶୁପ୍ରିୟା ସିଂଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରୁ ୮ ଜଣ ପ୍ରତିଭାବାନ ଖେଳାଳି ମନୋନୀତ ହୋଇଥିଲେ। ଏହି ଖେଳାଳିମାନେ ହେଲେ ସୋନୁ ସେମଲିଆ, ରାହୁଲ ସା, ସୋହିଲ ଗୁରୁଙ୍ଗ୍, ଅଂଶୁମାନ ଭୋମିକ, ପିହୁ ଦାସ, ବସୁନ୍ଧରା ତାଣ୍ଡି, ରୁଦ୍ର ପ୍ରତାପ ଷଡଙ୍ଗୀ ଓ ଉମାବତି ପାତ୍ର। ଏହି ପ୍ରତିଯୋଗିତାରେ ପ୍ରେମ ସିଂ ଥାପ୍ପା ଓ ଆଶୁତୋଷ ନାୟକ ରେଫରୀ ଦାୟିତ୍ୱ ତୁଲାଇବେ।

### ଜାତୀୟ କନିଷ୍ଠ ଖୋ ଖୋ
## ଓଡ଼ିଶା ବାଳିକା ଦଳ ରନର୍ସ ଅପ୍





ଭୁବନେଶ୍ୱର,୪।୧(ସମିସ): ଓଡ଼ିଶା ବାଳିକା ଦଳ ୪୪ତମ ଜାତୀୟ କନିଷ୍ଠ ବାଳିକା ଖୋ ଖୋ'ରେ ରନର୍ସ ଅପ୍ ହୋଇଛନ୍ତି। କର୍ଣ୍ଣାଟକର ଗୁଞ୍ଜୁରଠାରେ ରବିବାର ଶେଷ ହୋଇଥିବା ଫାଇନାଲ ମ୍ୟାଚ୍‌ରେ ମହାରାଷ୍ଟ୍ର ୪୪-୩୩ ପଏଣ୍ଟରେ ଓଡ଼ିଶାକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୨୫-୨୫ ପଏଣ୍ଟରେ ସମାନସ୍ତରରେ ରହିଥିଲା। ଅତିରିକ୍ତ ସମୟରେ ମହାରାଷ୍ଟ୍ର ଉନ୍ନତ ଖେଳି ଚାମ୍ପିଅନ ହୋଇଥିଲା। ଓଡ଼ିଶା ଦଳର ଅର୍ଚ୍ଚନା ପ୍ରଧାନ ବେଷ୍ଟ ଡିଫେଣ୍ଡର ଭାବେ ବିବେଚିତ ହୋଇଥିଲେ। ଓଡ଼ିଶାର ଏହି ସଫଳତା ଲାଗି ଦଳ ଓ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଯାଇଛି।

### ଆର୍‌ଏନ୍ ଦାଶ ସ୍ମାରକୀ ସ୍କୁଲ ଚେସ୍
## ଟାଇଟଲ ଜିତିଲେ ଆଦିତ୍ୟ ଶଙ୍କର



ଭୁବନେଶ୍ୱର,୪।୧(ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ୯ମ ରବିନାରାୟଣ (ଆର୍‌ଏନ୍) ଦାଶ ସ୍ମାରକୀ ସ୍କୁଲ ଚେସ୍ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମଦର୍ସ ପବ୍ଲିକ୍ ସ୍କୁଲ-୧'ର ଆଦିତ୍ୟଶଙ୍କର ବେହେରା ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କଟକ ଡିଏଭି ମେଡିକାଲ ପବ୍ଲିକ୍ ସ୍କୁଲ୍‌ର ନିରେକ ପରିଡ଼ା ୪.୫ ପଏଣ୍ଟ ପାଇ ରନର୍ସ ଅପ୍, ମଦର୍ସ-୧ର ସବ୍ୟସାଚୀ ପୃଷ୍ଟି ତୃତୀୟ, ସାଇ ଇଣ୍ଟରନ୍ୟାସନାଲର ଶିଭେଶ ଅଭତାର ଚତୁର୍ଥ ଓ କେଭି ନଂ-୧ର ଆୟୁଷ୍ମାନ ବେହେରା ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଡ. ସୁବ୍ରତ ଦାଶ, ଡ. ଶୁଭ୍ରା ପଟ୍ଟନାୟକ, ଦେବାଶିଷ ପାଣିଗ୍ରାହୀ ଓ ଶ୍ରୀମତୀ ରତ୍ନା ଦାଶ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ମୁକ୍ତେଶ୍ୱର କପ୍ କ୍ରିକେଟ
## ରାମେଶ୍ୱରକୁ ହରାଇ ମୁକ୍ତେଶ୍ୱର ଚାମ୍ପିଅନ

ଭୁବନେଶ୍ୱର,୪।୧(ଏଜେନ୍ସି)

ସ୍ଥାନୀୟ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ମୁକ୍ତେଶ୍ୱର କ୍ଲବ ୯ ୱିକେଟରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଲୋ-ସ୍କୋରିଂ ଫାଇନାଲ ମୁକାବିଲାରେ ଟସ୍ ହାରି ରାମେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୫.୨ ଓଭରରେ ୩୪ ରନରେ ଅଲଆଉଟ ହୋଇଥିଲା। ଜବାବରେ ମୁକ୍ତେଶ୍ୱର ୧୨.୪ ଓଭରରେ ଗୋଟିଏ ୱିକେଟ ହରାଇ ୩୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଗତବର୍ଷ ମୁକ୍ତେଶ୍ୱର ରନର୍ସଅପ ହୋଇଥିଲା।



ମୁକ୍ତେଶ୍ୱର ତରଫରୁ ଡି ଶୋଭନ ୧୧ ଓ ଭବତୋଷ ବାରିକ ୧୬ ରନକରି ଅପରାଜିତ ରହିଥିବା ବେଳେ ଭୁବନେଶ ସାମଲ ୭ ରନକରି ହରିବଂଶ ଭୂୟାଁଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ତରଫରୁ ଓପନର ଲିଓନେଲ ମେହେର ୧୨ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ମୁକ୍ତେଶ୍ୱରର ହିମିନିଶ ସାହୁ ୪ ଓ ଦିବ୍ୟଜ୍ୟୋତି ଶାହୁ ୫ ୱିକେଟ ଅକ୍ତିଆର କରିଥିଲେ। ହିମିନିଶ ମ୍ୟାନ ଅଫ୍ ଦି ଫାଇନାଲ, ଭୁବନେଶ ଇମର୍ଜିଂ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ଦିବ୍ୟଜ୍ୟୋତି ସାହୁ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ବିଏଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ବିଜେପି ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ମୁକ୍ତେଶ୍ୱର କ୍ଲବ ଅଧ୍ୟକ୍ଷ ତଥା ବିଧାୟକ ବାବୁ ସିଂ, କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୋହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT
IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS